ଚିକିଟୀ ଇତିହାସ ଓ ଅଧିଷ୍ଠାତ୍ରୀ ମାଂ ବାଳକୁମାରୀ

ଶ୍ରୀ ଗଣେଶ ପ୍ରସାଦ ପଣ୍ଡା

Digitized by PPRACHIN, SOA

ଚିକିଟୀ ଇତିହାସ

ଓ

ଅଧିଷ୍ଠାତ୍ରୀ ମାଂ ବାଳକୁମାରୀ

ଶ୍ରୀ ଗଣେଶ ପ୍ରସାଦ ପଣ୍ଡା

Digitized by PPRACHIN, SOA

●

ପ୍ରକାଶକ ଓ ପ୍ରାପ୍ତିସ୍ଥାନ :
ମା' ବାଲକୁମାରୀ ପୀଠ ପରିଚାଳନା ମଣ୍ଡଳୀ
ରମଗୁଡା, ଭୟା : ଚିକିଟି (ଜିଲ୍ଲା : ଗଞ୍ଜାମ)

●

ପ୍ରଥମ ମୁଦ୍ରଣ :
ନବରତ୍ର ପୂଜା ପ୍ରଥମ ବାସର
ତା ୧୦.୧୦.୯୯ ରିଖ, ରବିବାର

●

ମୁଦ୍ରଣ :
ସ୍ୱାଧୀନ ପ୍ରେସ୍, (ବ୍ରହ୍ମପୁର)

●

ପ୍ରଣେତା :
ଶ୍ରୀ ଗଣେଶ ପ୍ରସାଦ ପଣ୍ଡା, ଏମ୍.ଏ.,ବି.ଇଡ୍.
ହିନ୍ଦୀ ସାହିତ୍ୟ ସୁଧାକର : ଗୀତା କୋବିଦ
ପ୍ରଧାନ ଶିକ୍ଷକ,
ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟ,
କୃଷ୍ଣପୁର, ଚିକିଟି (ଗଞ୍ଜାମ)

●

ମୂଲ୍ୟ : ଟ ୧୨-୦୦ ଙ୍କା

Digitized by PPRACHIN, SOA

ଅଭିମତ

॥ ଓଁ ନମୋ ଭଗବତେ ବାସୁଦେବାୟ ॥

ପରମ ଶ୍ରଦ୍ଧେୟ ଶ୍ରୀଯୁକ୍ତ ଗଣେଶ ପ୍ରସାଦ ପଣ୍ଡାଙ୍କ ଦ୍ୱାରା 'ଚିକିଟି ଇତିହାସ ଓ ଅଧିଷ୍ଠାତ୍ରୀ ମା' ବାଳକୁମାରୀ'ର ସମ୍ୟକ ପାଠକରି ମୁଁ ବିଶେଷ ଆନନ୍ଦିତ । ଓଡ଼ିଶାର ଇତିହାସ ଓ ସାହିତ୍ୟ କ୍ଷେତ୍ରରେ ଏଭଳି ରଚନା ଏକ ଅଭିନବ ପ୍ରୟାସ । ବିଭିନ୍ନ ଗବେଷଣା ଲବ୍ଧ ତଥ୍ୟ ଏବଂ ଐତିହାସିକ ଉପାଦାନରେ ସମୃଦ୍ଧ ଏହି ପୁସ୍ତକ । ନବମ ଶତାବ୍ଦୀରୁ ଚିକିଟି ରାଜପରିବାରର କ୍ରମିକ ଐତିହ୍ୟ ସହିତ ମା' ବାଳକୁମାରୀ ପୀଠ, ବିଭିନ୍ନ ମନ୍ଦିର, ନାନାଦି ଗ୍ରାମ, ବ୍ରାହ୍ମଣ ଶାସନ, ସହକାର ବାଟିକା, ଜଳାଶୟ, ରାଜ ଉଆସ ପ୍ରଭୃତିର ପ୍ରତିଷ୍ଠା କିପରି ଭବେ ସମନ୍ୱିତ ଏହି ପୁସ୍ତକ ତାହାର ସୂଚନା ଦିଏ । ରାଜନ୍ୟ ମଣ୍ଡଳୀଙ୍କର ବିଭିନ୍ନ ଦେବଦେବୀଙ୍କ ପ୍ରତି ଭକ୍ତିମତ୍ତାର ପ୍ରମାଣ ମଧ୍ୟ ଏଥିରେ ପ୍ରତିପାଦିତ ।

ଚିକିଟି ଅଞ୍ଚଳବାସୀ ଜନସାଧାରଣଙ୍କ ଉକ୍ତ ମନ୍ଦିରମାନଙ୍କ ବିଷୟରେ ଚେତନା, ଶ୍ରଦ୍ଧା, ଭକ୍ତି ଓ ସମ୍ମାନ ବୃଦ୍ଧିରେ ଏହି ପୁସ୍ତକ ପରମ ସହାୟକ ହେବ ବୋଲି ମୋର ଦୃଢ଼ ବିଶ୍ୱାସ । ନବମ ଶତାବ୍ଦୀରୁ କ୍ରମାଗତ ଭବେ ଚିକିଟି ରାଜବଂଶର ଉତ୍ତରାଧିକାରୀମାନେ କଳା, ସାହିତ୍ୟ ଓ ସଙ୍ଗୀତ ବିକାଶରେ କିପରି ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । ସେ ସମ୍ପର୍କରେ ଏକ ସୁସ୍ପଷ୍ଟ ଚିତ୍ର ଏହି ପୁସ୍ତକ ପ୍ରଦର୍ଶନ କରେ ।

ପରବର୍ତ୍ତୀ କାଳରେ ଚିକିଟି ଅଞ୍ଚଳର ଓଡ଼ିଆ ସାହିତ୍ୟ ଏବଂ ଓଡ଼ିଶା ପ୍ରଦେଶକୁ ଦାନ ସମ୍ପର୍କୀୟ ଐତିହାସିକ ଗବେଷଣା ପରିପ୍ରେକ୍ଷୀରେ ଏହି ପୁସ୍ତକର ଗୁରୁତ୍ୱ ଓ ମୌଳିକତା ବେଶ୍ ହୃଦ୍‌ବୋଧ କରିହେବ କେବଳ ରାଜପରିବାର ନୁହେଁ ମହାମହୋପାଧ୍ୟାୟ ପଣ୍ଡିତ ନରହରି ପଣ୍ଡାଙ୍କ

Digitized by PPRACHIN, SOA

ଜ୍ଞାନର ଉତ୍କର୍ଷତା, ତ୍ୟାଗବୀର ନେତା ଦିବାକର ପଟ୍ଟନାୟକଙ୍କର କବି-ପ୍ରବଣତା, ରାଧାମୋହନ ବକ୍ସିଙ୍କର ବିଦ୍ୱତ୍ତା ସାଙ୍ଗକୁ ସଦାଶିବ ବିଦ୍ୟା-ଭୂଷଣ ଓ ଗଦାଧର ବିଦ୍ୟାଭୂଷଣଙ୍କ ସାହିତ୍ୟ ଜ୍ଞାନର ଗଭୀରତା ମଧ୍ୟ ଏଥିରେ ପ୍ରତିପାଦିତ ।

ଦ୍ୱିତୀୟ ପର୍ଯ୍ୟାୟରେ ଅଧିଷ୍ଠାତ୍ରୀ ମା' ବାଳକୁମାରୀଙ୍କ ଅଳକିତ ବିଭୂତିକୁ ପୁରାଣ, ଇତିହାସ, କିମ୍ବଦନ୍ତୀ, ଅନୁଭୂତି, ଓଷା, ଲୋକକଥା ତଥା ସାମାଜିକ ଚଳଣିକୁ ଆଶ୍ରୟ କରି ସେ ଯଥାସାଧ୍ୟ ପରିସ୍ଫୁଟିତ କରି ଅଛନ୍ତି ପୁସ୍ତକର ଦ୍ୱିତୀୟ ପର୍ଯ୍ୟାୟରେ । ଆଧ୍ୟାତ୍ମିକ ଦୃଷ୍ଟିଭଙ୍ଗୀ ନେଇ କର୍ମ, ଭକ୍ତି ଏବଂ ଜ୍ଞାନର ଅପରୂପ ସମାହାର ହୋଇଅଛି ଦେବୀଙ୍କ ବିଗ୍ରହରେ ।

ଯେ କୌଣସି ଦିଗରୁ ବିଚାର କଲେ ଶ୍ରୀଯୁକ୍ତ ପଣ୍ଡାଙ୍କ ରଚିତ ଏହି ପୁସ୍ତକ ଯେ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଏହା ଉପଲବ୍‌ଧି କରିହେବ । ମୁଁ କୃତବିଦ୍ୟ ଶିକ୍ଷକ, ବିଦଗ୍‌ଧ ପ୍ରବକ୍ତା, ସୁନିପୁଣ ପ୍ରାବନ୍ଧିକ ତଥା ଦିବ୍ୟଜୀବନ ସାଧକ ଶ୍ରୀଯୁକ୍ତ ପଣ୍ଡାଙ୍କୁ ଏହି ମହନୀୟ କାର୍ଯ୍ୟ ପାଇଁ ଅଭିନନ୍ଦନ ଜ୍ଞାପନ କରୁଅଛି । ଏହି ପୁସ୍ତକ ରଚନା ଦିଗରେ ତାଙ୍କର ଶ୍ରେୟସ୍କର ଅଭିଯାନ ପାଇଁ ଉତ୍କଳ-ବାସୀଙ୍କ ତରଫରୁ ଗଭୀର କୃତଜ୍ଞତା ଜ୍ଞାପନ କରୁଅଛି । ବାଣୀ ଆରାଧନା ଦିଗରେ ତାଙ୍କର ଚଳପଥ ପୁଷ୍ପିତ ଏବଂ ଆଲୋକମଣ୍ଡିତ ହେଉ । ଏହି ପୁସ୍ତକର ଲବ୍‌ଧ ଅର୍ଥ ବାଳକୁମାରୀ ପୀଠର ସମୁନ୍ନତିରେ ବିନିଯୋଗ ହେଉ-ଥିବା ଯୋଗୁଁ ମୁଁ ପରିଚାଳନା ମଣ୍ଡଳୀଙ୍କୁ ସାଧୁବାଦ ଜ୍ଞାପନ କରେ । ଏଭଳି ଉପାଦେୟ ପୁସ୍ତକର ବହୁଳ ପ୍ରଚାର ତଥା ପ୍ରସାର ପାଇଁ ଯୋଗମାତାଙ୍କ ଶୁଭାଶିଷ କାମନା କରେ ।

।। ହରିଃ ଓଁ ତତ୍‌ସତ୍ ।।

ବିନୀତ-

ଶ୍ରୀମତ୍ ସ୍ୱାମୀ ଶିବାନନ୍ଦ ଗୁରୁ ସେବାନନ୍ଦ ସରସ୍ୱତୀ

ॐ

ବ୍ରହ୍ମପୁର (ଗଞ୍ଜାମ) — ସଭାପତି

ତା ୧୦.୧୦.୯୯ ରିଖ — (ନିଖିଳ ଉତ୍କଳ ଦିବ୍ୟଜୀବନ କେନ୍ଦ୍ରୀୟ ସମିତି)

Digitized by PPRACHIN, SOA

ଉପକ୍ରମଣିକା

ସେଦିନ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ କୋଶଳ କିଶୋର ରଘୁନାଥ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ପାଇଁ ଉଦ୍ୟତ । ପରମଭକ୍ତ ଅଭୀଷଣ ଲଙ୍କପତି ବିଭୀଷଣ ଯୋଡ଼ ହସ୍ତରେ ବିନମ୍ର ନିବେଦନ କଲେ ପ୍ରଭୁଙ୍କୁ ସୁବର୍ଣ୍ଣମୟ ଲଙ୍କା କଟକରେ କିଛିଦିନ ଆତିଥ୍ୟ ଗ୍ରହଣ ସକାଶେ । ଅଗ୍ରଜ ଆଜ୍ଞାବହ ସୌମିତ୍ରୀ ରଥୀଙ୍କ ମନ ଭରିଗଲା ବିଭୀଷଣଙ୍କ ବିନୟୋକ୍ତିରେ । ସତୃଷ୍ଣ ନେତ୍ରରେ ଅଗ୍ରଜଙ୍କୁ ଅବଲୋକନ କଲେ ସେ । ହେଲେ ସତ୍ୟସନ୍ଧ ଦଶରଥ ତନୟ ଉଦାତ୍ତ କଣ୍ଠରେ ଉତ୍ତର ଦେଇଥିଲେ—

"ଅପି ସ୍ୱର୍ଣ୍ଣମୟୀ ଲଙ୍କା ନମେ ଲକ୍ଷ୍ମଣ ରୋଚତେ,
ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରିୟସୀ ।" (ମହାନାଟକ)

ଲକ୍ଷ୍ମଣ ! ଲଙ୍କା କଟକ ସୁବର୍ଣ୍ଣମୟ ହେଲେ ମଧ୍ୟ ମୋ ପାଇଁ ରୁଚିକର ନୁହେଁ, କାରଣ ଜନନୀ ଓ ଜନ୍ମଭୂମି ସ୍ୱର୍ଗଠାରୁ ମଧ୍ୟ ବୃହତ୍ତର । ପୁଷ୍ପକ ବିମାନ ହେଲା ସୁସଜ୍ଜିତ ସଦଳେ ବଳେ ରଘବେନ୍ଦ୍ର, ମା' ବୈଦେହୀ ସତୀଙ୍କ ସହିତ ଉପବେଶନ କଲେ । ତ୍ରେତୟା ଯୁଗର ସେହି ଅଦ୍ଭୁତ ବ୍ୟୋମଯାନର ଅପୂର୍ବ ପ୍ରସଙ୍ଗ । ତେବେ ମହାନାଟକର ଏହି ଶାଶ୍ୱତ ପଂକ୍ତି କେବଳ ପରମ ପୁରୁଷ ଶ୍ରୀରାମଙ୍କ ପାଇଁ ନୁହେଁ, ସମସ୍ତ ଜୀବାତ୍ମାଙ୍କ ପାଇଁ ଅଭିପ୍ରେତ ।

ଲାଲ ମାଟିର ଟିକି ସହର ଏଇ ଚିକିଟୀ ମୋର ଜନ୍ମଭୂମି । ସମସ୍ତଙ୍କ ପାର୍ଥିବ ଶରୀରରେ ଗର୍ଭଧାରିଣୀ ଜନନୀ ସର୍ବାଦୌ ପୂଜନୀୟ । କିନ୍ତୁ ସେ ମଧ୍ୟ ଯୋଗମାତା ଚିନ୍ମୟୀ ଜନନୀଙ୍କ ଅଂଶ ସଂଭୂତ । ପରମ ବୈଷ୍ଣବୀ ଅଭୟ ବରଦହସ୍ତା ମା' ବାଳକୁମାରୀ ଆବାଳବୃଦ୍ଧବନିତାଙ୍କ ପାଇଁ ଆଦିମାତା ସେ । ଜନ୍ମଭୂମିର ବିଧିବଦ୍ଧ ଇତିହାସ ଜାଣିବା ଏବଂ କଲ୍ୟାଣମୟୀ ମା' ବାଳକୁମାରୀଙ୍କ ଲୀଳାମୟ ମହିମା ବର୍ଣ୍ଣନା କରିବାରେ ମୁଁ ଶୈଶବ ଅବସ୍ଥାରୁ ପରମ ଆଗ୍ରହୀ । ତେବେ ମୁଁ ନୁହେଁ ଐତିହାସିକ କିମ୍ବା ନୁହେଁ

Digitized by PPRACHIN, SOA

ମଧ୍ୟ ସାହିତ୍ୟିକ । ମୋର ନାହିଁ ଭଷାତାତ୍ତ୍ୱିକ ଜ୍ଞାନ କିମ୍ବା ନାହିଁ ମଧ୍ୟ ଲିଖନ ଶୈଳୀରେ ଧ୍ୟାନ । ତଥାପି ଏହି ବିଚିତ୍ର ଭୂମିର ଆଗାମୀ ପୀଢ଼ିଙ୍କୁ ଏବଂ ଇତିହାସର ପରମ ଉତ୍ସାହୀ ଗବେଷକ ବନ୍ଧୁମାନଙ୍କୁ କେତେକାଂଶରେ ପରିବେଦିତ କରାଇବା ମହତ୍ ଲକ୍ଷ୍ୟ ନେଇ ଲେଖିବାର ଅଦମ୍ୟ ଲାଳସା ଜାଗ୍ରତ ହେଲା ମନ ମଧ୍ୟରେ ।

ମୋର ପରମ ହିତାକାଂକ୍ଷୀ ସାରସ୍ୱତ ସାଧକ ତଥା ଚିକିଟି ମାଟିର ଅନ୍ୟତମ ସାର୍ଥକ ସନ୍ତାନ ସ୍ୱର୍ଗତ ନରସିଂହ ଦେଓ ବାରମ୍ବାର କହନ୍ତି— "ଭଷଣ, ପ୍ରବଚନ, ଉଦ୍‌ବୋଧନ ସବୁକିଛି କ୍ଷଣକ ପାଇଁ । ପଣ୍ଡା ବାବୁ ଚାରିପଦ ଲେଖିଦେଲେ ତାହା ଅମରାକ୍ଷରରେ ଗ୍ରଥିତ ହୋଇ ରହିବ ।" ବାସ୍ତବରେ—"କୀର୍ତ୍ତି ଅକ୍ଷର ସମ୍ଭନ୍ଧା ସ୍ଥିର ଭବନ୍ତ ଭୂତଳେ ।"

ଗଞ୍ଜାମ ଶିକ୍ଷାମଣ୍ଡଳର ଅବସରପ୍ରାପ୍ତ ପରିଦର୍ଶକ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍ ମୋର ପିତୃପ୍ରତୀମ ଗୁଣିନ୍ଦ୍ର ବିଦ୍ୟାଗୁରୁ ଶ୍ରୀଯୁକ୍ତ ଶିବରାମ ରଥ କହିଲେ—"ଗଣେଶ ! ତୁମ ଅଞ୍ଚଳର ସାହିତ୍ୟ, କଳା ସଂସ୍କୃତିକୁ ନେଇ ଖଣ୍ଡେ ପୁସ୍ତକ ଲେଖ, ଯେମିତି ମୋର ସ୍ୱରଚିତ ଧରାକୋଟ ଇତିହାସ ।"

ସେଦିନ ମହାବିଷୁବ ସଂକ୍ରାନ୍ତିର ପରମ ପାବନ ମୁହୂର୍ତ୍ତ । ଶ୍ରଦ୍ଧେୟ ସୁଧୀର କୁମାର ସାବତ ଏବଂ ପ୍ରୀତିସ୍ନିଗ୍ଧ ଅଭିମନ୍ୟୁ ରାଉଳ ମୋର ବାସଭବନକୁ ଆସି ଚିକିଟି ଅଞ୍ଚଳ ଏବଂ ମା' ବାଳକୁମାରୀଙ୍କ ପ୍ରସଙ୍ଗରେ କିଛି ରଚନା କରିବାକୁ ପରାମର୍ଶ ଦେଲେ । ପୁସ୍ତକ ଛାପିଲେ ମା'ଙ୍କ ଅପ୍ରକଟିତ ମହିମା ପରିବ୍ୟାପ୍ତ ହେବ । କଥାଟା ମୋ ମନକୁ ଛୁଇଁଲା, ହେଲେ ଜଗତଜନନୀର କରୁଣା କଟାକ୍ଷର ଅପେକ୍ଷାରେ ରହିଲି । ବହୁ ଜ୍ଞାନୀ, ମାନୀ, ଐତିହାସିକ, ପ୍ରାବନ୍ଧିକ, କାରିଗର, ସାମ୍ବାଦିକ, ସେବକ ଏବଂ ଶିକ୍ଷାବିତ୍‌ଙ୍କ ସାକ୍ଷାତପୂର୍ବକ ତଥ୍ୟ ସଂଗ୍ରହ କଲି । ବହୁ ପ୍ରାମାଣିକ ଗ୍ରନ୍ଥର ମଧ୍ୟ ଅନୁଶୀଳନ କଲି । ଲେଖିଦେଲି ଏଇ ସଂକ୍ଷିପ୍ତ ପୁସ୍ତିକା ଖଣ୍ଡିକ । ହେଲେ ଏହା ଏକ ଲଘୁ ଉଦ୍ୟମ ମାତ୍ର । ଏଥିରେ ବହୁ ତ୍ରୁଟି ବିଚ୍ୟୁତି ମଧ୍ୟ ଥାଇପାରେ । ଏଗାର ଶହ ବର୍ଷର ଇତିହାସ ମଧ୍ୟରୁ ମୁଁ ମାତ୍ର ବତିଶ ଜଣଙ୍କ ବ୍ୟକ୍ତିତ୍ୱ ସମ୍ପର୍କରେ ସାମାନ୍ୟ ଆଲୋକପାତ ମାତ୍ର କରିଛି । ପୁନଶ୍ଚ ମା'

Digitized by PPRACHIN, SOA

ବାଳକୁମାରୀଙ୍କ ନାନା ଆନୁସଂଗିକ ତଥ୍ୟ ତଥ୍ୟାନ୍ତର ଲୋକଲୋଚନକୁ ଆଣିବାକୁ ଯଥାସାଧ୍ୟ ଚେଷ୍ଟା ମାତ୍ର କରିଛି । ଏହା ପ୍ରଥମ ଭାଗ । ଦ୍ୱିତୀୟ ଭାଗରେ ବହୁ ବଳିଷ୍ଠ ବ୍ୟକ୍ତିତ୍ୱ ଏବଂ ଆଧ୍ୟାତ୍ମିକ ରହସ୍ୟ ପ୍ରକାଶ କରିବାର ଉଦ୍ୟମ ଚାଲିଛି ।

ତଥ୍ୟଗତ ତ୍ରୁଟି, ଭାଷାଗତ ବିଚ୍ୟୁତି କିମ୍ବା ଭାବଗତ ଅଭିବ୍ୟକ୍ତି ଯଦି କୌଣସି ସହୃଦୟ ପାଠକ ପାଠିକା ଆମ ଦୃଷ୍ଟିକୁ ଆଣନ୍ତୁ ଆଗାମୀ ସଂସ୍କରଣରେ ତାହାର ପରିମାର୍ଜିତ ତଥା ପରିବର୍ଦ୍ଧିତ ପ୍ରକାଶନର ଉଦ୍ୟମ କରିବୁ ।

ପ୍ରାଚୀନ ମୁଦ୍ରଣାଳୟ ସ୍ୱାଧୀନ ପ୍ରେସ୍‌ର ପରମ ସମ୍ବେଦନଶୀଳ ତଥା ଏକାନ୍ତ ନିଷ୍ଠାପର ପରିଚାଳକ ସମ୍ମାନାସ୍ପଦ ଗୋପୀନାଥ ସାହୁ ମହାଶୟଙ୍କ ମୁଦ୍ରଣରେ ଅବିଶ୍ରାନ୍ତ ଉଦ୍ୟମ ସଦା ଅବିସ୍ମରଣୀୟ ।

ବାଳକୁମାରୀ ଶିଖର ପୀଠର ମନ୍ଦିର ପରିଚାଳନା ମଣ୍ଡଳୀ ଏହି ପୁସ୍ତକର ପ୍ରକାଶକ ଏବଂ ସତ୍ତ୍ୱାଧିକାରୀ । ସେମାନଙ୍କର ଅଫୁରନ୍ତ ସହଯୋଗ ଏବଂ ଅଦମ୍ୟ ପ୍ରେରଣା ମୋତେ ଅଗ୍ରସର କରାଇଅଛି ସତ୍‌ପଥରେ । ସେମାନଙ୍କ ନିକଟରେ ମଧ୍ୟ ମୁଁ ଚିର କୃତଜ୍ଞ ।

ସମସ୍ତଙ୍କର ଶୁଭାଶିଷ କାମନା କରି ସାଙ୍ଗ କରୁଛି ମୋର ଗୌର-ଚନ୍ଦ୍ରିକାର କଳେବର ।

ଅନ୍ନପୂର୍ଣ୍ଣା ନିଳୟ
ଚିକିଟୀ (ଗଞ୍ଜାମ)
ତା ୧୦.୧୦.୯୯ ରିଖ

ଗଣେଶ ପ୍ରସାଦ ପଣ୍ଡା,
ଏମ୍.ଏ.ବି.ଇଡ.
ହିନ୍ଦୀ ସାହିତ୍ୟ ସୁଧାକର, ଗୀତା କୋବିଦ

Digitized by PPRACHIN, SOA

Digitized by PPRACHIN, SOA

॥ ସୂଚୀପତ୍ର ॥

● ପ୍ରଥମ ପର୍ଯ୍ୟାୟ ●

୧ । ନବମ ଶତାବ୍ଦୀର 'ଚେଟକ' ଅଞ୍ଚଳ ୧
୨ । ପ୍ରଥମ ରାଜା ଶ୍ରୀ କେଶବ ରାଉତରାୟ ୨
୩ । ଦ୍ୱିତୀୟ ରାଜା ଶ୍ରୀ ବଳଭଦ୍ର ରାଉତରାୟ ୩
୪ । ତୃତୀୟ ରାଜା ଶ୍ରୀ ମାଧବ ରାଉତରାୟ ୪
୫ । ଚତୁର୍ଥ ରାଜା ଶ୍ରୀ ଲଙ୍କଳି ରାଉତରାୟ ୪
୬ । ପଞ୍ଚମ ରାଜା ଶ୍ରୀ ମୋହନ ରାଉତରାୟ ୪
୭ । ଷଷ୍ଠ ରାଜା ଶ୍ରୀ ବଳରାମ ରାଉତରାୟ ୫
୮ । ସପ୍ତମ ରାଜା ଶ୍ରୀ ବିଶ୍ୱନାଥ ରାଉତରାୟ ୫
୯ । ନବମ ରାଜା ଶ୍ରୀ ରଘୁନାଥ ରାଉତରାୟ ୫
୧୦ । ଦଶମ ରାଜା ଶ୍ରୀ ଦୀନବନ୍ଧୁ ରାଉତରାୟ ୬
୧୧ । ଏକାଦଶ ରାଜା ଶ୍ରୀ ଗୋପୀନାଥ ରାଉତରାୟ ୬
୧୨ । ଦ୍ୱାଦଶ ରାଜା ଶ୍ରୀ ରାମଚନ୍ଦ୍ର ରାଉତରାୟ ୬
୧୩ । ତ୍ରୟୋଦଶ ରାଜା ଶ୍ରୀ ନାରାୟଣ ରାଉତରାୟ ୭
୧୪ । ଚତୁର୍ଦ୍ଦଶ ରାଜା ଶ୍ରୀ ନୃସିଂହ ରାଉତରାୟ ୭
୧୫ । ପଞ୍ଚଦଶ ରାଜା ଶ୍ରୀ ଲୋକନାଥ ରାଉତରାୟ ୮
୧୬ । ଷୋଡଶ ରାଜା ଶ୍ରୀ ଯଦୁମଣି ଗଜେନ୍ଦ୍ରଦେବ ୮
୧୭ । ସପ୍ତଦଶ ରାଜା ଶ୍ରୀ ମଧୁସୂଦନ ଗଜେନ୍ଦ୍ରଦେବ ୯
୧୮ । ଅଷ୍ଟଦଶ ରାଜା ଶ୍ରୀ କୁଳମଣି ଗଜେନ୍ଦ୍ରଦେବ (ପ୍ରଥମ) ୯
୧୯ । ଊନବିଂଶ ରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜେନ୍ଦ୍ରଦେବ ୧୦
୨୦ । ବିଂଶତମ ରାଜା ଶ୍ରୀ ପୀତାମ୍ବର ଗଜେନ୍ଦ୍ରଦେବ ୧୧
୨୧ । ଏକବିଂଶ ରାଜା ଶ୍ରୀ ଗୋବିନ୍ଦଚନ୍ଦ୍ର ଗଜେନ୍ଦ୍ରଦେବ ୧୨
୨୨ । ଦ୍ୱାବିଂଶ ରାଜା ଶ୍ରୀ କୁଳମଣି ଗଜେନ୍ଦ୍ରଦେବ (ଦ୍ୱିତୀୟ) ୧୨
୨୩ । ତ୍ରୟୋବିଂଶ ରାଜା ଶ୍ରୀ ବୃନ୍ଦାବନ ଗଜେନ୍ଦ୍ରଦେବ ୧୨

Digitized by PPRACHIN, SOA

୨୪ । ଚତୁର୍ବିଂଶ ରଜା ଶ୍ରୀ ଜଗନ୍ନାଥ ରଜେନ୍ଦ୍ର ଦେବ ୧୩
୨୫ । ପଞ୍ଚବିଂଶ ରଜା ଶ୍ରୀ ବିଶ୍ୱମ୍ଭର ରଜେନ୍ଦ୍ର ଦେବ ୧୩
୨୬ । ଷଡ଼ବିଂଶ ରଜା ଶ୍ରୀ କିଶୋରଚନ୍ଦ୍ର ରଜେନ୍ଦ୍ର ଦେବ ୧୫
୨୭ । ସପ୍ତବିଂଶ ରଜା ଶ୍ରୀ ରାଧାମୋହନ ରଜେନ୍ଦ୍ର ଦେବ ୧୬
୨୮ । ଅଷ୍ଟବିଂଶ ରଜା ଶ୍ରୀ ଗୌରଚନ୍ଦ୍ର ଦେବ ୧୮
୨୯ । ମହାମହୋପାଧ୍ୟାୟ ନରହରି ପଣ୍ଡା ଓ ପ୍ରସିଦ୍ଧ ବାରହୀ ପୀଠ ୨୩
୩୦ । ଦିମାକ୍‌ଦାର ଜନସେବକ ଓ ତ୍ୟାଗବୀର ଦିବାକର ୨୫
୩୧ । ଚେଟକରୁ ଚିକିଟୀ ନାମକରଣ ଏକ ବୌଦ୍ଧିକ ବିଶ୍ଳେଷଣ ୩୦

● ଦ୍ୱିତୀୟ ପର୍ଯ୍ୟାୟ ●

୧ । ଶ୍ରୀମନ୍ଦିରରେ ବିମଳାଙ୍କ ବାଳକୁମାରୀ ବେଶ ୩୩
୨ । ବୋଦାଗିରି ପୀଠାସିନା ମା' ବାଳକୁମାରୀ ୩୪
୩ । ଶିଖର ପୀଠବାସିନୀ ମା' ବାଳକୁମାରୀ ୩୬
୪ । ଚିକିଟୀ ଗଡ ସୀମାରେ ମା' ବାଳକୁମାରୀଙ୍କ ପୀଠ ପ୍ରତିମା (ସାନ ବାଳକୁମାରୀ) ୩୯
୫ । ଚିକିଟୀ ଗଡ ଦୁର୍ଗା ମନ୍ଦିର ଦକ୍ଷିଣ ପାର୍ଶ୍ୱରେ ମା' ବାଳକୁମାରୀ ପୀଠ ପ୍ରତିମା ୪୧
୬ । ଉତ୍ତର ସୀମାନ୍ତ ରାଜ୍ୟ ନେପାଳରେ ବାଳକୁମାରୀ ପୂଜା ପ୍ରସଙ୍ଗ ୪୧
୭ । ଉତ୍କଳୀୟ ବିବିଧ ପୁରାଣ ପୃଷ୍ଠାରୁ ବାଳକୁମାରୀ ଓଷାର ପ୍ରବାଦ ୪୩
୮ । କେତେକ ମହିମାମଣ୍ଡିତ କିମ୍ବଦନ୍ତୀ ଏବଂ ଅବିସ୍ମରଣୀୟ ଅନୁଭୂତି ୪୫
୯ । ଅପରିଚିତ ଭଦ୍ରବ୍ୟକ୍ତି ବେଶରେ ମା' ବାଳକୁମାରୀ ୪୮
୧୦ । ପାରସମ୍ବା ଗ୍ରାମବାସୀ ଦୈତାରୀ ପ୍ରଧାନଙ୍କ ଶରୀର ଆରୋଗ୍ୟରେ ବାଳକୁମାରୀଙ୍କ ଅବଦାନ ୪୯
୧୧ । ଶିଖର ପୀଠରେ ନାନାଦି ଉନ୍ନୟନମୂଳକ ଯୋଜନାର ରୂପାୟନ ୫୧
୧୨ । ଶିଖର ପୀଠରେ ପରିପାଳିତ ଯାନିଯାତ୍ରା ଏବଂ ପୂଜା ପଦ୍ଧତି ୫୪
୧୩ । ମା' ବାଳକୁମାରୀଙ୍କ ଶିଖର ପୀଠ ଏକ ମନୋଜ୍ଞ ପର୍ଯ୍ୟଟନ କେନ୍ଦ୍ର ୫୫

— ❀ —

Digitized by PPRACHIN, SOA

ପ୍ରଥମ ପର୍ଯ୍ୟାୟ

ନବମ ଶତାବ୍ଦୀର "ଚେକ୍‌ଟକ" ଅଞ୍ଚଳ

ସଂଖ୍ୟା ବିଜ୍ଞାନରେ ନ' ଅଙ୍କଟି ଅତି ତାତ୍ତ୍ୱିକ ଏବଂ ଗୁରୁତ୍ୱପୂର୍ଣ୍ଣ । ଅଙ୍କ ଶାସ୍ତ୍ରରେ ନ' ବୃହତ୍ତମ ଏକ ଅଙ୍କ ବିଶିଷ୍ଟ ସଂଖ୍ୟା । ଏହି ନ'ର ପୂରଣ-ବାଚକ ସଂଖ୍ୟା ହେଲା ନବମ । ଇତିହାସ ପୃଷ୍ଠା ଆଲୋଡନ କଲେ ଏହି ନବମ ଶତାବ୍ଦୀ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସମଗ୍ର ଉତ୍କଳ ଭୂଖଣ୍ଡରେ ସେତେବେଳେ ରାଜତ୍ୱରେ ଅବସ୍ଥାପିତ ଥାଆନ୍ତି ଆତ୍ରେୟ ଗୋତ୍ରୀ ମହାରାଜା ଯଯାତି କେଶରୀ । ତାଙ୍କରି ଉଦ୍ୟମ ବଳରେ କମ୍ୱୁକଟକରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠିତ ହେଲା ୮୨୪ ଖ୍ରୀଷ୍ଟାବ୍ଦରେ ଜଗନ୍ନାଥ ତ ସାରା ଜଗତର ଅନନ୍ୟ ସାଧାରଣ ଅଧିପତି ତେବେ ଓଡ଼ିଆ ସଂସ୍କୃତି ଏବଂ ସଭ୍ୟତାର ସେ ପ୍ରତୀକ ଦେବତା ରୂପେ ପରିଗୃହୀତ । ଏବେବି ଓଡ଼ିଶା ବାହାରକୁ ଗଲେ ଓଡ଼ିଆ ପୁଅ ଜଗନ୍ନାଥ ଧାମର ଦାୟାଦ ରୂପେ ସମ୍ମାନିତ ହୁଏ ।

ତେବେ ତଦାନିନ୍ତନ ଭିତ୍ତିରେ ସାମାଜିକ ବିଶୃଙ୍ଖଳା ଏବଂ ଶାସନଗତ ଅସାମଞ୍ଜସ୍ୟକୁ ସଜାଡିବା ପାଇଁ ଯଯାତି କେଶରୀ ବ୍ୟାପକ ପଦକ୍ଷେପ ଗ୍ରହଣ କଲେ ।

ଉତ୍କଳ ହେଲା କେତେକ ବିଭାଗରେ ବିଭାଜିତ, ଶାସକଗତ ଶୃଙ୍ଖଳା ଦୃଷ୍ଟିରୁ । ରାଜରାଜୁଡ଼ା ଶାସନରେ ପ୍ରାଚୀନ ପରମ୍ପରା ଅନୁକ୍ରମେ ପ୍ରତି ରାଜ ସିଂହାସନର ଉତ୍ତରାଧିକାରୀ ହୁଅନ୍ତି ଜ୍ୟେଷ୍ଠ ପୁତ୍ର ସିଏ ପୁଣି କୁଳଶ୍ରେଷ୍ଠ । ଏହି ଜଗନ୍ନାଥ କ୍ଷେତ୍ର ଉତ୍କଳରେ ମାଦଳା ପାଞ୍ଜିର ଚଳଣି ଅନୁସାରେ ଦାରୁଦେବତାଙ୍କ ପ୍ରଥମ ଏବଂ ସର୍ବଶ୍ରେଷ୍ଠ ସେବକ ହେଲେ ସ୍ୱୟଂ ଗଜପତି । ବଳିଆରଭୁଜର ଖାସ ନିକଟତମ ବୋଲି ଏହି ଗଜପତି ଠାକୁର ରାଜା ନାମରେ ଆଖ୍ୟାତ । ଜଗାକାଳିଆର କମ୍ୱୁକଟକରେ ଛତିଚରସ ବାନ୍ଧ ଗଜ ଉପରେ ବସି ବଡ ଦାଣ୍ଡରେ ଯାତ୍ରା କରିବା ଖାସ ଅଧିକାର ସେହି ଠାକୁର

Digitized by PPRACHIN, SOA

ରାଜାର ହିଁ ଅଛି । ଏହି ଗଜପତି ତେଣୁ ଉତ୍କଳ ଇତିହାସରେ ଚଳନ୍ତ ପ୍ରତିମା ରୂପେ ସର୍ବଜନ ପରିପୂଜିତା ହୋଇ ଆସୁଛନ୍ତି ।

କେତେକଙ୍କ ମତରେ କମ୍ବୁକଟକର ଏହି ଅଁଚଳ ମେରୁ ଦାରୁବ୍ରହ୍ମଙ୍କ ସେବକଙ୍କୁ ଗଉଡ ଅଥବା ରାଉତରାୟ ଉପାଧିରେ ବିଭୂଷିତ କରାଯାଏ । ଏହି ମହାରାଜା ଯଯାତି କେଶରୀଙ୍କ ଶାସନଗତ ସୁବିଧା ଦୃଷ୍ଟିରୁ ୮୮୧ ଖ୍ରୀଷ୍ଟାବ୍ଦରେ ଉତ୍କଳ ସାମ୍ରାଜ୍ୟର ଦକ୍ଷିଣ ଅଞ୍ଚଳକୁ "ଚେଟକ" ରାଜ୍ୟ ନାମ ଦେଲେ ପ୍ରାଣପ୍ରିୟ ଅନୁଜ କେଶବ ଗଉତରାୟ ତାଙ୍କର ଥିଲେ ଅତି ବିଶ୍ୱସ୍ତ । ତାଙ୍କ ଦାୟିତ୍ୱରେ ରହିଲା ଏହି ଚେଟକ ଅଞ୍ଚଳ । ଭଷା ତାତ୍ତ୍ୱିକ ଦୃଷ୍ଟିକୋଣରୁ ଚେଟକ ଶବ୍ଦର ଅର୍ଥ ଉପ-ରାଜଧାନୀ । କେଶବ ରାଉତରାୟ ଜନୈକ କରଦ ରଜା ରୂପେ ଏଠାରେ ଅବସ୍ଥାପିତ ହେଲେ । ତେଣୁ ସେ କରଦ ରାଜାରୁ କର୍ଦ୍ଦମ ସିଂହ ଉପାଧିରେ ବିମଣ୍ଡିତ ହେବା ଦୃଷ୍ଟାନ୍ତ ମଧ୍ୟ ଅଛି । କେହି କେହି ମତ ଦିଅନ୍ତି ପୁରୀ ଗଜପତିଙ୍କ ସାମନ୍ତ ପରିବାରର ଅନ୍ୟତମ ଦାୟାଦ ଥିଲେ ଏହି କରଦ ରାଜା କେଶବ ଗଉତରାୟ ମହାଶୟ । ଏହି ଚେଟକ ରାଜ୍ୟର ବିସ୍ତୃତି ବିଷୟରେ ଲୋକମୁଖରୁ ଶୁଣାଯାଏ ଯେ ଏହା ମହେନ୍ଦ୍ର ଗିରିର ଦକ୍ଷିଣ ପ୍ରାନ୍ତରୁ ବଙ୍ଗୋପସାଗର ଉପକୂଳ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା ।

ପ୍ରଥମ ରଜା **ଶ୍ରୀ କେଶବ ରାଉତରାୟ**

ପରମ ଦେବୀଭକ୍ତ ତଥା ପୁଣ୍ୟଶ୍ଳୋକ ରଜା କେଶବ ଗଉତରାୟ ବୋଦାଗିରି ନାମକ ଏକ ପରମ ନିରାପଦ ତଥା ନୈସର୍ଗିକ ସୁଷମାଶ୍ରୀ ବିମଣ୍ଡିତ ସ୍ଥଳୀରେ ସ୍ୱୀୟ ରାଜଧାନୀ ପ୍ରତିଷ୍ଠା କଲେ । କତିପୟ ଐତିହାସିକଙ୍କ ଯୁକ୍ତି ଅନୁକ୍ରମେ ଏହି ଚେଟକ ରାଜ୍ୟର ଅନ୍ୟ ନାମ ଥିଲା ଶ୍ୱେତକ । ଯଦି ଏହା ସତ୍ୟ; ତେବେ ଶ୍ୱେତକ ହେବା ତତ୍ସମ ଶବ୍ଦ । ଏହି ମହାମଣ୍ଡିମ ପ୍ରତିମ କରଦ ରାଜା ଥିଲେ ଜଣେ ନିଷ୍ଠାପର ତନ୍ତ୍ରସାଧକ । ଶ୍ରୀମନ୍ଦିରର ନୀତିକାନ୍ତି ମଧ୍ୟରେ ମା' ବିମଳାଙ୍କୁ ଆଶ୍ୱିନ ପୂର୍ଣ୍ଣିମା ଅର୍ଥାତ୍ ପବିତ୍ର କୁମାର ପୂର୍ଣ୍ଣିମା ତିଥିରେ ବାଳକୁମାରୀ ବେଶରେ ବିଭୂଷିତ କରାଯାଏ ପ୍ରତିବର୍ଷ । ଏହି ବାଳକୁମାରୀଙ୍କ ପ୍ରିୟ ସାଧକ ରାଜା କେଶବ । ସମ୍ଭବତଃ ସେହି ବାଳକୁମାରୀଙ୍କ ଆଜ୍ଞା ପୁଷ୍ପ କିମ୍ବା ପାଦପ୍ରତିମା ଆଣି

Digitized by PPRACHIN, SOA

ସ୍ୱରାଜଧାନୀ ବୋଦାଗିରି ଠାରେ ବାଳକୁମାରୀଙ୍କ ପ୍ରତିମା ପ୍ରତିଷ୍ଠା କରାଇଥିଲେ ।

ତନ୍ତ୍ର ସାଧନାରେ ସିଦ୍ଧ ରାଜା କେଶବ କ୍ରମେ ହୋଇ ଉଠିଲେ ମହା ପରାକ୍ରମଶାଳୀ । ଏହି ଅଞ୍ଚଳର ଆଦିମଅଧିବାସୀଙ୍କୁ କୁହାଯାଉଥିଲା କଟାରୀ ଜାତିର ବଂଶଧର । ଅର୍ବାଚୀନ ରାଜାଙ୍କ ଜବରଦଖଲରେ କଟାରୀମାନେ ଅତିଷ୍ଠ ହେଲେ, ପ୍ରତିରୋଧ କଲେ । ରାଜା ଅଗତ୍ୟା ଏହି ପ୍ରତିରୋଧକୁ ଏଡାଇବା ପ୍ରକାଶେ ତୁମୁଳ ସଂଗ୍ରାମ କରି ପରିଶେଷରେ ବିଜୟର ବୈଜୟନ୍ତୀ ଉଡାଇଲେ କେଶବ ରାଉତରାୟ । ସାଗର ପୁଳିନରେ ଏହି କଟାରୀ ବିଜୟର ସଙ୍କେତ ସ୍ୱରୂପ ରାଜା କଟାରୀ ମନ୍ଦିର ପ୍ରତିଷ୍ଠା କଲେ ଯାହା କାଳକ୍ରମେ ହେଲା କୁଠାରୀ ଚଣ୍ଡିକାଙ୍କ ପ୍ରସିଦ୍ଧ ପୀଠ । ଏହି ପରମ କୃପାମୟୀ ମା' କୁଠାରୀ ରାଉତରାୟଙ୍କ ଇଷ୍ଟଦେବୀ ରୂପେ ଅଧିଷ୍ଠିତ ହେଲେ । ବଂଶାନୁକ୍ରମିକ ଭାବେ ଏହି କୁଠାରୀ ହିଁ ଇଷ୍ଟଦେବୀ ରୂପେ ପୂଜା ପାଆନ୍ତି । ଏହି ରାଜା ନିଜକୁ ମା' କୁଠାରୀଙ୍କ ବରପୁତ୍ର ରୂପେ ପରିଚୟ ଦେବାକୁ ପରମ ସୌଭାଗ୍ୟବାନ୍ ମନେକଲେ ।

ଏହି ପରିପ୍ରେକ୍ଷୀରେ ଦୃଷ୍ଟି ଦିଗ୍‌ବଳୟକୁ ଆସେ ଓଡ଼ିଶାର ପ୍ରାଚୀନ ପ୍ରାଣକେନ୍ଦ୍ର କଟକ ନଗରୀର ଜନ୍ମ ବୃତ୍ତାନ୍ତ । ଶାସନର ସୂତ୍ରରୁ ପରିଷ୍କଳନା ପ୍ରକାଶେ ୮୮୯ ଖ୍ରୀଷ୍ଟାବ୍ଦରେ ନିର୍ମାଣ କଲେ କଟକ । ପୁନଶ୍ଚ କେତେକ ଐତିହାସିକ ସପ୍ରମାଣ ମତବ୍ୟକ୍ତ କରନ୍ତି ଯେ ଭୌମକର ବଂଶର ରାଜତ୍ୱ କାଳରେ ୭୭୬ ଖ୍ରୀଷ୍ଟାବ୍ଦ ଠାରୁ ୯୩୦ ଖ୍ରୀଷ୍ଟାବ୍ଦ ମଧ୍ୟରେ କଟକ ନଗରୀର କ୍ରମବିବର୍ଦ୍ଧମାନ ସ୍ଥାପନ ହୋଇଥିଲା । ଐତିହାସିକ ଷ୍ଟର୍ଲିଂ ସାହେବଙ୍କ ଗଣନାରୁ ପ୍ରମାଣ ମିଳେ ଯେ, ୯୮୯ ଖ୍ରୀଷ୍ଟାବ୍ଦରେ ନିର୍ମିତ ହୋଇଥିଲା କଟକ ନଗରୀ ।

ଚେଟକ ରାଜ୍ୟ ସମୃଦ୍ଧିଶାଳୀ ସୁବିସ୍ତୃତ ଉପ-ରାଜଧାନୀ ଥିଲା ଦକ୍ଷିଣ ଦିଗନ୍ତରେ ।

ଦ୍ୱିତୀୟ ରାଜା ଶ୍ରୀ ବଳଭଦ୍ର ରାଉତରାୟ

କେଶବ ରାଉତରାୟଙ୍କ ପରେ ପୁତ୍ର ବଳଭଦ୍ର ରାଉତରାୟ ୯୬୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଚେଟକ ରାଜ୍ୟର ରାଜପଦରେ ଅବସ୍ଥାପିତ ହେଲେ ।

Digitized by PPRACHIN, SOA

ଏହି ମହାନ୍ ଚେଟକ ରାଜ୍ୟର ପ୍ରଜାହିତକର କାର୍ଯ୍ୟ ସଙ୍ଗେ ସଙ୍ଗେ ସେ ସାଂଗଠନିକ କର୍ମରେ ମନୋନିବେଶ କଲେ । ଶତ୍ରୁଙ୍କ ଦୌରାତ୍ମ୍ୟରୁ ରାଜ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଜାଗ୍ରତ ସେନାବାହିନୀ ଗଢ଼ିଥିଲେ ।

ତୃତୀୟ ରାଜା ଶ୍ରୀ ମାଧବ ରାଉତରାୟ

ପୁଣି ବଳଭଦ୍ରଙ୍କ ପରେ ସୁପୁତ୍ର ମାଧବ ରାଉତରାୟ ୯୯୮ ମସିହା ଠାରୁ ୧୦୫୯ ମସିହା ପର୍ଯ୍ୟନ୍ତ ଏହି ଚେଟକ ରାଜ୍ୟର ଶାସନଭାରରେ ଅବସ୍ଥାପିତ ହେଲେ । ପରମ ପ୍ରଜାବତ୍ସଳ ଥିଲେ ଏହି ରାଜା । ପେଣ୍ଠୁ ରାଖଳି ଶାସନ ତାଙ୍କରି ସମୟରେ ପ୍ରତିଷ୍ଠିତ ହୋଇଥିଲା । ଏକନିଷ୍ଠ ଶିବଭକ୍ତ ଏହି ରାଜାଙ୍କ ସମୟରେ ନାନାଦି ଶୈବପୀଠ ରାଜ୍ୟ ମଧ୍ୟରେ ପ୍ରତିଷ୍ଠିତ ହୋଇଥିଲା ।

ଏହି ଗୁରୁତ୍ୱପୂର୍ଣ୍ଣ ରାଜତ୍ୱ କାଳରେ ଗଙ୍ଗବଂଶୀ ଗଜପତି ଚୋଡ଼ଗଙ୍ଗ ଦେବ ଶଙ୍ଖ ତୀର୍ଥରେ ଶ୍ରୀମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ୧୦୩୮ ଖ୍ରୀଷ୍ଟାବ୍ଦ ଠାରୁ ଉଦ୍‌ଯୋଗ ହୋଇ ଏହି ବଡ଼ଦେଉଳ ୧୧୯୬ ଖ୍ରୀଷ୍ଟାବ୍ଦ ଯାଏଁ ଦୀର୍ଘ ୧୫୮ ବର୍ଷ ପର୍ଯ୍ୟନ୍ତ ଚାଲିଥିଲା ସୁବିଶାଳ ମନ୍ଦିରର କାରୁକାର୍ଯ୍ୟ ଖଚିତ ନିର୍ମାଣ, ପୁତ୍ର ଅନଙ୍ଗଭୀମ ଦେବଙ୍କ ସମୟରେ ଉକ୍ତ ଶ୍ରୀମନ୍ଦିରର ନିର୍ମାଣ କାର୍ଯ୍ୟ ସମାପିତ୍ ହୋଇଥିଲା । ଶ୍ରୀପତିଙ୍କ ଚତୁର୍ଦ୍ଧାମୂର୍ତ୍ତି ପୁନଃ ପ୍ରତିଷ୍ଠିତ ହୋଇଥିଲେ ରତ୍ନ ସିଂହାସନ ଉପରେ । ବଳଭଦ୍ରଙ୍କ ଦେହାନ୍ତ ହେଲା ୧୦୫୯ରେ ।

ଚତୁର୍ଥ ରାଜା ଶ୍ରୀ ଲଙ୍ଗଳ ରାଉତରାୟ

ପରମ ପରାକ୍ରମଶାଳୀ ରାଜା ଲଙ୍ଗଳି ପିତାଙ୍କ ପରେ ସିଂହାସନ ମଣ୍ଡନ କଲେ । ତାଙ୍କରି ଶୃଙ୍ଖଳିତ ରୀତିରେ ରାଜ୍ୟଶାସନ ୧୦୯୪ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଚାଲିଥିଲା । ସେ ନଥିଲେ ପ୍ରଜାପୀଡ଼କ ଅଥଚ ପରାକ୍ରମଶାଳୀ । ପିତାଙ୍କ ସମ୍ବର୍ଦ୍ଧିତ ରାଜ୍ୟକୁ ରକ୍ଷଣାବେକ୍ଷଣପୂର୍ବକ ସେ ଶାସନ କାର୍ଯ୍ୟ ତୁଲାଇଥିଲେ ।

ପଞ୍ଚମ ରାଜା ଶ୍ରୀ ମୋହନ ରାଉତରାୟ

୧୦୯୫ ଖ୍ରୀଷ୍ଟାବ୍ଦରେ ରାଜା ଲଙ୍ଗଳିଙ୍କ ପରେ ରାଜଗାଦି ମଣ୍ଡନ କଲେ ପୁତ୍ର ମୋହନ ରାଉତରାୟ । ସେ ଜୀବନରେ "ଗୋ ବ୍ରାହ୍ମଣ

Digitized by PPRACHIN, SOA

ଦ୍ୱିତୀୟ ଚ’’ ବହୁ କୀର୍ତ୍ତିମୟ କର୍ମ କରିଯାଇଛନ୍ତି । ବ୍ରାହ୍ମଣମାନଙ୍କୁ ଖଜୁରିଆ ଶାସନ ଦାନ କଲେ । ଈଶାଣେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା କଲେ । ପରମ ପ୍ରଜାବତ୍ସଳ ରାଜା ମୋହନ ୧୧୪୩ରେ ଇହଲୀଳା ସମ୍ବରଣ କଲେ ।

ଷଷ୍ଠ ରାଜା ଶ୍ରୀ ବଳରାମ ରାଉତରାୟ

ମହାନ୍ ପରାକ୍ରମଶାଳୀ ରାଜା ବଳରାମ ରାଉତରାୟ ୧୧୫୩ରେ ପିତାଙ୍କ ପରେ ରାଜଗାଦିରେ ଅଭିଷିକ୍ତ ହେଲେ । ରାଜ୍ୟରେ ଶିବ ମନ୍ଦିର ପ୍ରତିଷ୍ଠାପୂର୍ବକ ସେ ଶୈବ ପରମ୍ପରା ସୃଷ୍ଟି କରିଥିଲେ । ବିଭିନ୍ନ ସ୍ଥାନରେ ଆମ୍ର ଉଦ୍ୟାନ ତାଙ୍କରି ଶାସନ କାଳରେ କରାଯାଇଥିଲା, ଚିଲଡ଼ ଏବଂ କୋଟିଲିଙ୍ଗିଠାରେ ବିରାଟ ଜଳାଶୟମାନ ସେ ନିର୍ମାଣ କରାଇଥିଲେ । ଅନୁମିତ ହୁଏ ଯେ—ରାଜା ଉଦ୍ୟାନ, କୃଷିକର୍ମ ଏବଂ ଜଳସେଚନରେ ପ୍ରବଳ ଆଗ୍ରହୀ ଥିଲେ । ୧୧୯୬ ଖ୍ରୀଷ୍ଟାବ୍ଦରେ ସେ ପ୍ରାଣତ୍ୟାଗ କଲେ ।

ସପ୍ତମ ରାଜା ଶ୍ରୀ ବିଶ୍ୱନାଥ ରାଉତରାୟ

ରାଜା ବିଶ୍ୱନାଥ ପିତାଙ୍କ ପରେ ୧୧୯୬ରେ ରାଜ୍ୟ ଭାର ଗ୍ରହଣ କଲେ । ଶ୍ରୀଜଗନ୍ନାଥଙ୍କ ପ୍ରତି ତାଙ୍କର ଥିଲା ଅପରିମିତ ଭକ୍ତିମତ୍ତା । ଶ୍ରୀକ୍ଷେତ୍ରର ଅନୁକରଣରେ ୧୨୪୦ ଖ୍ରୀଷ୍ଟାବ୍ଦରେ ଶ୍ରୀଜଗନ୍ନାଥ ବିଗ୍ରହ ତିଆରି କରାଇଥିଲେ । ପୂଜା ସକାଶେ ଏକ ମଣ୍ଡପ ତିଆରି କରିଥିଲେ । ଏହି ସମୟରେ ଚେଟକର ରାଜଧାନୀ ଥିଲା ମୁଣ୍ଡକେରୀ ବା ମୁଣ୍ଡିଗିରି । ସେ ବିଶ୍ୱେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା କରିଥିଲେ । ଏହି ପୁଣ୍ୟଶ୍ଳୋକ ରାଜାଙ୍କ ଦେହାନ୍ତ ହୁଏ ୧୨୪୯ ଖ୍ରୀଷ୍ଟାବ୍ଦରେ ।

ଶ୍ରୀ ବିଶ୍ୱନାଥ ରାଉତରାୟଙ୍କ ପରବର୍ତ୍ତୀ ପୀଢ଼ି ଅର୍ଥାତ ଅଷ୍ଟମ କରଦ ରାଜାଙ୍କ ସମ୍ପର୍କରେ ଏଯାବତ୍ କୌଣସି ତଥ୍ୟ ମିଳେ ନାହିଁ । ସଠିକ ପ୍ରମାଣ ପ୍ରାପ୍ତି ପରେ ଦ୍ୱିତୀୟ ସଂସ୍କରଣରେ ଏ ସମ୍ପର୍କରେ ବର୍ଣ୍ଣନା କରାଯିବ ।

ନବମ ରାଜା ଶ୍ରୀ ରଘୁନାଥ ରାଉତରାୟ

ଏହି ରାଜାଙ୍କର ରାଜତ୍ୱ ୧୨୬୩ ଖ୍ରୀଷ୍ଟାବ୍ଦରେ ଆରମ୍ଭ ହୁଏ । ସେ ଗୋପୀନାଥ ମନ୍ଦିର ନିର୍ମାଣ କରାଇଥିଲେ । ବୋରବାଡ଼ ବା ଅଧୁନାତନ

Digitized by PPRACHIN, SOA

ବଇରୀବାଡ ଗ୍ରାମ ଦାନ କରିଥିଲେ । ସଦାବ୍ରତ ନୃସିଂହ ମଠ ପ୍ରତିଷ୍ଠା କରାଯାଇଥିଲା । ଗରୀବ ଜନତା ଜନାର୍ଦ୍ଦନଙ୍କ ମୁଖରେ ଅନ୍ନଦାନ ପାଇଁ ଏହି ମଠରେ ଅନ୍ନଛତ୍ରର ବନ୍ଦୋବସ୍ତ କରାଯାଇଥିଲା । ଏହାଙ୍କ ରାଜତ୍ୱ କାଳରେ ମୁସଲମାନମାନେ ଯାଜପୁର ଅଞ୍ଚଳକୁ ଆକ୍ରମଣ କରିଥିଲେ । ଏହାର ପ୍ରତିକ୍ରିୟା ସ୍ୱରୂପ ଦାକ୍ଷିଣାତ୍ୟର ରାଜନ୍ୟମଣ୍ଡଳୀ ସତ୍ୟ ସନାତନ ହିନ୍ଦୁ ଧର୍ମର ପ୍ରସାର ଏବଂ ପ୍ରଚାର ପାଇଁ ତତ୍ପର ହୋଇ ଉଠିଲେ । ପୁଣ୍ୟଶ୍ଳୋକ ରାଜା ରଘୁନାଥଙ୍କ ଦେହାନ୍ତ ହୁଏ ୧୩୧୩ ଖ୍ରୀଷ୍ଟାବ୍ଦରେ ।

ଦଶମ ରାଜା ଶ୍ରୀ ଦୀନବନ୍ଧୁ ରାଉତରାୟ

ପିତା ରଘୁନାଥଙ୍କ ତିରୋଧାନ ପରେ ରାଜପଦମର୍ଯ୍ୟାଦାରେ ଅବସ୍ଥାପିତ ହେଲେ ଦୀନବନ୍ଧୁ ରାଉତରାୟ ୧୩୧୩ ଖ୍ରୀଷ୍ଟାବ୍ଦରେ । ସେ ଅତୀବ ପ୍ରଜାରଞ୍ଜକ ଏବଂ ଏକାନ୍ତ ଧର୍ମ ପରାୟଣ ନରପତି ଥିଲେ । ଦେବୀ ଉପାସକ ଏହି ରାଜାଙ୍କ ସମୟରେ ବହୁ ଦେବୀ ପୀଠର ପ୍ରସାର ହୋଇଥିଲା ।

ସେ ନାନା ଲୋକହିତକର କାର୍ଯ୍ୟ କରିଥିଲେ । ତାଙ୍କରି ମନୋବୈଜ୍ଞାନିକ ଉପଧାରା ଅନୁକ୍ରମେ—ଦେବୀଙ୍କ ଆରାଧନା କଲେ ସେ ସନ୍ତୁଷ୍ଟ ହେବେ । ଦେବୀଙ୍କ ଆଶୀର୍ବାଦ ଜନସମାଜର କଲ୍ୟାଣର ମାର୍ଗ ପ୍ରଶସ୍ତ କରିବ । ୧୩୬୪ରେ ସେ ଇହଲୀଳା ସମ୍ବରଣ କଲେ ।

ଏକାଦଶ ରାଜା ଶ୍ରୀ ଗୋପୀନାଥ ରାଉତରାୟ

ଜ୍ୟେଷ୍ଠପୁତ୍ର ଗୋପୀନାଥଙ୍କ ପିତା ଦୀନବନ୍ଧୁଙ୍କ ପରେ ୧୩୬୪ ଖ୍ରୀଷ୍ଟାବ୍ଦରେ ରାଜଗାଦିରେ ଅଭିଷିକ୍ତ ହେଲେ । ସେ ତନ୍ତ୍ର ସାଧନାରେ ପରମ ସିଦ୍ଧି ଲାଭ କରିଥିଲେ । ୧୪୧୬ ପର୍ଯ୍ୟନ୍ତ ଶୃଙ୍ଖଳିତ ରୀତିରେ ରାଜ୍ୟ ଶାସନ କରି ସେ ଅମର ଧାମକୁ ଚାଲିଗଲେ ।

ଦ୍ୱାଦଶ ରାଜା ଶ୍ରୀ ରାମଚନ୍ଦ୍ର ରାଉତରାୟ

ଗୋପୀନାଥ ରାଉତରାୟଙ୍କ ପରବର୍ତ୍ତୀ ରାଜା ହେଲେ । ରାମଚନ୍ଦ୍ର ରାଉତରାୟଙ୍କ ରାଜ୍ୟ ଶାସନ ୧୪୧୭ ଠାରୁ ୧୪୬୪ ପର୍ଯ୍ୟନ୍ତ । ସେ ବ୍ରାହ୍ମଣମାନଙ୍କୁ ରାମଚନ୍ଦ୍ରପୁର ଶାସନ ପ୍ରଦାନ କରିଥିଲେ । ଏହି ରାଜାଙ୍କ ରାଜତ୍ୱ

Digitized by PPRACHIN, SOA

କାଳରେ ଗଜପତି ପୁରୁଷୋତ୍ତମ ଦେବ କାଞ୍ଚି ବିଜୟ କଲେ । ବିଜୟ ଯାତ୍ରା କରିବା ସମୟରେ ଏହି ରାଜ୍ୟରେ କିଛିଦିନ ଅବସ୍ଥାନ କରିଥିବା ପ୍ରମାଣ ମିଳିଥାଏ । ଗଙ୍ଗା ଠାରୁ ଗୋଦାବରୀ ଯାଏଁ ରାଜ୍ୟ ବିସ୍ତାର କରି ସେ ଗଜପତି ଗୌଡେଶ୍ୱର ଓ ମୁଣ୍ଡଗିରି ଠାରୁ ଗଡ ଦରବାର ତ୍ୟାଗ କରି ସେ ପୋଡାପଦରଠାରେ ଉଆସ ପ୍ରତିଷ୍ଠା କରିଥିଲେ । ଏହି ଗଡ ଉଆସର ଭଗ୍ନ କାନ୍ଥେନୀ ଏବଂ ଜରାଜୀର୍ଣ୍ଣ ଖମ୍ବସବୁ ଏବେ ମଧ୍ୟ ବିଦ୍ୟମାନ ।

ତ୍ରୟୋଦଶ ରାଜା ଶ୍ରୀ ନାରାୟଣ ରାଉତରାୟ

ଏହି ପରମ ଦେବ ଉପାସକ ତଥା ସରଳ ଜୀବନଧାରୀ ରାଜା ୧୪୬୫ ମସିହା ଠାରୁ ୧୫୩୦ ମସିହା ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ପ୍ରଜା-ମାନଙ୍କ ପ୍ରତି ନ୍ୟାୟ ବିଚାର କୃଷକ କୁଳର ମଙ୍ଗଳ ବିଧାନ ଏବଂ ଉଦ୍ୟାନର ଅଭିବର୍ଦ୍ଧନରେ ସେ ପରମ ମନଯୋଗୀ ଥିଲେ ।

ଚତୁର୍ଦ୍ଦଶ ରାଜା ଶ୍ରୀ ନୃସିଂହ ରାଉତରାୟ

ଏହି ପରମ ପରାକ୍ରମଶାଳୀ ରାଜା ୧୫୩୧ ମସିହା ଠାରୁ ୧୬୩୦ ମସିହା ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଏହି ରାଜାଙ୍କ ସମୟରେ ତଦାନିନ୍ତନ ପାଇକପଡା ନାମରେ କଥିତ ଅଧୁନାତନ ଚିକିଟୀରେ ଗଡ ପ୍ରତିଷ୍ଠା କଲେ । ଏହି ଚିକିଟୀ ଗଡ ଶ୍ରୀ ନୃସିଂହ ରାଉତରାୟଙ୍କ ପୂର୍ବରୁ 'ଚେଟକ' ରାଜ୍ୟର ଏକ ମସ୍ତବଡ ସେନାଛାଉଣୀ ଥିଲା । ପ୍ରତାପରୁଦ୍ର ଦେବଙ୍କ ରାଜତ୍ୱ କାଳର କଥା ଗୌଡୀୟ ବୈଷ୍ଣବ ଧର୍ମରେ ଦୀକ୍ଷିତ ହୋଇ ଗଜପତି ପ୍ରତାପରୁଦ୍ର ଦେବ ଓଡଶା ମୁଲକର ରକ୍ଷଣାବେକ୍ଷଣରେ ଉଦାସୀନ ହୋଇପଡ଼ିଲେ । ରାଜାମାନେ ଶତ୍ରୁ ଆକ୍ରମଣର ଆଶଙ୍କା କଲେ । ଏହି ମୁଖ୍ୟ ସେନାଛାଉଣୀ ବା ପାଇକପଡାର ଭଙ୍ଗାଳି ଭୂଧର କେରାଣ୍ଡିମାଳ ପ୍ରାକୃତିକ ପ୍ରହରୀସ୍ୱରୂପ ବିଦ୍ୟମାନ । ଅପର ପକ୍ଷ ଅର୍ଥାତ୍ ଦକ୍ଷିଣ ଦିଗରେ ଏକ ଜଳାଶୟ ଖୋଳାଗଲା ଯାହାର ସାଂପ୍ରତିକ ନାମ ତେନ୍ତୁଳିଆ ବନ୍ଧ । ଏହି ରାଜାଙ୍କ ରାଜତ୍ୱ କାଳରେ ହିଁ କଳାପାହାଡ ୧୫୬୦ ଖ୍ରୀଷ୍ଟାବ୍ଦରେ ମୁକୁନ୍ଦ ଦେବଙ୍କ ଓଡଶା ରାଜତ୍ୱ କାଳରେ ଆକ୍ରମଣ କରିଥିଲା ଓଡ଼ଶାର କୀର୍ତ୍ତିମୟୀ ମନ୍ଦରଗୁଡ଼କୁ । ୧୫୮୪ ଖ୍ରୀଷ୍ଟାବ୍ଦରେ ଏହି ଐତିହାସିକ ରାଜାଙ୍କର ମହାପ୍ରୟାଣ ହୁଏ ।

Digitized by PPRACHIN, SOA

ପଞ୍ଚଦଶ ରଜା **ଶ୍ରୀ ଲୋକନାଥ ରାଉତରାୟ୍ଦ**

ଚିକିଟୀ ଗଡରେ ଉଆସ ତିଆରି କରି ଯେଉଁ ପୋଖରୀ ଖୋଦିତ ହେଲା ତାହାର ନାମ ଉଆସ ବନ୍ଧ । କାଳକ୍ରମେ ଏହି ଉଆସ ସ୍ଥାନାନ୍ତରିତ ହେଲା ପଶ୍ଚିମ ପାର୍ଶ୍ୱକୁ, ହେଲେ ଉଆସ ବନ୍ଧ ନାମରେ ପୁଷ୍କରିଣୀ ଅଦ୍ୟାବଧି ବିଦ୍ୟମାନ । ଏହା ଲୋକନାଥ ଗଉନିରାୟଙ୍କ କୀର୍ତ୍ତି ବୋଲି ପ୍ରବାଦ ଅଛି । ଏହି ରାଜାଙ୍କ ରାଜତ୍ୱ କାଳ ୧୫୮୪ ଠାରୁ ୧୬୩୩ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ । ରାଜାଙ୍କ ଉଦ୍ୟମରେ ବ୍ରାହ୍ମଣମାନଙ୍କୁ ରାଜ୍ୟର ପଶ୍ଚିମ ଦିଗରେ ଲୋକନାଥପୁର ଶାସନ ଦାନ କରାଯାଇଥିଲା । ପ୍ରସିଦ୍ଧ ଲୋକନାଥେଶ୍ୱର ଏହି ଶାସନର ପ୍ରଖ୍ୟାତ ଶମ୍ଭୁ ପାଠ ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ଏହି ରାଜାଙ୍କ ଦାନ ଅବିସ୍ମରଣୀୟ । ଚିକିଟୀ ରାଜବଂଶର ସେ ପ୍ରଥମ ବାଣୀ ଆରାଧକ କବି । ରାଜାଙ୍କ ଅମର କୀର୍ତ୍ତି ହେଲା "ଲାବଣ୍ୟ ତରଙ୍ଗିଣୀ" କାବ୍ୟ । ଏହାଙ୍କ ଖୁଡ ଯେ ମହୁରୀ ରାଜରାଣୀ ଥିଲେ ତାଙ୍କ ନାମ ବିଷ୍ଣୁପ୍ରିୟା । ସେ ଚିକିଟୀ ଠାରେ ରଘୁନାଥ ମଠର ନିର୍ମାଣ କରିଥିଲେ । ଶ୍ରୀ ଲୋକନାଥ ରାଉତରାୟଙ୍କ ଶାସନ ଥିଲା ଆଦର୍ଶ ବିମଣ୍ଡିତ ।

ଷୋଡଶ ରଜା **ଶ୍ରୀ ଯଦୁମଣି ରାଜେନ୍ଦ୍ର ଦେବ**

ତାତ୍କାଳିକ ଓଡ଼ିଶାର ଠାକୁର ରାଜା ମୁକୁନ୍ଦ ଦେବ ଚିକିଟୀ ରାଜ ବଂଶୀୟ ରାଜା ଯଦୁମଣି ରାଉତରାୟଙ୍କୁ ରାଜେନ୍ଦ୍ର ଦେବ ଉପାଧିରେ ବିମଣ୍ଡିତ କରି ଇତିହାସରେ ଅଦ୍‌ଭୁତ ଅଧ୍ୟାୟ ଉନ୍ମୋଚନ କଲେ । ୧୬୩୪ ଠାରୁ ୧୬୯୫ ପର୍ଯ୍ୟନ୍ତ ଏହାଙ୍କ ରାଜତ୍ୱ କାଳ । ଏହି ସମୟରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ରୀତିଯୁଗୀୟ କାବ୍ୟ ମାଧୁରୀ ଓଡ଼ିଆ ଜାତି ତଥା ଓଡ଼ିଶୀ ରାଜଦରବାରମାନଙ୍କୁ ଚମତ୍କୃତ କଲା । ଆଙ୍ଗିକ ବିଭବରେ ଉଦ୍‌କ୍ରାନ୍ତ ଭଞ୍ଜୀୟ କାବ୍ୟ ମାଧୁରୀର ମାଦକତାରେ ସମସ୍ତେ ବଶୀଭୂତ ହେଲେ । ଯଥାର୍ଥରେ ଉତ୍କଳମଣି ଗୋପବନ୍ଧୁ ଗାଇଥିଲେ—

"ଗାଏ ତୁମ୍ଭ ଗୀତ ସଭାରେ ପଣ୍ଡିତ
ପଥେ ପାନ୍ଥ ହୃଷ୍ଟମନା
ବିଲେ ବୋଲେ ଚଷା ଅନ୍ତଃପୁରେ ଯୋଷା
ନୃତ୍ୟ ରଙ୍ଗେ ବାରଙ୍ଗନା"

Digitized by PPRACHIN, SOA

ସୁରସିକ ରାଜମଣି ଯଦୁମଣି ରାଜେନ୍ଦ୍ର ଦେବ ଓଡ଼ିଆ ସାହିତ୍ୟର ପ୍ରଥମ ଅଳଂକାର ଗ୍ରନ୍ଥ "କବି କଳ୍ପଦ୍ରୁମ" ରଚନା କରିଥିଲେ । ତାଙ୍କର ସଂସ୍କୃତ ସାହିତ୍ୟ ଏବଂ ଓଡ଼ିଆ ସାହିତ୍ୟ ଉଭୟରେ ପ୍ରଗାଢ଼ ଜ୍ଞାନଥିବା ଅନୁମିତ ହୁଏ । ଉକ୍ତ ମୂଲ୍ୟବାନ ଗ୍ରନ୍ଥକୁ ଓଡ଼ିଶା ସାଂସ୍କୃତିକ ବିଭାଗ ପ୍ରକାଶ କରିଥିବା ଯୋଗୁଁ ନିଖିଳ ଉତ୍କଳ ସ୍ତରରେ ପ୍ରଚାର ତଥା ପ୍ରସାର ହୋଇପାରିଛି । ସାହିତ୍ୟ ସଂସ୍କୃତି ଅନୁରାଗୀ ରାଜା ଯଦୁମଣି ରାଜ୍ୟ ଶାସନରେ ପ୍ରବଳ ଉତ୍ସାହୀ ନରପତି ଥିଲେ ।

ସପ୍ତଦଶ ରାଜା ଶ୍ରୀ ମଧୁସୂଦନ ରାଜେନ୍ଦ୍ର ଦେବ

ଏହି ପ୍ରତାବଶାଳୀ ରାଜା ମଧୁସୂଦନ ୧୬୯୬ ଠାରୁ ୧୭୩୬ ପର୍ଯ୍ୟନ୍ତ ରାଜ୍ୟ ଶାସନରେ ଅଧିଷ୍ଠିତ ଥିଲେ । ତାଙ୍କରି ଶାସନ କାଳରେ ମଧୁସୂଦନପୁର ଶାସନ, କମା କୁଳମଣିପୁର ପ୍ରତିଷ୍ଠିତ ହୋଇଥିଲା । ରାଜ ଦରବାରର ପାରମ୍ପରିକ ରାଜଗୁରୁ ବାଳକୃଷ୍ଣ ଆଚାରୀ ମହୋଦୟଙ୍କୁ ଦାନ ସୂତ୍ରରେ ଯଦୁପୁର ଗ୍ରାମ ଅର୍ପଣ କରିଥିଲେ । ଚିକିଟୀରେ ବାଲଜୀ ଠାକୁରଙ୍କ ମନ୍ଦର ନିର୍ମାଣ କରିଥିଲେ । ସାମନ୍ତଆପଲ୍ଲୀ ଗ୍ରାମ ଦାନ କରିଥିଲେ ୧୭୩୦ ଖ୍ରୀଷ୍ଟାବ୍ଦରେ ଖୋର୍ଦ୍ଧା ରାଜାଙ୍କ ଅଧୀନସ୍ଥ ଆଠଗୋଟି ଜମିଦାରୀ ଯଥା — ଘୁମୁସର, ଆଠଗଡ, ଶେରଗଡ, ଖଲ୍ଲିକୋଟ, ମହୁରୀ, ପାଲୁରୁ, ଚିକିଟୀ ଏବଂ ଟିକିଲୀ ହାଇଦରାବାଦ ନିଜାମଙ୍କ ହସ୍ତଗତ ହେଲା । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେବା ପର୍ଯ୍ୟନ୍ତ ଏହା ମାଡ୍ରାସ ପ୍ରେସିଡେନ୍ସିରେ ହିଁ ରହି ଆସିଥିଲା । ରାଜ ଦରବାରରେ ଯୁଦ୍ଧ, ରାଜ୍ୟଜୟ ସନ୍ଧି ପାଇଁ ବିସ୍ତର ଆଲୋଚନାରେ ସମୟ ଅତିବାହିତ ନକରି ସାହିତ୍ୟ, ସଂସ୍କୃତି ଏବଂ ଲଳିତକଳା ପ୍ରତି ଆଗ୍ରହ ଦେଖାଗଲା । ଚିକିଟୀ ରାଜ ଦରବାରରେ ମଧ୍ୟ ଆଚାର୍ଯ୍ୟ ଦଣ୍ଡି, ଆନନ୍ଦାଚାର୍ଯ୍ୟ, ବର୍ଦ୍ଧନାଚାର୍ଯ୍ୟ, ସମ୍ମଟାଚାର୍ଯ୍ୟ କୁନ୍ତକ, ଜଗନ୍ନାଥ କବିରାଜ, ବିଶ୍ୱନାଥ କବିରାଜ ପ୍ରଭୃତିଙ୍କର ଅଳଙ୍କାର ସାହିତ୍ୟାଲୋଚନା ଚାଲିଲା । କବିକୁଳ କଞ୍ଜ ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟର ଧାରରେ ରସାଣିତ ହେଲା ।

ଅଷ୍ଟାଦଶ ରାଜା ଶ୍ରୀ କୁଳମଣି ରାଜେନ୍ଦ୍ର ଦେବ

୧୭୩୬ ଠାରୁ ୧୭୬୯ ପର୍ଯ୍ୟନ୍ତ ଏହି ରାଜା ଚିକିଟୀ ଦୁର୍ଗାଧୀଶ୍ୱର ରୂପେ ବିରାଜିତ ହେଲେ । ଏହି ରାଜା ବ୍ରାହ୍ମଣମାନଙ୍କ ପ୍ରତି ପରମ ବିନୟୀ ଥିଲେ ।

Digitized by PPRACHIN, SOA

କୁଳମଣିପୁର ଶାସନ, କମା ରଜେନ୍ଦ୍ରପୁର, କୁଶବାଟୀ ଶାସନ, ଗୋପୀନାଥପୁର, ପୁରୀ ମଠ, ଗିରିପୋଲା ଠାରେ ମଦନମୋହନ ମଠ ପ୍ରତିଷ୍ଠା କରି ଭୋଗ ସକାଶେ ଖଞ୍ଜିଲେ ବଣତୋଳା ଏବଂ ଦେଉଳ ମାଦିଳି ଗ୍ରାମର କିଛି ଜମି । ରମଗୁଡା ଗ୍ରାମ ଆଦିବାସୀମାନଙ୍କ ପାଇଁ ଦାନ କଲେ । ଏହାଙ୍କ ରଜତ୍ୱକାଳ ପର୍ଯ୍ୟନ୍ତ ବୋଦାଗିରିସ୍ଥିତ ବାଳକୁମାରୀଙ୍କ ଆଜ୍ଞାମାଳ, ଦର୍ଶନ, ଭୋଗ, ହୋମ ପ୍ରଭୃତି ରଜ ଦରବାରର ଅନ୍ତେବାସୀଙ୍କ ପାଇଁ ଦୈନନ୍ଦନ କାର୍ଯ୍ୟଥିଲା । କିନ୍ତୁ ଚିକିଟୀ ଠାରୁ ଦୀର୍ଘ ୧୪ ମାଇଲ ବା ୨୩ କିଲୋମିଟର ଦୂରତା ଅତିକ୍ରମ କରି ପୂଜାର୍ଚ୍ଚନା ନିୟମିତ କରିବା କଷ୍ଟକର ହେବାରୁ ରଜା ବାଳକୁମାରୀଙ୍କ ଆଜ୍ଞାପ୍ରାପ୍ତି ପାଇଁ ଶରଣାପନ୍ନ ହେଲେ । ଉଚିତ ସମୟରେ ଆଜ୍ଞାମାଳ ପାଇ ଚିକିଟୀ ପୂର୍ବପଟରେ ବିରଜିତ ପର୍ବତ ଶିଖର ପୀଠରେ ଦେବୀଙ୍କ ଆସ୍ଥାନ କରାଗଲା । ଏହି ପ୍ରସ୍ତର-ନିର୍ମିତ ବିଗ୍ରହ ପ୍ରତିଷ୍ଠିତ ହୋଇ ବିଖ୍ୟାତ ହେଲେ ପରମ ବୈଷ୍ଣବୀ ଦେବୀ ବାଳକୁମାରୀ ରୂପେ । ପର୍ବତର ନାମ କାଳକ୍ରମେ ହେଲା ବାଳକୁମାରୀ ପର୍ବତ । ଏହି ରଜାଙ୍କ ପ୍ରାଣବଲ୍ଲଭୀ ପାରଳା ଗଜପତି ରଜଦୁଲାରୀ ମୁକ୍ତମଣି ପାଟମହାଦେଇ ମୁକ୍ତାପୁର ଶାସନ ଦାନ କରିଥିଲେ ।

ଊନବିଂଶ ରାଜା **ଶ୍ରୀ କୃଷ୍ଣଚନ୍ଦ୍ର ରାଜେନ୍ଦ୍ର ଦେବ**

ଏହି ମହାନ୍ ପ୍ରଜାବତ୍ସଳ ରଜା କୃଷ୍ଣଚନ୍ଦ୍ର ୧୭୭୦ ଠାରୁ ୧୭୯୦ ପର୍ଯ୍ୟନ୍ତ ଚିକିଟୀ ଜମିଦାର ଥିଲେ । ସୁରସିକ ସାହିତ୍ୟାନୁରାଗୀ ଏହି ରଜା ଅର୍ଷ ରମାୟଣ ଏବଂ ରମଲୀଳାର ରଚନା ଲାଗି ଅମର ଆସନର ଅଧିକାରୀ । ଚିକିଟୀ ଉଆସର ପୁନର୍ବିନ୍ୟାସ କରିଥିଲେ । ଏହି ରଜା ନାରାୟଣ ମଠର ପ୍ରତିଷ୍ଠାତା । ଦେଉଳ ମାଧୁରୀର ଅଧିକାଂଶ ଜମି ଏହି ମଠ ସକାଶେ ଖଞ୍ଜାଗଲା । ରାଧାକାନ୍ତ ମଠ ପ୍ରତିଷ୍ଠା କରି ଦୈନନ୍ଦନ ନୀତିକାନ୍ତି ସକାଶେ ଶରଧାପୁର ଏବଂ ଖରଧାର ଗ୍ରାମ ଜମି ଦାନ କଲେ । ଦକ୍ଷିଣ ଭରତ ସମାଗତ ପ୍ରାଜ୍ଞପ୍ରବର ରଜଗୁରୁ ଆୟାଙ୍ଗାରଙ୍କୁ ହିଞ୍ଜିଳି ଗାଁ ଜମି ଦାନ କଲେ । ଏହି ରଜା ପରମ କୃଷ୍ଣ ଆରଧକ ବୈଷ୍ଣବ ଧର୍ମାବଲମ୍ବୀ ଥିଲେ । କାଞ୍ଚିଠାରୁ ବ୍ରଜରଜ ଠାକୁରଙ୍କ ବିଗ୍ରହ ଆଣି ମନ୍ଦିର ପ୍ରତିଷ୍ଠା କଲେ । ଏହାଙ୍କ ଧର୍ମପତ୍ନୀ ପାରଳାଖେମୁଣ୍ଡି ରଜନନ୍ଦନୀ ରଜମଣି

Digitized by PPRACHIN, SOA

ପାଟମହାଦେବୀ ରତ୍ନମଣିପୁର ପ୍ରତିଷ୍ଠା କଲେ । ରାଜା କୃଷ୍ଣଚନ୍ଦ୍ରଙ୍କ ତିନିପୁତ୍ର–ସେମାନେ ହେଲେ ପୀତାମ୍ବର, ବଳଭଦ୍ର ଦେବ ଏବଂ ଭ୍ରମରବର ଦେଓ । ପୀତାମ୍ବର ରାଜେନ୍ଦ୍ର ଦେଓ ଜ୍ୟେଷ୍ଠପୁତ୍ର । ପିତାଙ୍କ ସ୍ୱର୍ଗାରୋହଣ ପରେ ସେ ସିଂହାସନ ଆରୋହଣ କରିଥିଲେ । ମଧ୍ୟମପୁତ୍ର ବଳଭଦ୍ର ଦେବ ଚିକିଟି ରାମସ୍ୱାମୀ ମଠର ପ୍ରତିଷ୍ଠାତା । ପରମ ସାହିତ୍ୟାନୁରାଗୀ ବଳଭଦ୍ର ଦେବ "ପ୍ରୀତୀ ପ୍ରେମ ତରଙ୍ଗିଣୀ" ଗ୍ରନ୍ଥ ରଚନା କରିଥିଲେ । ଏଥିରୁ ଅନୁମିତ ହୁଏ ସେ ପରମ ରାମାନନ୍ଦୀ ଥିଲେ ।

ବିଂଶତମ ରାଜା ଶ୍ରୀ ପୀତାମ୍ବର ରାଜେନ୍ଦ୍ର ଦେବ

ଏହି ରାଜାଙ୍କ ରାଜତ୍ୱ କାଳ ୧୭୯୧ଠାରୁ ୧୮୦୯ ପର୍ଯ୍ୟନ୍ତ ପରିବ୍ୟାପ୍ତ । ସେ ପାରଳାଖେମୁଣ୍ଡି ରାଜକୁମାରୀ ରତ୍ନମଣିଙ୍କ ପାଣିଗ୍ରହଣ କରିଥିଲେ । ତାଙ୍କ ନାମାନୁସାରେ ପ୍ରତିଷ୍ଠିତ ଗ୍ରାମର ନାମ ରତ୍ନମଣିପୁର ଶାସନ । ୧୮୧୫ ଖ୍ରୀଷ୍ଟାବ୍ଦରେ ଗଞ୍ଜାମରେ ମରୁଡ଼ି ହେଲା, ଏଠାରୁ ଗଞ୍ଜାମ ଜିଲ୍ଲାର ସଦର ମହକୁମା ସ୍ଥାନାନ୍ତରୀତ ହେଲା ଛତ୍ରପୁରଠାକୁ । ଏହି ରାଜାଙ୍କ ସମୟରେ ବଜାର ସୌଦା ସବୁ କଉଡ଼ିରେ ହୁଏ । ଏହି ରାଜାଙ୍କ ପୁତ୍ର ଅରିଦମ ପାଟଦେଓ ମାତ୍ର ୧୮ ବର୍ଷରେ ବିବାହ କଲେ । ଏହି ଯୁବରାଜଙ୍କର ଅକାଳ ବିୟୋଗ ଘଟିଲା । ପରମ ପତିଅନୁରାଗୀ ଯୁବରାଣୀ ପତିଙ୍କ ଚିତାନଳରେ ସ୍ୱତଃପ୍ରବୃତ୍ତ ହୋଇ ଝାସ ଦେଲେ ଅଦ୍ୟାବଧି ଚିକିଟି ଗଡର ମଧ୍ୟସ୍ଥଳରେ ଅବସ୍ଥିତ ବଜାର ଛକଠାରେ ରାଜଶ୍ମଶାନ ବିଦ୍ୟମାନ, ସେଠାରେ ତା ୧୨-୧୨-୮୭ ରିଖ ପର୍ଯ୍ୟନ୍ତ ଏକ ଅଶ୍ୱତ୍ଥ ବୃକ୍ଷ ମଥା ଟେକି ଦଣ୍ଡାୟମାନ ହୋଇଥିଲା । ଏହି ବୃକ୍ଷ ସାରା ଅଞ୍ଚଳରେ ବିଖ୍ୟାତ ଥିଲା, "ସତୀ ଅଶ୍ୱତ୍ଥ ବୃକ୍ଷ" ନାମରେ । ଏହି ବୃକ୍ଷ କାଳର କରାଳ ଗତିରେ ବିଲୟପ୍ରାପ୍ତ । ବୃକ୍ଷ ଶାଖାରେ ପ୍ରତିବର୍ଷ ଦଶହରା ଏବଂ ରଥଯାତ୍ରା ଅବସରରେ ଗୋଟିଏ ଧଳା ପତାକା ବନ୍ଧାଯାଏ । ଏହି ସ୍ମାରକୀ ବୈଜୟନ୍ତୀରେ ଗଜାରୂଢ଼ ସିଂହର ଚିତ୍ର ରହେ । ଏହା ସୋମବଂଶୀ ରାଜାଙ୍କ ନିଶାଣ ବୋଲି କଥିତ ଅଛି । ଚିକିଟି ଗଡ ମଧ୍ୟରେ ନାହିଁ ରାଜଶ୍ମଶାନ । ନାହିଁ ମଧ୍ୟ ସେହି ସତୀ ଅଶ୍ୱତ୍ଥ ବୃକ୍ଷ କିମ୍ବା ଆଉ ବନ୍ଧାଯାଏ ନାହିଁ ଗଜାରୂଢ଼ ସିଂହ ନିଶାଣ ଥିବା ବିଜୟ ବୈଜୟନ୍ତୀ ।

Digitized by PPRACHIN, SOA

ଏକବିଂଶ ରାଜା ଶ୍ରୀ ଗୋବିନ୍ଦଚନ୍ଦ୍ର ରାଜେନ୍ଦ୍ର ଦେବ

ରାଜା ପୀତାମ୍ବରଙ୍କ ଜ୍ୟେଷ୍ଠପୁତ୍ର ଅରିନ୍ଦମ୍ ପାଟଦେଓଙ୍କ ଅକାଳ ବିୟୋଗ ବଶତଃ ଦ୍ୱିତୀୟ ପୁତ୍ର ଗୋବିନ୍ଦଚନ୍ଦ୍ର ୧୮୭୧ ଖ୍ରୀଷ୍ଟାବ୍ଦ ଠାରୁ ୧୮୩୧ ପର୍ଯ୍ୟନ୍ତ ସିଂହାସନ ମଣ୍ଡନ କରିଥିଲେ । ଗୋବିନ୍ଦଚନ୍ଦ୍ରଙ୍କ ପ୍ରଥମ ପତ୍ନୀ ବିରୁଳୀ ପାଟମହାଦେଈଙ୍କ ଅକାଳ ବିୟୋଗ ଘଟିଲା । ବଡଖେମୁଣ୍ଡି ରାଜନନ୍ଦନୀ ଜାନକୀମଣି ପାଟମହାଦେଈଙ୍କୁ ସେ ଦ୍ୱିତୀୟ କଳତ୍ର ରୂପେ ଗ୍ରହଣ କରିଥିଲେ । ଜାନକୀମଣିପୁର ଶାସନ ଉକ୍ତ ରାଣୀଙ୍କ ଦାନ କୀର୍ତ୍ତି । ଚିକିଟୀରେ ରାଧାମୋହନ ଦେବାଳୟ ଏହି ରାଜାଙ୍କ ସମୟର କୀର୍ତ୍ତି ଯାହା ଆଉରୀ ମଠ ନାମରେ ଅଦ୍ୟାପୀ ବିଦ୍ୟମାନ । ରାଧାମୋହନପୁର ଗ୍ରାମ ଏହି ରାଜା ଉକ୍ତ ମଠକୁ ଦାନ କଲେ । ଗୋବିନ୍ଦନଗର ଏହି ରାଜାଙ୍କ ସମୟରେ ପ୍ରତିଷ୍ଠିତ ବୋଲି କିମ୍ବଦନ୍ତୀ କହେ ।

ଦ୍ୱାବିଂଶ ରଜା ଶ୍ରୀ କୁଳମଣି ରାଜେନ୍ଦ୍ର ଦେବ (ଦ୍ୱିତୀୟ)

ଏହି ରଜାଙ୍କ ଶାସନ ମାତ୍ର ଦୁଇ ବର୍ଷ ପାଇଁ ବୋଲି ଇତିହାସ କହେ । ୧୮୩୨ ମହିହାରେ ରଜଗାଦି ଅଳଂକୃତ କରି ସେ ୧୮୩୪ ମସିହାରେ ଦେହତ୍ୟାଗ କଲେ ।

ତ୍ରୟୋବିଂଶ ରାଜା ଶ୍ରୀ ବୃନ୍ଦାବନ ରାଜେନ୍ଦ୍ର ଦେବ

ଏହି ରଜାଙ୍କ ରାଜତ୍ୱ ୧୮୩୫ ମସିହା ଠାରୁ ୧୮୪୬ ପର୍ଯ୍ୟନ୍ତ । ରଜା ବୃନ୍ଦାବନ ରାଜେନ୍ଦ୍ରଙ୍କ ଦାମ୍ପତ୍ୟ ଜୀବନ ବିଚ୍ଛେଦମୟ । ପ୍ରଥମ ପତ୍ନୀ ବିରୁଳୀ ରାଜଜେମାଙ୍କ ଅକାଳ ବିୟୋଗ ପରେ ସେ ଦ୍ୱିତୀୟ ବାର ପାଣିଗ୍ରହଣ କଲେ ପାରଳା ରାଜନନ୍ଦନୀଙ୍କୁ । ଦ୍ୱିତୀୟ ପତ୍ନୀଙ୍କ ଅକସ୍ମାତ ମୃତ୍ୟୁ ବଶତଃ ତୃତୀୟ ପତ୍ନୀ ହେଲେ ସାନଖେମୁଣ୍ଡି ରାଜକୁମାରୀ । ତାଙ୍କର ଅଛନକ ଦେହାନ୍ତ ବଶତଃ ଚତୁର୍ଥ ପ୍ରାଣସଙ୍ଗିନୀ ହେଲେ ପାରଳା ରାଜକୁମାରୀ । ଦୈବାତ୍ ତାଙ୍କରି ତିରୋଧାନ ବଶତଃ ପଞ୍ଚମ ଅର୍ଦ୍ଧାଙ୍ଗିନୀ ରୂପେ ରାଜଦରବାରକୁ ଆସିଲେ ଧରାକୋଟ ରାଜଜେମା । ରାଜାଙ୍କ ଆଧ୍ୟାତ୍ମିକ ଚିନ୍ତାଧାରା ଅତି ଅଧିକ ହୋଇପଡ଼ିଲା । ସେ ଚୈତନ୍ୟ ମଠ ପ୍ରତିଷ୍ଠା କଲେ ଚିକିଟୀ ରାଜଦାଣ୍ଡ ପାର୍ଶ୍ୱରେ । ଦାସ ପରିବାରର ସମ୍ଭବତଃ

Digitized by PPRACHIN, SOA

ଦୈତାରୀ ଦାସଙ୍କୁ ପାତ୍ର ରୂପେ ଏହି ମଠରେ ଶାସ୍ତ୍ରୀ ବାନ୍ଧ ପରିଚାଳନା ଦାୟିତ୍ୱ ଅର୍ପଣ କଲେ । ତେଣୁ ଏହି ମଠର ନାମ ହେଲା ପାତ୍ର ମଠ । ରାଜା ଯୋଗ୍ୟତମ ମନ୍ତ୍ରୀ ରୂପେ ବାହିନୀପତି ଖାଡଙ୍ଗାଙ୍କୁ ନିଯୁକ୍ତି ଦେଲେ । ତାଙ୍କୁ ଦାନ ସୂତ୍ରରେ ଦୁଇ ଗ୍ରାମ ପ୍ରଦାନ କଲେ ତା ମଧ୍ୟରୁ ଗୋଟିଏ ହେଲା ବୃନ୍ଦାବନଚନ୍ଦ୍ରପୁର ଏବଂ ଦ୍ୱିତୀୟଟି ରାଜେନ୍ଦ୍ରପୁର । ନିଜ ଶାସନାଧୀନ ବାରୁଆ ଜମିଦାରୀ ଏହି ମନ୍ତ୍ରୀଙ୍କୁ ବିକ୍ରୟ କଲେ । ଅଦ୍ୟାପି ଆମ ଅଞ୍ଚଳରେ କଥାରେ କହନ୍ତି—"ଗୁହାରୀ କରିବାକୁ ଥିଲେ ବାରୁଆ ଖାଡଙ୍ଗା ପାଖକୁ ଯାଅ ।" ଏହି ଧର୍ମନିଷ୍ଠ ରଜା ଝଗଡା ଠାରେ ରନ୍ତେଶ୍ୱର ଶମ୍ଭୁ ମନ୍ଦିର କଲେ । ଗୋପୀନାଥ ମନ୍ଦିର ମଧ୍ୟରେ ବୃନ୍ଦାବନଚନ୍ଦ୍ରଙ୍କୁ ସ୍ଥାପନ କଲେ । ଚିକିଟି ଗଡର ବିଶାଳ ଜଗନ୍ନାଥ ମନ୍ଦିର ତୋଳି ଅକ୍ରୁରନାଥ ନାମରେ ଜଗତଠାକୁରଙ୍କ ବିଗ୍ରହ ସ୍ଥାପନ କଲେ । ପୁନଶ୍ଚ ପଞ୍ଚମ ରାଣୀଙ୍କ ଗର୍ଭ ସମ୍ଭୂତ ପୁତ୍ରର ନାମ ଦେଲେ ଜଗନ୍ନାଥ ରାଜେନ୍ଦ୍ର ଦେବ ।

ଚତୁର୍ବିଂଶ ରଜା ଶ୍ରୀ ଜଗନ୍ନାଥ ରାଜେନ୍ଦ୍ର ଦେବ

ଏହି ରଜା କୃଷି ଓ ଜଳସେଚନରେ ସାର ଜୀବନ ବିନିଯୋଗ କରିଥିଲେ । ୧୮୪୭ ମସିହା ଠାରୁ ୧୮୫୪ ପର୍ଯ୍ୟନ୍ତ ସେ ରାଜ୍ୟ ଶାସନ କଲେ । ତାଙ୍କରି ରାଜତ୍ୱ ବେଳେ ରାମପୁର ଗ୍ରାମ ଏବଂ ଏଠାକାର ଜଗନ୍ନାଥ ସାଗର ପ୍ରତିଷ୍ଠା କରାଯାଇଥିଲା ।

ପଞ୍ଚବିଂଶ ରଜା ଶ୍ରୀ ବିଶ୍ୱମ୍ଭର ରାଜେନ୍ଦ୍ର ଦେବ

ଏହି ସୁରସିକ ସାହିତ୍ୟାନୁରାଗୀ ରଜା ୧୮୫୭ ଠାରୁ ୧୮୮୫ ମସିହା ପର୍ଯ୍ୟନ୍ତ ରାଜ୍ୟ ଶାସନ କରିଥିଲେ । ଏହାଙ୍କ ସିଂହାସନ ଆରୋହଣ ବର୍ଷ ଦେଶରେ ଦେଖାଦେଲା ସିପାହୀ ବିଦ୍ରୋହ ୧୮୫୭ ମସିହାରେ ।.୧୮୬୬ ମସିହାରେ ପଡ଼ିଲା ଅତି କରାଳ ନଅଙ୍କ ଦୁର୍ଭିକ୍ଷ । ଚିକିଟି, ଗିରିସୋଲା ଏବଂ ଜୟନ୍ତୀପୁରରେ ରଜାଙ୍କର ତିନୋଟି ବିଶାଳ ଅମାର ଘର ଥିଲା । ରାଜ୍ୟର ଦୁର୍ଭିକ୍ଷ ପ୍ରପୀଡ଼ିତ ଜନତାର ଖାଦ୍ୟାଭାବ ମୋଚନ ପାଇଁ ଏହି ତିନୋଟି ଅମାର ଘରୁ ଧାନ ଦାନ କରି ଦିଆଗଲା । ଚିକିଟି ଜମିଦାରୀରୁ ଦୁର୍ଭିକ୍ଷର କରାଳଛାୟା ଅପସରିଗଲା ।

Digitized by PPRACHIN, SOA

ରଜା ନିଜେ ଜଣେ ମହାନ୍ ପଣ୍ଡିତ ଏବଂ କବି ଥିଲେ । କବିକୁଳକଞ୍ଜ ଶ୍ରୀ ଉପେନ୍ଦ୍ର ଭଞ୍ଜ ଏବଂ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ରୀତିଯୁଗୀୟ କାବ୍ୟ ପରମ୍ପରା ଅବଲମ୍ବନରେ ରଜା ଦରବାରୀ ପଣ୍ଡିତ-ମାନଙ୍କ ସହିତ କାବ୍ୟ ଶାସ୍ତ୍ର ବିନୋଦନରେ କାଳକ୍ଷେପଣ କରୁଥିଲେ । ଶରଦ ରହାସ, ବସନ୍ତ ରହାସ, ବ୍ରଜବିହାରୀ, ରାଧାପ୍ରେମଲୀଳା, ଉଷାବିଳାସ, ରଘୁନାଥ ବିଳାସ, ଅଠରଲିଶ ପାଳି ପ୍ରଭୃତି ଏହି ରଜାଙ୍କର ଅମର କୃତୀ । ରଜା ଥିଲେ ବୈଷ୍ଣବ ଧର୍ମାବଲମ୍ବୀ । ବହୁ ଛାନ୍ଦ ଚଉପଦୀ ସମ୍ବଳିତ ତାଳପତ୍ର ନଥି ଏହାଙ୍କ ରାଜତ୍ୱ କାଳରେ ରଚିତ ହୋଇଥିବା ପ୍ରମାଣ ମିଳେ । ପାରଳାଖେମୁଣ୍ଡିର ପରମ ବୈଷ୍ଣବ ଭକ୍ତକବି ଗୋପାଳକୃଷ୍ଣ ପଟ୍ଟନାୟକ (୧୭୮୪-୧୮୬୨)ଙ୍କ ରଚନା ମଧ୍ୟ ବିଶ୍ୱମ୍ଭରଙ୍କୁ ପ୍ରଭାବିତ କରିଥିଲା । ତାଲିକା ଦେଖିଲେ ଆଶ୍ଚର୍ଯ୍ୟ ଲାଗେ ଯେ, ଏହାଙ୍କ ରାଜସଭାରେ ସଂଖ୍ୟାଧିକ ରାଜ ପଣ୍ଡିତ ଥିଲେ । ଭଞ୍ଜକାବ୍ୟ ଟୀକାକାର ମହାମହୋପାଧ୍ୟାୟ ଲୋକନାଥ ଦାସ ସେମାନଙ୍କ ମଧ୍ୟରେ ଥିଲେ ପ୍ରଧାନ । ଏତଦ୍‌ବ୍ୟତୀତ ନରେନ୍ଦ୍ର ରାଓ, ଭେଙ୍କଟେଶ ଦେଓ, ଭେଙ୍କଟେଶ ବକ୍‌ସୀ, ଚୂଡଙ୍ଗ ଗୁଣୀନ୍ଦ୍ର, ବିଦୁର ଦାସ, କାଶୀନାଥ ରାଜଗୁରୁ, ଜଗୁଲୀ ଖୁଣ୍ଟିଆ, ନିତ୍ୟାନନ୍ଦ ଦାସ, ପଦ୍ମନ ଦାସ, ଗୁରୁ ଦାସ, ବିଶ୍ୱନାଥ ରାଜଗୁରୁ, କେଶବ ଦାସ, ନାରାୟଣ ଦାସ, ରସାନନ୍ଦ ଦାସ ଏବଂ ଗୋପୀନାଥ ଆଟରାଜ ପ୍ରଭୃତି ଏହି ରଜାଙ୍କ ସଭା ମଣ୍ଡନ କରୁଥିବା ଉଚ୍ଚଦରର ପଣ୍ଡିତ ଥିଲେ ।

ଏହି ରାଜା ଭଗବାନ ମଠ ପ୍ରତିଷ୍ଠା କରିଥିଲେ । ମାଦଳା ମଠ ମଧ୍ୟ ତାଙ୍କ ସମୟର କୀର୍ତ୍ତି ରୂପେ ବିରାଜିତ, ଦାସ ବଂଶ ଓ ମାଦଳା କରଣଙ୍କ ଉଦ୍ୟମରେ ଏହି ମଠ ପ୍ରତିଷ୍ଠିତ ।

ପ୍ରବାଦ ଅଛି ଗୋପୀନାଥ ଆଟରାଜ ତନ୍ତ୍ର ସାଧନାରେ ମନଯୋଗୀ ହେଲେ । ସେ ନରମୁଣ୍ଡ ବଳିଦେଇ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପୂର୍ବରୁ ଇଂରେଜ ଫଉଜ ଦ୍ୱାରା ଜବତ ହେଲେ । ହୀରା ଶୋଷଣପୂର୍ବକ ପ୍ରାଣ ହରାଇଥିଲେ । ଏହାଙ୍କ ପୁତ୍ର ଆଦିକନ୍ଦ ମଧ୍ୟ ନିଃସନ୍ତାନ ଥିଲେ ।

ରଜା ବିଶ୍ୱମ୍ଭରଙ୍କ ସମୟରେ ମାନ୍ଦ୍ରାସ ପ୍ରେସିଡେନ୍‌ସି ଅନ୍ତର୍ଗତ ଚିକିଟୀରେ ତେଲୁଗୁ ଭାଷାର ପ୍ରାବଲ୍ୟ ବିସ୍ତାରିତ ହେଲା । ଗ୍ରାମେ ଗ୍ରାମେ

Digitized by PPRACHIN, SOA

ପାଲା, ଛାନ୍ଦ ଚଉପଦୀ, ଲୀଳା ନାଟକ ମାଧ୍ୟମରେ ଓଡ଼ିଆ ଭାଷାର ବିକାଶ ପାଇଁ ସେ ଉଦ୍ୟମୀ ହୋଇଥିଲେ ।

ଷଡବିଂଶ ରଜା ଶ୍ରୀ କିଶୋରଚନ୍ଦ୍ର ରାଜେନ୍ଦ୍ର ଦେବ

ବିଶ୍ୱମ୍ଭର ଗଜେନ୍ଦ୍ର ଦେବଙ୍କ ପରେ ସୁଯୋଗ୍ୟ ଦାୟାଦ କିଶୋରଚନ୍ଦ୍ର ୧୮୧୬ ଠାରୁ ୧୯୦୩ ମସିହା ପର୍ଯ୍ୟନ୍ତ ଗଡ଼ଗାଦି ଉପଭୋଗ କଲେ । ଗୋପୀନାଥ ମନ୍ଦିରରେ ରାମ, ଲକ୍ଷ୍ମଣ, ସୀତା ବିଗ୍ରହ ସ୍ଥାପନ କରିଥିଲେ । ଟିକିଟୀ ଗଡ ପଶ୍ଚିମ ପାର୍ଶ୍ୱରେ କିଶୋରଚନ୍ଦ୍ରପୁର ଶାସନ ପ୍ରତିଷ୍ଠା କଲେ । ଏଠାରେ ଚନ୍ଦ୍ରଶେଖର ମହାପ୍ରଭୁଙ୍କ ମନ୍ଦିର ତୋଳାଇ ଲିଙ୍ଗ ସ୍ଥାପନ କଲେ । ରାଜାଙ୍କ ସୁଯୋଗ୍ୟ ତେଲିଙ୍ଗୀ ମନ୍ତ୍ରୀ ମାଟରେଲା ରାମମୂର୍ତ୍ତିଙ୍କ ଉପରେ ମୁଗ୍ଧ ହୋଇ ସୁବର୍ଣ୍ଣପୁର ଗ୍ରାମ ଦାନ କଲେ । ତାଙ୍କ ସମୟରେ ସୁନା ମୋହରର ପ୍ରବର୍ତ୍ତନ ହେଲା । ଯାହାର ତାତ୍କାଳିକ ମୂଲ୍ୟ ମୋହର ପ୍ରତି ପନ୍ଦର ଟଙ୍କା ଥିଲା । ଗଣକବି ବୈଷ୍ଣବ ପାଣିଙ୍କ ଜନ୍ମ ୧୮୮୨ ମସିହାରେ । ବୈଷ୍ଣବ ପାଣିଙ୍କ ଗୀତିନାଟ୍ୟ ଓଡ଼ିଶାର ଗଳି କନ୍ଦିକୁ ନାଟକ ରସରେ ପ୍ଲାବିତ କଲା । ରାଜା କିଶୋରଚନ୍ଦ୍ର ସଂସ୍କୃତ ବିଦଗ୍ଧ ମାଧବ କାବ୍ୟକୁ ଗୀତିନାଟ୍ୟ ରୂପରେ ରଚନା କରିଥିଲେ ।

କିମ୍ବଦନ୍ତୀ କହେ ପିତାଙ୍କ ଲିଖିତ ରାଧା ପ୍ରେମଲୀଳା ରାଜ ପରିବାରରେ ଅଭିନୀତ ହେଉଥିଲା । କିଶୋରଚନ୍ଦ୍ର ନିଜେ ଶ୍ରୀକୃଷ୍ଣ ସାଜନ୍ତି ଏବଂ ରାଣୀ ରାଧା ବେଶରେ ସଜ୍ଜିତ ହୁଅନ୍ତି ।

ଦାସୀମାନେ ସାଜନ୍ତି ସଖୀବୃନ୍ଦ । ନାଟକ ଅଭିନୀତ ହୁଏ । ଗୀତର ତାଳେ ତାଳେ ରାଧାମୋହନ ଗଜେନ୍ଦ୍ର ଦେବଙ୍କ ପ୍ରକାଶିତ ରାଧା ପ୍ରେମଲୀଳାରେ ବର୍ଣ୍ଣିତ ଅଛି—

"ଶୁଣ ନର ଏଥୁ ଅନ୍ତରେ,
ସେ ଯେ ବୀର କିଶୋର
ବିଜେ ରାଣୀ ହଂସପୁରରେ
ଦେଖି ସଖୀ ସଧର ।"

ରାଣୀ ହଂସପୁରରୁ ଏହି ରସାଳ ଲୀଳା କ୍ରମଶଃ ପ୍ରଜାଗଣଙ୍କ ମଧ୍ୟରେ ପ୍ରବେଶ କରିଥିଲା ।

Digitized by PPRACHIN, SOA

ସପ୍ତବିଂଶ ରଜା ଶ୍ରୀ ରାଧାମୋହନ ରାଜେନ୍ଦ୍ର ଦେବ

୧୯୦୪ ମସିହାରେ ସୁଯୋଗ୍ୟ ପିତାଙ୍କ ପରେ ରସିକ ରାଜେନ୍ଦ୍ର ରାଧାମୋହନ ଚିକିଟି ଦୁର୍ଗାଧିପତି ହୋଇଥିଲେ । ମନ୍ଦରମାଳିନୀ ଚିକିଟିରେ ଅଭାବ ଥିଲା ସାରସ୍ୱତ ମନ୍ଦର । ଏହି ରଜା ଥିଲେ ନୀଳ ସରସ୍ୱତୀଙ୍କ ସାଧକ । କାବ୍ୟସାହିତ୍ୟ ରସାଭିଜ୍ଞ ରଜା ରାଧାମୋହନ ହୋଇପଡ଼ିଲେ ସାରସ୍ୱତ ସାଧକ । ତାଙ୍କର ବିଭିନ୍ନ ପ୍ରତିଭାଧରର ମହାପଣ୍ଡିତମାନଙ୍କ ମଧ୍ୟରେ ଶ୍ରେଷ୍ଠ ଥିଲେ ସିଦ୍ଧାନ୍ତିକ ସଦାଶିବ ବିଦ୍ୟାଭୂଷଣ, ନ୍ୟାୟ ଶାସ୍ତ୍ରୀ ବ୍ୟାକରଣାଚାର୍ଯ୍ୟ ସାଂଖ୍ୟ ବିଶାରଦ ମହାପଣ୍ଡିତ ଗଦାଧର ବିଦ୍ୟାଭୂଷଣ ରାଜସଭାର ଅନ୍ୟତମ ପଣ୍ଡିତ ଥିଲେ । ମହାପଣ୍ଡିତ ରାଧାମୋହନ ବକ୍ସି ଥିଲେ ରଜାଙ୍କର ପରମ ସୁହୃଦ୍, ଏତଦ୍‌ବ୍ୟତୀତ ବନମାଳୀ ସାହିତ୍ୟ ଭୂଷଣ ରଜାଙ୍କର ଶେଷ ନିଃଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ସାହିତ୍ୟ ସାଧନାର ସହାୟକ ପଣ୍ଡିତ ହୋଇ ରହିଥିଲେ । ସ୍ୱର୍ଗତ ରାଧାମୋହନ ବକ୍ସି ସଂଯୁକ୍ତା ଧନୁଭଙ୍ଗ କାବ୍ୟର ପ୍ରଣେତା । ତାଙ୍କର ଏନ୍‌ସାଇକ୍ଲୋପିଡ଼ିଆ ରୂପକ ବିଶାଳ ଗ୍ରନ୍ଥ 'ଭରତ ଚିନ୍ତାମଣି' ଆଜି ବିଲୁପ୍ତ ।

ରାଜକବିଙ୍କ ସାଧନାର ସିଦ୍ଧି ସ୍ୱରୂପକ ବା ଆଦ୍ୟାକ୍ଷରରେ ରଚିତ ଯେଉଁ ମହାନ୍ ଗ୍ରନ୍ଥ କେତୋଟି ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଅଛି ସେସବୁ ହେଲା—ପ୍ରକ୍ରମ ପଦ୍ୟାବଳୀ, ପ୍ରକୃତି ଦର୍ଶନ, ପ୍ରେମ ମଞ୍ଜରୀ, ପରିମଳା ସହ ଗମନ, ପ୍ରେମ ତରଙ୍ଗ, ପାଞ୍ଚାଳୀ ପଟ୍ଟାପହରଣ, ପ୍ରତାପ ନାଟକ, ପାଣ୍ଡବ ବନବାସ, ପ୍ରକୃତି ରହସ୍ୟ, ପ୍ରକୃତ ପ୍ରଣୟ ଇତ୍ୟାଦି । ଏତଦ୍ ଭିନ୍ନ ଭର୍ତ୍ତୃହରି ସୁଭାଷିତ ତାଙ୍କରି ଅନୁବାଦ ଗ୍ରନ୍ଥ । ପରମାର୍ଥ ପୟୋଧି ଏବେ ମଧ୍ୟ ଅଦୃଶ୍ୟ । ରାଜକବି ପ୍ରଣୀତ ଓଡ଼ିଆ ଯୋଗବାଶିଷ୍ଠ ରାମାୟଣ ପାଣ୍ଡୁଲିପି ଆକାରରେ ସଂରକ୍ଷିତ ।

ରାଧାମୋହନ ରାଜେନ୍ଦ୍ର ଦେଓ "ରସାଳ ସାହିତ୍ୟ ସଂସଦ" ନାମକ ଏକ ସାହିତ୍ୟ ସଭା ଗଠନ କରିଥିଲେ । ଏହାର ପ୍ରତ୍ୟେକ ସଦସ୍ୟ ଗୋଟିଏ ଲେଖା ରୌପ୍ୟ ଆମ୍ର (ରସାଳ ଫଳ) ପଦକ ସ୍ୱରୂପ ଜାମାରେ ଧାରଣ କରନ୍ତି । ୧୯୧୬ ମସିହାରେ ପଞ୍ଚମ ଜର୍ଜଙ୍କ ଅଭିଷେକ କାଳରେ ଏହି

Digitized by PPRACHIN, SOA

ରାଜାଙ୍କୁ ଇଂରେଜ ଶାସନର ଛଡ଼ା ପଡ଼ିଲା ମାତ୍ର ପାଞ୍ଚ ହଜାର ଟଙ୍କା । ଏଥିରେ ସେ ତଦାନିନ୍ତନ ପଦାଧିକାରୀମାନଙ୍କ ଅନୁମୋଦନ ଆଣି ଚିକିଟି ଠାରେ ଏକ ମିଡ଼ଲ୍ ଭର୍ଣ୍ଣାକୁଲର ବିଦ୍ୟାଳୟ "ଜର୍ଜ ମିଡ୍ଲ୍ ଭର୍ଣ୍ଣାକୁଲର ସ୍କୁଲ୍" ନାମରେ ପ୍ରତିଷ୍ଠା କଲେ, ଏକ ପ୍ରାଥମିକ ବିଦ୍ୟାଳୟ "ଜର୍ଜ ପ୍ରାଇମେରୀ ସ୍କୁଲ୍" ନାମରେ ଗଢ଼ିଲେ । ପୁନଶ୍ଚ କିଛି ଉଦ୍‌ବୃତ୍ତ ଅର୍ଥରେ ଚକ୍ରବର୍ତ୍ତୀ ସାଗର ପ୍ରତିଷ୍ଠା କଲେ । କୃଷ୍ଣପୁର ଗ୍ରାମର ଉତ୍ତର ପାର୍ଶ୍ୱରେ ରାଜା ସାହେବଙ୍କ ସ୍ମୃତିରକ୍ଷା ପାଇଁ ସେହି କ୍ରମବର୍ଦ୍ଧିତ ଜର୍ଜ ଉଚ୍ଚ ବିଦ୍ୟାପୀଠ ୧୯୭୪ ଠାରୁ ରାଜ କବି ରାଧାମୋହନ ବିଦ୍ୟାପୀଠ ନାମରେ ବିଖ୍ୟାତ । କାବ୍ୟବିନୋଦୀ ରାଜା ରାଧାମୋହନ ୧୯୧୭ ନଭେମ୍ବର ମାସରେ ବ୍ରହ୍ମପୁର ରଙ୍ଗମଞ୍ଚରେ ସ୍ୱରଚିତ ଓଡ଼ିଆ ନାଟକମାନ ଅଭିନୟ କରାଇ ପ୍ରଥମ ପୃଥିବୀ ମହାସମର ସମୟରେ ବ୍ରିଟିଶ ସରକାରଙ୍କୁ ନାଟକଲବ୍ଧ ଟ ୨୫୦୦୦/ (ପଚିଶି ହଜାର ଟଙ୍କା ମାତ୍ର) ଦାନ କରିଥିଲେ ।

ପାରଳାଖେମୁଣ୍ଡି "ପଦ୍ମନାଭ ରଙ୍ଗାଳୟ" ଭଳି ଚିକିଟୀ ଠାରେ ମଧ୍ୟ ଏକ ରଙ୍ଗମଞ୍ଚ କରି ସେ ସ୍ୱରଚିତ ନାଟକ ସବୁ ମଞ୍ଚସ୍ଥ କରିଥିଲେ । ଏହି ରଙ୍ଗମଞ୍ଚର ନାମ ଥିଲା, "ରାଜେନ୍ଦ୍ର ରଙ୍ଗାଳୟ ।"

୧୯୧୭ ମସିହାରେ ସ୍ୱତନ୍ତ୍ର ଭାବେ ନିମନ୍ତ୍ରିତ ହୋଇ ସତ୍ୟବାଦୀ ବନ ବିଦ୍ୟାଳୟକୁ ରାଜା ରାଧାମୋହନ ଯାଇଥିଲେ । ସଙ୍ଗରେ ଥିଲେ, ସଦାଶିବ, ଗଦାଧର ଏବଂ ରାଧାମୋହନ ବକ୍‌ସି ତାଙ୍କରି ମନ ଉଲ୍ଲାସ ପାଇଁ ଏକ ସାଧାରଣ ଜଳଯୋଗର ବ୍ୟବସ୍ଥା ହେଲା । ଏତିକିବେଳେ ଚଣାତେଲ ପକୋଡ଼ି ଭଜାର ବାସନା ପାଇ ରାଧାମୋହନ ପ୍ରଶ୍ନ କଲେ ।

କ'ଣ ଏଠାରେ ଚଣକତେଲ ପକୋଡ଼ା ଛଣାଯାଉଛି କି ?

ସଙ୍ଗେ ସଙ୍ଗେ ଗଦାଧର ବିଦ୍ୟାଭୂଷଣ ଗାଇଲେ—

"ଚଣକ ତେଲ ଭଜାରେ
ମନ କରିଛ ରଜାରେ ।"

ସଦାଶିବ ଏହାକୁ ମିଳାଇ ଗାଇଲେ—

"ଝାମ୍ପି ନେବାକୁ ରଜାରେ
ବକୁଳବନେ ମଜାରେ ।"

Digitized by PPRACHIN, SOA

ସତକୁ ସତ ରଜା ଟ ୧୦୦୦/- ଏହି ଆଦର୍ଶ ବନ ବିଦ୍ୟାଳୟକୁ ସାଗ୍ରହେ ଅର୍ପଣ କଲେ । ରାଣୀଙ୍କର ପ୍ରାଣବଲ୍ଲଭୀ ଥିଲେ ଆଳି ରାଜଦୁଲାରୀ । ଏତଦ୍‌ଭିନ୍ନ ତାଙ୍କର ପାଞ୍ଚଜଣ ଉପପତ୍ନୀ ଥିଲେ ।

ରଜା ରାଧାମୋହନ 'ଗୋବିନ୍ଦଚନ୍ଦ୍ର ଲୀଳା' ନାମିତ ମହ୍ଲାର ରାଗରେ ରଚିତ ଏକ ନାଟକ ଆଣି ପ୍ରଥମେ ଚିକିଟୀ ଠାରେ ମଞ୍ଚସ୍ଥ କଲେ । ଏହି ନାଟକ ଅଭିନୟ କାଳରେ ପ୍ରବଳ ବର୍ଷା ହେଲା । ଅଦ୍ୟାବଧି ଏହି ନାଟକର ପରମ୍ପରା ଅନୁକ୍ରମେ ବର୍ଷା ପାଇଁ ଜନସାଧାରଣ ନିଷ୍ଠାର ସହିତ ଅଭିନୟ କରିଥାଆନ୍ତି । ଆକବରଙ୍କ ରାଜସଭାର ସଙ୍ଗୀତଜ୍ଞ ତାନସେନ୍ ଦୀପକ ରାଗିଣୀରେ ସୁନ୍ଦର ସ୍ୱର ତୋଳି ଦୀପଗୁଡ଼ିକୁ ଜଳାଇ ପାରୁଥିଲେ । ମହ୍ଲାର ରାଗିଣୀରେ ମେଘର ସଞ୍ଚାର ଏବଂ ବୃଷ୍ଟିପାତ ପ୍ରସଙ୍ଗ ସର୍ବତ୍ର ବିଦିତ । ଏବେ ମଧ୍ୟ ସାଧାରଣ କେଳା ଯୁବକ ପଦ୍ମତୋଳାର ମୂର୍ଚ୍ଛନାରେ ବିଲାରୁ ନାଗସର୍ପକୁ ଆହ୍ୱାନ କରି ସୁନ୍ଦର ଭାବେ ଖେଳାଇପାରେ ।

୧୯୨୩ରେ ପୁତ୍ର ଗୌରଚନ୍ଦ୍ରଙ୍କୁ ରାଜ୍ୟ ସମର୍ପଣ କରି ସେ ହରିଦ୍ୱାର ଚାଲିଗଲେ ବାନପ୍ରସ୍ଥ ଆଶ୍ରମ ପାଇଁ, କିନ୍ତୁ ସେଠାରେ ମାତ୍ର ଛଅବର୍ଷ ଅବସ୍ଥାନ ପରେ ସେ ପ୍ରତ୍ୟାବର୍ତ୍ତନ କଲେ । ୧୯୪୪ ଜୁଲାଇ ୧୭ ତାରିଖରେ ଇହଲୀଳା ସମ୍ବରଣ କଲେ ଚିକିଟୀ ମାଟିରେ ।

ଅଷ୍ଟବିଂଶ ରଜା ଶ୍ରୀ ଗୌରଚନ୍ଦ୍ର ଦେବ

ପ—ଆଦ୍ୟାକ୍ଷର କାବ୍ୟବିଦ୍ଧାଣୀ ତଥା ସୁରସିକ ନାଟ୍ୟକାର ରାଧାମୋହନ ରାଜେନ୍ଦ୍ର ଦେବଙ୍କ ଔରସ ଜାତ ଏବଂ ଜ୍ୟେଷ୍ଠାରାଣୀ ଆଳି ରାଜନନ୍ଦିନୀ ଶାରଦାଙ୍କ ଗର୍ଭସମ୍ଭୂତ ସୁଯୋଗ୍ୟ ଜ୍ୟେଷ୍ଠ ନନ୍ଦନ ହେଲେ ଗୌରଚନ୍ଦ୍ର । ନୈସର୍ଗିକ ସୁଷମାଶ୍ରୀ ବିମଣ୍ଡିତ ଲାଲମାଟିର ଏହି ଉପାନ୍ତ ଅଞ୍ଚଳ ଚିକିଟୀରେ ଏକ ଦୁର୍ଲ୍ଲଭ ଲଗ୍ନରେ ଭୂମିଷ୍ଠ ହୋଇଥିଲେ ୧୯୦୨ ଖ୍ରୀଷ୍ଟାବ୍ଦରେ । ଗ୍ରାମ ଚଟଶାଳୀର ଶିକ୍ଷାପ୍ରାପ୍ତି ପରେ ସେ କଟକ ନଗରସ୍ଥିତ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଅଧ୍ୟୟନ କରିଥିଲେ । ସେଠାରେ ଆଇ. ଏ. ସ୍ତର ପର୍ଯ୍ୟନ୍ତ ଅଧ୍ୟୟନ ସମାପିତ ହେଲା । ତେଣୁ ତାଙ୍କର ପୋଷାକପତ୍ର, ଖାଦ୍ୟପେୟ, ଚାଲିଚଳଣ ସବୁ ଇଂରାଜୀ ଢାଞ୍ଚାରେ ପରିଣତ ହୋଇଥିଲା ।

Digitized by PPRACHIN, SOA

ମାତ୍ର ଊନଶତ ବର୍ଷ ବୟସରେ, ଏହି ଗୌରବୋଜ୍ଜ୍ୱଳ ରାଜକୁମାରଙ୍କ ଶୁଭପରିଣୟ ମହୋତ୍ସବ ସଂପୂର୍ଣ୍ଣ ରାଜକୀୟ କାଇଦାରେ ଅନୁଷ୍ଠିତ ହୋଇଥିଲା ବଡଗଡ ରାଜଦୁଲାରୀ ସୌଭାଗ୍ୟବତୀ ରାଜଲକ୍ଷ୍ମୀଙ୍କ ସଙ୍ଗରେ । ଦେଶ ଓ ଦଶର କଲ୍ୟାଣ ପ୍ରକଳ୍ପେ ବିଭିନ୍ନ ପଦକ୍ଷେପ ନେବା ପାଇଁ ସେ ଥିଲେ ସଦା ତତ୍ପର । ଗୌରଚନ୍ଦ୍ରଙ୍କ ଶକ୍ତି ଏବଂ ସାମର୍ଥ୍ୟକୁ ବିଚାରକୁ ନେଇ ପିତା ରାଧାମୋହନ ୧୯୨୩ ଖ୍ରୀଷ୍ଟାବ୍ଦରେ ରାଜଗାଦିରେ ଅଭିଷିକ୍ତ କଲେ ।

ରାଜକବି ରାଧାମୋହନ ବାନପ୍ରସ୍ଥାଶ୍ରମର ଶ୍ରେଷ୍ଠ ସ୍ଥଳିରୂପେ ମନୋନୀତ କଲେ ନଗାଧିରାଜ ହିମାଳୟର ପାଦଦେଶସ୍ଥିତ ଏବଂ ପରମ ପାବନୀ ଗଙ୍ଗା ତୀରବର୍ତ୍ତୀ ଅପରୂପ ତୀର୍ଥକେନ୍ଦ୍ର ହରିଦ୍ୱାର । ସେ ସମସ୍ତ ସାଂସାରିକ ମୋହ ଛିନ୍ନ କରି ଚାଲିଗଲେ । ହେଲେ ପାର୍ଥିବ ଆକର୍ଷଣ ତାଙ୍କୁ ପୁନଶ୍ଚ ମାତୃଭୂମି ଚିକିଟିକୁ ଟାଣି ଆଣିଲା ୧୯୨୯ ମସିହାରେ ।

ସ୍ୱନାମଧନ୍ୟ ତଥା ପ୍ରଜାବତ୍ସଳ ରଜା ଗୌରଚନ୍ଦ୍ରଙ୍କ ରାଜତ୍ୱ ବେଳକୁ ମାନ୍ଦ୍ରାସ୍ ପ୍ରେସିଡେନ୍ସିରେ ଥିଲା ଚିକିଟି ଅଞ୍ଚଳ । କୁଳବୃଦ୍ଧ ମଧୁସୂଦନ ଦାସଙ୍କ ଅବିଶ୍ରାନ୍ତ ଉଦ୍ୟମରେ ସଂଗଠିତ ଉତ୍କଳ ସମ୍ମିଳନୀର ଛାପ କଟକରେ ଅଧ୍ୟୟନ ବେଳରୁ ହିଁ ପଡିଥିଲା ତାଙ୍କ ଉପରେ । ଏହି ମହାନ୍ ସ୍ରୋତରେ ଯୁବ ସୁଲଭ ଉତ୍ସାହ ନେଇ ସେ ସାମିଲ ହେଲେ, ୧୯୨୪ ମସିହା ଜୁଲାଇ ମାସରେ ଫିଲିପ୍ ଡଫ୍ କମିଶନ ଆସିଲେ ଓଡଶା ପ୍ରଦେଶ ଗଠନର ଆଭିମୁଖ୍ୟ ତଥା ଯଥାର୍ଥତା ନିରୂପଣ ପାଇଁ । ପାରଳାଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଏହି କମିଟିକୁ ନିଜ ନଅରକୁ ନିମନ୍ତ୍ରଣ କଲେ । ଏକ ସପ୍ତାହବ୍ୟାପୀ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପ୍ରଦାନ କଲେ । ସେଠାରେ ବହୁ ପୁରପଲ୍ଲୀ ସେମାନେ ପ୍ରଦକ୍ଷିଣ କଲେ । ଆଚମ୍ବିତ ପ୍ରସଙ୍ଗ ଏହି ଯେ, ବହୁ ତେଲୁଗୁ ଭାଷାଭାଷୀ ନେତୃସ୍ଥାନୀୟ ବ୍ୟକ୍ତି ଓଡଶା ପ୍ରଦେଶରେ ପାରଳାଖେମୁଣ୍ଡି ଅଞ୍ଚଳ ମିଶିବା ସପକ୍ଷରେ ଯୁକ୍ତି ବାଢିଲେ । ସେଠାରୁ ରାଜା ଗୌରଚନ୍ଦ୍ର ସେମାନଙ୍କୁ ଚିକିଟି ଅଞ୍ଚଳକୁ ନିମନ୍ତ୍ରଣ କଲେ । ସମସ୍ତଙ୍କ ସ୍ୱାକ୍ଷର ସମ୍ବଳିତ ସ୍ମାରକ ପତ୍ର ଦେଇ ଚିକିଟି ସମେତ ଗଞ୍ଜାମ ଜିଲ୍ଲା ଏବଂ ଜୟପୁର ସମେତ କୋରାପୁଟ ଜିଲ୍ଲା

Digitized by PPRACHIN, SOA

ଓଡ଼ିଶାରେ ମିଶ୍ରଣ ପାଇଁ ସେ ଏ ଦାବୀ ଜଣାଇଥିଲେ । ଏହି କମିଟି ଉତ୍କଳ ପ୍ରଦେଶ ଗଠନ ସପକ୍ଷରେ ରିପୋର୍ଟ ଦାଖଲ କଲେ ଇଂଲଣ୍ଡର ଦରବାରରେ । ବାରମ୍ବାର ଉତ୍କଳ ସମ୍ମିଳନୀର ଅଧିବେଶନ ଓଡ଼ିଶା ଏବଂ ଉପାନ୍ତ ଅଞ୍ଚଳମାନଙ୍କରେ ଅନୁଷ୍ଠିତ ହେଲା । ଜନଜାଗରଣ ସଞ୍ଚାର ପ୍ରକାଶେ ତାଙ୍କର ଉଦ୍ୟମ ଅବିସ୍ମରଣୀୟ ।

ତା ୩–୨–୧୯୨୮ ରିଖରେ ସାଇମନ କମିଶନ ଆସିଲା ଭରତ ଶାସନ ଏବଂ ପ୍ରଦେଶ ଗଠନର ନାନା ଦିଗବିଦିଗ ସଂପର୍କରେ ଅନୁଧ୍ୟାନ ପାଇଁ । ଏହି କମିଶନ ଆଗରେ ସାକ୍ଷ୍ୟ ଦେବାକୁ ସାତଜଣ ରାଜାଙ୍କୁ ନେଇ ଏକ କ୍ରିୟାନୁଷ୍ଠାନ କମିଟି ଗଠିତ ହେଲା ଯାହାର ସଭପତି ଥିଲେ ମାନ୍ୟବର କନିକା ରାଜା ସାହେବ । ସଂପାଦକ ହେଲେ ପାରଳା ମହାରାଜା । ତିକିଟୀ ରାଜା ସାହେବ ଏଥିରେ ସକ୍ରିୟ ସଦସ୍ୟ ହେଲେ । ମହମ୍ମଦ ଜିନ୍ନା ସେପଟେ ସିନ୍ଧୁ ପ୍ରଦେଶ ଗଠନ ପାଇଁ ପ୍ରବଳ ଦାବୀ କରୁଥାଆନ୍ତି । ଅଟଲୀ ସାହେବଙ୍କ ଅଧ୍ୟକ୍ଷତାରେ ଗଠିତ ଅଟଲୀ ସବ୍ କମିଟି ପୁଙ୍ଖାନୁପୁଙ୍ଖ ତଦନ୍ତ କରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଓ ସ୍ୱତନ୍ତ୍ର ସିନ୍ଧୁ ପ୍ରଦେଶ ଗଠନ ସପକ୍ଷରେ ରିପୋର୍ଟ ଦାଖଲ କଲେ । ସାଇମନ କମିଶନର ରିପୋର୍ଟ ୧୯୩୦ରେ ପ୍ରକାଶ ପାଇଲା ।

ଏହି ରିପୋର୍ଟ ଭିତ୍ତିରେ ୧୯୩୦ ନଭେମ୍ବର ମାସରୁ ୧୯୩୧ ଜାନୁଆରୀ ପର୍ଯ୍ୟନ୍ତ ଅନୁଷ୍ଠିତ ଗୋଲଟେବୁଲ୍ ବୈଠକରେ ଯୋଗ ଦେବା ପାଇଁ ପାରଳା ମହାରାଜା ଲଣ୍ଡନ ଗଲେ । ତାଙ୍କ ସଙ୍ଗରେ ଗଲେ ଭୁବନାନନ୍ଦ ଦାସ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପ୍ରସ୍ତାବ ମଞ୍ଜୁରୀ ହେଲା । ୧୯୩୧ ମାର୍ଚ୍ଚ ମାସରେ ସେ ଫେରିଲେ ଓଡ଼ିଶା । ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦେବା ପାଇଁ । ଗୌରଚନ୍ଦ୍ର ଦେବ ନିମନ୍ତ୍ରଣ କଲେ, ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନର କେନ୍ଦ୍ର ସ୍ଥଳ କଟକକୁ ହେଲେ ମଧ୍ୟ ଗଞ୍ଜାମ ଓ କୋରାପୁଟ ପାଇଁ ବ୍ରହ୍ମପୁରକୁ କେନ୍ଦ୍ରସ୍ଥଳୀ ରୂପେ ବଛାଗଲା ।

୧୯୩୧ ସେପ୍ଟେମ୍ବରରେ ଓଡ଼ିଶା ପ୍ରଦେଶର ସୀମା ନିରୂପଣ ପ୍ରକାଶେ ଓଡ଼ନାଲ କମିଟି ଆସିଲେ । ଏହି କମିଟି ପାଇଁ ଦରକାର ଦସ୍ତଖତ ସମ୍ବଳିତ ସାକ୍ଷ୍ୟ ଦସ୍ତଖତ ସଂଗ୍ରହ କମିଟି ଗଢ଼ାଗଲା । ଏଥିରେ

Digitized by PPRACHIN, SOA

ସଭପତି ହେଲେ ଗୌରଚନ୍ଦ୍ର ଏବଂ ସମ୍ପାଦକ ହେଲେ ଦିଗାମ୍ବର ରଥ ମହାଶୟ । ସାରା ଓଡ଼ିଶା ସରେଇକଳା, ଖରସୁଆଁ, ଜୟପୁର, କୋରାପୁଟ ସମେତ ଗଞ୍ଜାମର ବିଭିନ୍ନ ଅଞ୍ଚଳ ବୁଲି ସେ ଏ ଦିଗରେ ଅବିଶ୍ରାନ୍ତ ଉଦ୍ୟମ କରିଥିଲେ । ଏହି କମିଟି ଏବଂ ସମ୍ମିଳନୀର ସଦସ୍ୟମାନଙ୍କୁ ଜଳଯୋଗ ଏବଂ ଭୋଜନ ଯୋଗାଇବା ପାଇଁ ସେ ବହୁ ଅର୍ଥ ବ୍ୟୟ କରିଥିଲେ ।

ଏହି କମିଟିର ସଭପତି ଓଡୋନାଲ୍ ସାହେବ, ସଭ୍ୟ ଥିଲେ କୃଷ୍ଣଚନ୍ଦ୍ର ଫୁକାନ୍ ଏବଂ ଏମ୍. ଏସ୍. ମେହେଟ୍ଟା । ଅତିରିକ୍ତ ସଦସ୍ୟ ଥିଲେ ପାରଳା ମହାରଜା କୃଷ୍ଣଚନ୍ଦ୍ର ଗଜପତି । ଯାନବାହନର ବ୍ୟବହୃତ ସମୁଦାୟ ତେଲ ଖର୍ଚ୍ଚ ସକାଶେ ଗୌରଚନ୍ଦ୍ର "ବର୍ମା ଅଏଲ୍ କମ୍ପାନୀ"କୁ ଟ ୩୫୦୦୦/- (ପଞ୍ଚତିରିଶି ହଜାର ଟଙ୍କା) ସ୍ୱଗଜକୋଷରୁ ଦେଇଥିଲେ ।

ଓଡୋନାଲ୍ କମିଟିକୁ ଉବ୍ୟ ସମ୍ବର୍ଦ୍ଧନା ଜ୍ଞାପନ ସକାଶେ ଚିକିଟୀ ରଜବାଟୀକୁ ନିମନ୍ତ୍ରଣ କରଗଲ । ଓଡ଼ିଶାର ବହୁ ଗଣ୍ୟମାନ୍ୟ ନେତୃବର୍ଗ, ଗଜନ୍ୟମଣ୍ଡଳୀଙ୍କ ସମେତ ଉତ୍କଳ ସମ୍ମିଳନୀର ସଦସ୍ୟମାନେ ମଧ୍ୟ ଏହି ଉପଲକ୍ଷେ ପ୍ରାସାଦ ପଶ୍ଚିମ ପାର୍ଶ୍ୱସ୍ଥ ବସନ୍ତ ବନରେ ଏକତ୍ରିତ ହେଲେ । ତରଙ୍ଗାୟିତ ଆଲୋକମାଳା ବିମଣ୍ଡିତ ହେଲ ସହକାର, ପଣସ ଏବଂ ତମାଳ ପ୍ରଭୃତି ବୃକ୍ଷଲତା । ଏହି ଐତିହାସିକ ଉତ୍ସବକୁ କୁହାଗଲ Vaniphing Night ଅର୍ଥାତ୍ ରତି ଉଭେଇଗଲ ସତେ ଯେମିତି ସୂର୍ଯ୍ୟାଲୋକରେ ଚତୁର୍ଦ୍ଦିଗ ହେଲ ଉଦ୍‌ଭାସିତ ।

ବୃକ୍ଷତଳେ ସୁସଜ୍ଜିତ ଚୌକି ଏବଂ ଟେବୁଲରେ ସମସ୍ତେ ବସି ଜଳଯୋଗ ଏବଂ ଭୋଜନ କଲେ । ତମାଳ ନିକୁଞ୍ଜ ତଳେ ଆୟୋଜିତ ହେଲ ଏକ ସଭ । ପାରଳା ମହାରଜା ଏବଂ ଖଲିକୋଟ ରଜାସାହେବଙ୍କ ମଧ୍ୟରେ ଥିବା ତିକ୍ତତା ଦୂରୀଭୂତ କରିବା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲ । ଗୌରଚନ୍ଦ୍ର ଦଣ୍ଡାୟମାନ ହେଲେ । ଛିଣ୍ଡାଇ ଆଣିଲେ ଏକ ସୁରମ୍ୟ ତମାଳ ପୁଷ୍ପ । ଏହାର ଊର୍ଦ୍ଧ୍ୱ ଭଗକୁ ଦେଖାଇ କହିଲେ—"ଏହି ଅପରୂପ ସୌନ୍ଦର୍ଯ୍ୟଭର ପୁଷ୍ପର ମଧ୍ୟ ଭଗରେ ବିଦ୍ୟମାନ କେଶରଟି କୃଷ୍ଣଚନ୍ଦ୍ର ଭଳି । ଏହାର ଚତୁର୍ଦ୍ଦିଗରେ ଥିବା ପାଖୁଡ଼ାଗୁଡ଼ିକ ସତେ ଯେମିତି ଗୋପାଙ୍ଗନା ମଣ୍ଡଳୀ । ପୁନଶ୍ଚ ନିମ୍ନଭଗର ବୃନ୍ତକୁ ଦେଖାଇ କହିଲେ – ଏହି ଦୁର୍ବାଦଳ

Digitized by PPRACHIN, SOA

କାନ୍ତଯୁକ୍ତ ବୃନ୍ତଟି ରାମଚନ୍ଦ୍ରଙ୍କ ସ୍ୱରୂପ । ଚତୁର୍ଦ୍ଦିଗରେ ଥିବା ଦଳ ମଣ୍ଡଳ ସବୁ କପିବୃନ୍ଦଙ୍କ ସଦୃଶ୍ୟ ବିରାଜିତ । ଆମର ଓଡ଼ିଶା ଭାରତ ରୂପକ ଲତାରେ ଗୋଟିଏ ତମାଳ ପୁଷ୍ପ । ମୋର ଦାଦା କୃଷ୍ଣଚନ୍ଦ୍ର ଗଜପତି ଗୋଟିଏ ପାର୍ଶ୍ୱରେ ତ ସଙ୍ଗାତ ରାମଚନ୍ଦ୍ର ମର୍ଦ୍ଦରାଜ ଅପର ପାର୍ଶ୍ୱରେ ବିଦ୍ୟମାନ । ପୁଷ୍ପର ସୌନ୍ଦର୍ଯ୍ୟ ଉଭୟ ପଟକୁ ନେଇ ପ୍ରକାଶ ପାଏ । ଯଦି ଦାଦା ଏବଂ ସଙ୍ଗାତ ଏକମନ ଏବଂ ଏକପ୍ରାଣ ହୋଇ ପ୍ରଦେଶ ଗଠନରେ ଉଦ୍ୟମୀ ନହେବେ ତେବେ ଉତ୍କଳର ଶୋଭା ବିକାଶ ଲାଭ କରିବ ବା କିପରି ?" ଏତିକି କହି ସେ ଉଭୟଙ୍କ ହାତ ମିଶାଇ ଦେଲେ । ସମସ୍ତେ ଘନ ଘନ କରତାଳି ମାରିଲେ । ହାସ୍ୟରେଖ ଖେଳିଗଲା ସମସ୍ତଙ୍କ ମୁଖରେ । ଗୌରଚନ୍ଦ୍ରଙ୍କୁ ମର୍ଦ୍ଦରାଜ ଏବଂ ଗଜପତି କୁଣ୍ଢାଇ ପକାଇଲେ । ଉଭୟଙ୍କ ମତାନ୍ତର ଦୂରୀଭୂତ ହେଲା । ସଭାଜନମାନେ ଗୌରଚନ୍ଦ୍ରଙ୍କୁ ପ୍ରତ୍ୟୁତ୍ପନ୍ନ ମତିତାକୁ ଭୂରି ଭୂରି ପ୍ରଶଂସା କଲେ । ଉତ୍ତମ ଭାବମୂର୍ତ୍ତି ରକ୍ଷା କରି ଓଡୋନାଲ୍ କମିଟି ଫେରିଲେ । ୧୯୩୩ରେ ଓଡ଼ିଶା ପ୍ରଦେଶ ଗଠନ ସକାଶେ ଶ୍ୱେତପତ୍ର ପ୍ରକାଶ ପାଇଲା, ଯେଉଁଥିରେ ନାହିଁ ପାରଳା କିମ୍ବା ନାହିଁ ଜୟପୁରର ଅସ୍ତିତ୍ୱ । ଗଜପତି ତିନିଦିନ ଯାଏଁ ଅନ୍ନ ଜଳ ଛୁଇଁଲେ ନାହିଁ । ଗୌରଚନ୍ଦ୍ର ତାଙ୍କ ନିକଟକୁ ଯାଇ ପ୍ରବୋଧନା ଦେଲେ । ପୁଣି ଗଜପତିଙ୍କ ମଧ୍ୟରେ ଶତସିଂହର ବଳ ସଞ୍ଚାର ହେଲା । ଇଂଲଣ୍ଡ ଗଲେ ଗଜପତି, ପଣ କଲେ ପାରଳାଖେମୁଣ୍ଡି ଯଦି ଓଡ଼ିଶା ପ୍ରଦେଶରେ ନ ମିଶେ ତେବେ ଝେଲେମ୍ ନଦୀ କୂଳରେ ଶେଷ ନିଃଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ରହିବେ ପଛେ ଭାରତକୁ ଫେରିବେ ନାହିଁ । ଲକ୍ଷ୍ୟ ତାଙ୍କର ସିଦ୍ଧ ହେଲା, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ସୀମା ମଧ୍ୟରେ ରହିଲା ପାରଳା ଏବଂ ଜୟପୁର ।

୧୯୩୪ ମସିହା ଜାନୁଆରୀ ମାସରେ Orissa Administrative କମିଟି ଗଠିତ ହେଲା । ସାର୍ ଜନ୍ ହବାକ୍ ତାହାର ସଭାପତି ଥିଲେ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଆୟବ୍ୟୟ, ରାଜଧାନୀର ଅବସ୍ଥାନ, କର୍ମକର୍ତ୍ତା ନିଯୁକ୍ତି ପ୍ରଭୃତି ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ଓ ପଦକ୍ଷେପ ପାଇଁ ଏହି କମିଟି ଦୀର୍ଘ ତିନିମାସ ଧରି କାର୍ଯ୍ୟ କଲା । ବହୁ ଜନନେତୃବର୍ଗ ଏଥିରେ ସହଯୋଗ କଲେ । ସେମାନଙ୍କ ମଧ୍ୟରେ ଅନ୍ୟତମ ଥିଲେ

Digitized by PPRACHIN, SOA

ଗୌରଚନ୍ଦ୍ର । ୧୯୩୪ ମସିହା ଅକ୍ଟୋବର ମାସରେ ସେ ଗୁରୁତରଭାବେ ପୀଡ଼ିତ ହୋଇପଡ଼ଲେ । ବହୁ ଡାକ୍ତର ଏବଂ ରାଜବୈଦ୍ୟ ତାଙ୍କୁ ଚିକିତ୍ସା କଲେ । ରୋଗ ବଢ଼ିବାକୁ ଲାଗିଲା । ପରିଶେଷରେ ଭାରତ ବିଖ୍ୟାତ ଡାକ୍ତର ନୀଳରତ୍ନ ସରକାର ଆସିଲେ କଲିକତାରୁ । ସେ ହତାଶ ହେଲେ । ମୃତ୍ୟୁ ନିକଟବର୍ତ୍ତୀ ହେଲା । ଠିକ୍ ଏହି ସମୟରେ ତାରବାର୍ତ୍ତା ଆସିଲା ଦିଲ୍ଲୀରୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର କାମ ସରିଛି । ଜୟପୁର ଓ ପାରଳା ଓଡ଼ିଶାର ଅନ୍ତର୍ଭୁକ୍ତ ମଧ୍ୟ ହୋଇଛି । ମୃତ୍ୟୁ ଶଯ୍ୟାରେ ଏ ସମ୍ବାଦ ପାଇ ସେ ମନେ କଲେ ଯେମିତି ପରଶମଣି ପାଇଲେ, "ଜୟ ଉତ୍କଳ ଜନନୀ" କହି ତାଙ୍କର ଶେଷ ନିଃଶ୍ୱାସ ଛାଡ଼ିଗଲା । ଗୌରଚନ୍ଦ୍ରଙ୍କର ଜୀବନ ଦୀପ ଲିଭିଗଲା ।

ଉତ୍କଳ ପ୍ରଦେଶ ଗଠନ ପାଇଁ ଆପ୍ରାଣ ଉଦ୍ୟମ କରି ସେ ହୋଇପଡ଼ଲେ ଅନ୍ୟତମ ଇତିହାସ ପୁରୁଷ ।

ଗୌରଚନ୍ଦ୍ର ଥିଲେ ପରମ ଶିକ୍ଷାପ୍ରେମୀ । ଆର୍ଥିକ ସହାୟତା ଦେଇ ବହୁ ଉଦୀୟମାନ ତଥା ମେଧାବୀ ଛାତ୍ରଙ୍କୁ ସେ ବିଦେଶୀ ଶିକ୍ଷା ଲାଭ ପାଇଁ ପଠାଇଥିଲେ । ଚିକିଟୀର ମାଧ୍ୟମିକ ଭାଷାକୁଲର ବିଦ୍ୟାଳୟକୁ ନିଜ ପରିଚାଳନାଧୀନ ରଖି ସେ ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି କରିଥିଲେ । ଦେବଦେବୀ ମନ୍ଦିରର ରକ୍ଷଣାବେକ୍ଷଣରେ ପରମ ମନଯୋଗୀ ଥିଲେ । ଇଷ୍ଟେଟ୍‌ର ସମସ୍ତ ରସିଦ, କାଗଜପତ୍ର ତଥା ରେକର୍ଡ ସବୁରେ ଓଡ଼ିଆ ଭାଷାର ପ୍ରବର୍ତ୍ତନ କରିଥିଲେ । ଓଡ଼ିଆ ଜାତିର ଉନ୍ନତି ଏବଂ ଓଡ଼ିଶା ପ୍ରଦେଶ ଗଠନ ପାଇଁ ସେ ଅବିଶ୍ରାନ୍ତ ଉଦ୍ୟମ କରିଥିଲେ ।

ଧନ୍ୟ ଗୌରଚନ୍ଦ୍ର ! ଧନ୍ୟ ତୁମର ଅମର କୀର୍ତ୍ତିମୟ ଜୀବନ କାହାଣୀ !!

ମହା ମହୋପାଧ୍ୟାୟ ନରହରି ପଣ୍ଡା ଓ ପ୍ରସିଦ୍ଧ ବାରାହୀ ପୀଠ

'ଚେଟକ' ଅଞ୍ଚଳରେ ସପ୍ତଦଶ ଶତାବ୍ଦୀରେ ଖଜୁରିଆ ଶାସନରେ ଅବସ୍ଥାନ କରୁଥିଲେ ଜନୈକ କୌଶିକ ଗୋତ୍ରୀୟ ନୈଷ୍ଠିକ ବ୍ରାହ୍ମଣ ନାମ ଯାହାଙ୍କର ନରୋତ୍ତମ ପଣ୍ଡା । ପତ୍ନୀଙ୍କ ବନ୍ଧ୍ୟାତ୍ୱ ଯୋଗୁଁ ସେ ଥିଲେ

Digitized by PPRACHIN, SOA

ନିଃସନ୍ତାନ । କିନ୍ତୁ ଈଶାନେଶ୍ୱରଙ୍କୁ ବହୁଦିନ ଆରାଧନା କରି ସେ ପରିଶେଷରେ ଯେଉଁ ପୁତ୍ରରତ୍ନ ପାଇଲେ ତାହାଙ୍କ ନାମ ନରହରି । ସଂସ୍କୃତ ବିଦ୍ୟାନୁରାଗୀ ପଣ୍ଡିତ ନରୋତ୍ତମ ଶୈଶବରୁ ହିଁ ପୁତ୍ରକୁ ଅମରକୋଷ ଘୋଷିବାକୁ ପ୍ରବର୍ତ୍ତାଇଲେ । ହେଲେ ବାଳକ ସୁଲଭ ଚପଳତାବଶତଃ ସେ ଏଥିରେ ଅମନଯୋଗୀ ହେଲେ । ପ୍ରବାଦ ଅଛି—

''ଅମର ଜୁମର ନିଠେ ଘୋଷ
ବାକିସବୁ ପାଠ ରଜରେ ଖୋସ୍ ।''

ଅମରକୋଷ ଓ ଜୁମର ବ୍ୟାକରଣ ସେକାଳର ସଂସ୍କୃତ ବିଦ୍ୟା-ନିକେତନର ଦୁଇଟି ମହାନ୍ ସ୍ତମ୍ଭ ଥିଲା । ଅମାନିଆ ପୁତ୍ର ନରହରିଙ୍କୁ ନିଷ୍ଠୁର ବେତ୍ରାଘାତ କଲେ ପିତା ନରୋତ୍ତମ । ନିଶାର୍ଦ୍ଧରେ ନିଃସହାୟ ନରହରି ଆସି ଶ୍ମଶାନରେ ଏକ ଶବର ଚିତାନଳ ପାଖରେ ବସିଲେ । ମୁଖରୁ ତାଙ୍କର ସ୍ୱତଃ ନିର୍ଗତ ହେଲା—ଉମା କାତ୍ୟାୟିନୀ ଗୌରୀ କାଳୀ ହୈମବତୀଶ୍ୱରୀ, ଶିବା, ଭବାନୀ, ରୁଦ୍ରାଣୀ ସର୍ବାଣୀ ସର୍ବମଙ୍ଗଳା ଅପର୍ଣ୍ଣା ପାର୍ବତୀ ମୃଡାନୀ ଚଣ୍ଡିରମ୍ବିକା...

ରାତ୍ରିର ନିଃସ୍ତବ୍ଧତାରେ ଆବିର୍ଭୂତା ହେଲେ ଦେବୀ । ନରହରିଙ୍କୁ ଆଶୀଷ ପ୍ରଦାନ ପୂର୍ବକ ବାରହୀ କ୍ଷେତ୍ରରେ ସାଧନା ପାଇଁ ନିର୍ଦ୍ଦେଶନା ଦେଲେ । ଦଶ ମହାବିଦ୍ୟା ଉପରେ ପ୍ରତିଷ୍ଠିତ ଏହି ପରମ ଆରାଧ୍ୟା ଦେବୀ ବାରହୀ ଦେବୀଙ୍କ କଟାକ୍ଷ ଲାଭ କଲେ ନରହରି । ଅସାଧାରଣ ପାଣ୍ଡିତ୍ୟ ପ୍ରକାଶ ପାଇଲା ତାଙ୍କଠାରେ । ସଂସ୍କୃତର ବହୁ ପ୍ରସିଦ୍ଧ ତଥା ଜଟିଳ କାବ୍ୟ ତାଙ୍କର ମୁଖସ୍ଥ ହେଲା ।

ଦିନକର ଘଟଣା—ଶ୍ରୀମନ୍ଦିରରେ ଉପସ୍ଥିତ ହେଲେ ପଣ୍ଡିତପ୍ରବର ନରହରି ପଣ୍ଡା । ମେଘଦୂତ କାବ୍ୟକୁ ଅନର୍ଗଳ ଗାନ କରି ଗଲେ ଗରୁଡ ପଛରେ ଦଣ୍ଡାୟମାନ ହୋଇ । ପଣ୍ଡା ପ୍ରତିହାରୀ, ପଣ୍ଡିତ ଜ୍ୟୋତିର୍ବିଦ୍ ସବୁ ତାଙ୍କ ଚତୁର୍ଦ୍ଦିଗରୁ ଘେରିଗଲେ । ଜଗନ୍ନାଥଙ୍କ ଜଗମୋହନ କୋଠରୀରେ ଆଦି ରସାତ୍ମକ ଏହି କାବ୍ୟ ଗାନ ପାଇଁ ନିଷେଧ କରାଗଲା । ପଣ୍ଡିତ ନରହରି ଏହାକୁ ଜଗନ୍ନାଥଙ୍କ ସ୍ତବମୂଳକ ଗ୍ରନ୍ଥ ବୋଲି ବୟାନ କଲେ । ବହୁ ବାଦ ବିବାଦ ଉପୁଜିଲା । ପରିଶେଷରେ ରାଜା ମୁକୁନ୍ଦଦେବଙ୍କ ସୁଦୃଷ୍ଟିକୁ

Digitized by PPRACHIN, SOA

ଗଲା ଏ ସମ୍ବାଦ, ରଜା ପଣ୍ଡିତ ନରହରିଙ୍କ ଠାରୁ ସକଳ ବୃତ୍ତାନ୍ତ ଶ୍ରବଣ କରି ଏହାର ପ୍ରମାଣ ଦେବାକୁ ନିର୍ଦ୍ଦେଶ କଲେ ।

ପଣ୍ଡିତଙ୍କ ପ୍ରତିଶ୍ରୁତି ଅନୁକ୍ରମେ ଚନ୍ଦନ ସେବା କରାଗଲା, ଜଗନ୍ନାଥଙ୍କ ଲଲାଟରେ । ଅଶ୍ରୁବିଗଳିତ ଲୋଚନରେ ବାଷ୍ପ ଗଦ୍ ଗଦ୍ ହୋଇ ପଣ୍ଡିତ ନରହରି ଗାଇଲେ, ମେଘଦୂତର କାନ୍ତ କମନୀୟ ପଂକ୍ତି । ସତକୁ ସତ ଆସ୍ତେ ଆସ୍ତେ ସ୍ୱେଦବିନ୍ଦୁ ବିଲେପିତ ଚନ୍ଦନରୁ ଝରିଲା ଆଚମ୍ବିତ ହେଲେ ମୁକ୍ତିମଣ୍ଡପର ପଣ୍ଡିତ ମଣ୍ଡଳୀ, ପଣ୍ଡା ପ୍ରତିହାରୀ ଆଉ ସକଳ ଭକ୍ତବୃନ୍ଦ । ମହାମହୋପାଧ୍ୟାୟ ଉପାଧିରେ ରଜା ଏହି ଦକ୍ଷିଣୀ ପଣ୍ଡିତଙ୍କୁ ଦାରୁବ୍ରହ୍ମଙ୍କ ସମ୍ମୁଖରେ ବିଭୂଷିତ କଲେ ।

ପଂଚବସ୍ତ୍ର ଏବଂ କନକ କୁଣ୍ଡଳ ପିନ୍ଧି ଏବଂ ବିଜୟର ଟୀକା ବହି ଫେରିଲେ ପଣ୍ଡିତ ନରହରି ପଣ୍ଡା । ତାଙ୍କ ବିରଚିତ ମେଘଦୂତର ଟୀକା ହିଁ ଆଜି ଓଡ଼ିଶା ସାଂସ୍କୃତିକ ବିଭାଗ ଦ୍ୱାରା ପ୍ରକାଶିତ "ବ୍ରହ୍ମ ପ୍ରକାଶିନୀ ଟୀକା ।"

ଦମାକ୍‌ଦାର ଜନସେବକ ତ୍ୟାଗବୀର ଦିବାକର

ଦକ୍ଷିଣ ଓଡ଼ିଶାର ଉପାନ୍ତ ଅଞ୍ଚଳସ୍ଥିତ ଲାଲମାଟିର ଟିକି ସହର ଏଇ ଚିକିଟି ଅପରୂପ ନୈସର୍ଗିକ ସୁଷମାର ଗନ୍ତାଘର, ଯାହାର ମଥାରେ ହୀରକ ମୁକୁଟ ସଦୃଶ୍ୟ ଦଣ୍ଡାୟମାନ ରତ୍ନଗର୍ଭ ଭଙ୍ଗୀଳ ଭୂଧର କେରଣ୍ଡିମାଳ, ଚରଣକୁ ଯାହାର ଛୁଇଁ ଛୁଇଁ ଯାଏ ସ୍ୱଚ୍ଛ ସଲୀଳା କଳନିନାଦିନୀ ସେହି ପୁରଣ ପ୍ରସିଦ୍ଧା ତଟିନୀ ବାହୁଦା, ପୂର୍ବଦିଗ୍ ବିଭାଗରେ ବିରାଜିତ ଅଭୟ ବରଦହସ୍ତା ପରମ ବୈଷ୍ଣବୀ ମା ବାଳକୁମାରୀଙ୍କ ପବିତ୍ର ତୀର୍ଥସ୍ଥଳୀ ଏବଂ ପଶ୍ଚିମ ଭାଗରେ ବିରାଜିତ ପ୍ରାଚୀନ ପ୍ରସିଦ୍ଧ ମୁନିଋଷି ଅଧ୍ୟୁଷିତ ସେହି ଋଷିଗୁମ୍ଫା ଯୋଗାଶ୍ରମ । ଏହି ମାଟିରେ ଆଜକୁ ଏକଶହ ବର୍ଷ ତଳେ ଅର୍ଥାତ୍ ତା ୬-୧୦-୧୮୯୯ ରିଖର ଏକ ପୁନୀତ ଲଗ୍ନରେ ଜନ୍ମ ହୋଇଥିଲେ ଜନୈକ ପ୍ରତିଭା ଭାସ୍ୱର ତଥା ଅନନ୍ୟ ସାଧାରଣ ସନ୍ତାନ ନାମ ଯାହାର ଦିବାକର । ବାପା ତାଙ୍କର ମଦନମୋହନ ବକ୍‌ସି ପଟ୍ଟନାୟକ ଏବଂ ମାତାଙ୍କ ନାମ ଶ୍ରଦ୍ଧାଞ୍ଜଳି ଦେବୀ ।

Digitized by PPRACHIN, SOA

...ଗ୍ରାମ ଘଣ୍ଟଶାଳୀରେ ପ୍ରାଥମିକ ଶିକ୍ଷା ସମାପିତ ହୁଏ । ତଦାନିନ୍ତନ ମେଡ୍ରାସ୍ ପ୍ରେସିଡେନ୍‌ସି ଅନ୍ତର୍ଗତ ଇଚ୍ଛାପୁର ସହରକୁ ପ୍ରତ୍ୟହ ପାଦରେ ଯାତାୟତ କରିବାକୁ ହେଲା ମାଧ୍ୟମିକ ବିଦ୍ୟା ଅଧ୍ୟୟନ ସକାଶେ । ଇଚ୍ଛାପୁରସ୍ଥିତ ସୁରଙ୍ଗି ଉଚ୍ଚ ବିଦ୍ୟାପୀଠରୁ ସେ ଗଲେ ତଦାନିନ୍ତନ ଭିକ୍‌ଟୋରିଆ ଉଚ୍ଚ ବିଦ୍ୟାପୀଠ ତଥା ଆଧୁନାନ୍ତନ ଉତ୍କମଧୁ ବିଦ୍ୟାପୀଠକୁ । ତଦନନ୍ତର ବଙ୍ଗ ପ୍ରଦେଶ ଅନ୍ତର୍ଗତ ମୁର୍ସିଦାବାଦ୍ ଜିଲ୍ଲାର ବରହମ୍ପୁର ଗଲେ ଦିବାକର ବାବୁ । ସେଠାକାର ଈଶ୍ୱରଚନ୍ଦ୍ର ଇନଷ୍ଟିଚ୍ୟୁଟ୍‌ରେ ପ୍ରବେଶିକା ପରୀକ୍ଷାରେ ସେ କୃତିତ୍ୱର ସହିତ ଉତ୍ତୀର୍ଣ୍ଣ ହେଲେ । ନେସନାଲ୍ କଲେଜରେ ଉଚ୍ଚ ଶିକ୍ଷା ଲାଭ ସକାଶେ ଅଧ୍ୟୟନ କଲେ । ଅସହଯୋଗ ଆନ୍ଦୋଳନର ମୁକୁଟବିହୀନ ସେନାପତି ମୋହନ ଦାସ କରମଚାନ୍ଦଙ୍କ ମୋହନ ବଂଶୀର ମୂର୍ଚ୍ଛନା ତାଙ୍କୁ ବିଚଳିତ କରୁଥାଏ ।

୧୯୨୨ ଖ୍ରୀଷ୍ଟାବ୍ଦରେ ଦେଶବନ୍ଧୁ ବାରିଷ୍ଟର ଚିତ୍ତରଞ୍ଜନ ଦାସ ଏବଂ ଦେଶପ୍ରାଣ ବିପିନଚନ୍ଦ୍ର ପାଲ୍‌ଙ୍କ କଲେଜ ଛାଡ ଡାକରେ ଆକୁମାରୀ ହିମାଚଳର ଯେଉଁ କେତେଜଣ ମୁକ୍ତିପିପାସୁ ଯୁବକ ଯୁବତୀ ପାଶ୍ଚାତ୍ୟ ଶିକ୍ଷାକୁ ପଦାଘାତ କରି ସ୍ୱାଧୀନତା ଆନ୍ଦୋଳନର ବହ୍ନିବଳୟ ମଧ୍ୟକୁ ଲମ୍ଫ ପ୍ରଦାନ କରିବାରେ ଦିବାକର ବାବୁ ହେଲେ ସେମାନଙ୍କ ମଧ୍ୟରେ ଅନ୍ୟତମ ।

ଉତ୍କଳମଣି ଗୋପବନ୍ଧୁ ଓଡ଼ିଶା ସଙ୍ଗଠନରେ ଥାଆନ୍ତି ପୁରୋଧା । ବ୍ରହ୍ମପୁରରେ ପହଞ୍ଚି ସେ ଆଡଭୋକେଟ୍ ପି. ସି. ଚଟ୍ଟୋର୍ଜୀଙ୍କୁ କଂଗ୍ରେସ ଦଳର ସଙ୍ଗଠନ ଖର୍ଚ୍ଚ ପାଇଁ ଷୋହଳ ଟଙ୍କା ଦେଲେ । ଚିକିଟିରୁ ଡାକରା ପାଇ ଚଟ୍ଟୋର୍ଜୀଙ୍କ ପାଖକୁ ଗଲେ ଯୁବନେତା ଦିବାକର ବାବୁ । ଉପାନ୍ତ ଅଞ୍ଚଳର ସଭ୍ୟ ସଂଗ୍ରହ ପାଇଁ ଏକ ଟଙ୍କା ଖର୍ଚ୍ଚ ଏବଂ କିଛି କଂଗ୍ରେସ ଦଳର ନାମ ନମୋଦ ଫର୍ମ ଧରି ଚାଲି ଚାଲି ସ୍ୱଗୃହକୁ ଫେରିଲେ । ସେତେବେଳେ ଆସିକା ନିବାସୀ ପ୍ରବଳ ସ୍ୱାଧୀନତା ସଂଗ୍ରାମୀ ନିରଞ୍ଜନ ପଟ୍ଟନାୟକ, କଲେଜ ପାଠପଢା ଛାଡ଼ି ବ୍ରହ୍ମପୁରଠାରେ ସ୍ୱରାଜ୍ୟ ଆଶ୍ରମ ସ୍ଥାପନ କଲେ । ସାରା ଗଞ୍ଜାମ ଜିଲ୍ଲାର କଂଗ୍ରେସ କର୍ମୀମାନେ ସେଠାରେ ତାଲିମ ପାଇଲେ । ଶ୍ରୀବତ୍ସ ପଣ୍ଡା ହେଲେ ସଭାପତି ଏବଂ ସଂପାଦକ

Digitized by PPRACHIN, SOA

ରୂପେ କାର୍ଯ୍ୟ କରନ୍ତ ନିରଞ୍ଜନ ପଟ୍ଟନାୟକ, ଦିବାକର ବାବୁ ଆନ୍ଦୋଳନର ନେତୃତ୍ୱ ନେବାଯୋଗୁଁ ବନ୍ଦୀ ହେଲେ ବ୍ରହ୍ମପୁର ଜେଲ୍‌ଖାନାରେ । ତତ୍ ପରବର୍ତ୍ତୀ ସମୟରେ ତାଙ୍କୁ ପଣ୍ଡିଚେରୀସ୍ଥିତ କାଡ଼ାକୋରମ୍ ଜେଲକୁ ସ୍ଥାନାନ୍ତର କରଗଲା ।

ପତାକା ଉତ୍ତୋଳନ ସତ୍ୟାଗ୍ରହର ଭରତବ୍ୟାପୀ ଆୟୋଜନ ହେଲା ୧୯୨୪ ଖ୍ରୀଷ୍ଟାବ୍ଦରେ । ଏହି କାର୍ଯ୍ୟରେ ଯୋଗଦାନ ପାଇଁ ସେ ନାଗପୁର ଯାତ୍ରାକଲେ କିନ୍ତୁ ତାଙ୍କୁ ସତ୍ୟାଗ୍ରହୀମାନଙ୍କ ସହିତ ଅଟକ ରଖାଗଲା ଯାତ୍ରାପଥରେ । ଏହି ବର୍ଷହିଁ ଗଞ୍ଜାମ ଜିଲ୍ଲା ରାଜନୈତିକ ସମ୍ମିଳନୀ ଅନୁଷ୍ଠିତ ହେଲା ଗଞ୍ଜାମର ପାତ୍ରପୁରଠାରେ । ଏଥିରେ ସଭାପତିତ୍ୱ କଲେ ଗୋପବନ୍ଧୁ ଦାସ । ଏହାର ଆୟୋଜନର ପୁରୋଧା ଥିଲେ ଦିବାକର ବାବୁ । ଗଞ୍ଜାମ ଜିଲ୍ଲାକୁ ମାଡ୍ରାସ୍ ପ୍ରେସିଡେନ୍‌ସିରୁ ମୁକ୍ତ କରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶରେ ମିଶାଇବା ପାଇଁ ବଳିଷ୍ଠ ଦାବୀ ବାଢ଼ିଥିଲେ ଫିଲଡ଼ଫ୍ କମିଟି ଆଗରେ । ପରିବାରର ଆର୍ଥିକ ଭରଣା ସକାଶେ ସେ ୧୯୨୫ ମସିହାରୁ ୧୯୩୦ ମସିହା ପର୍ଯ୍ୟନ୍ତ Tea District Labour Associationର କିରାଣୀ ରୂପେ ସେ ନିଯୁକ୍ତ ହୋଇଥିଲେ । ୧୯୩୦ରେ ଗୋଲ୍‌ଟେବୁଲ୍ ବୈଠକ ସକାଶେ ଡାକରା ଆସିଲା ସାତ ସମୁଦ୍ର ତେର ନଈ ପାରି ହୋଇ ଆସିଥିବା ଦୁର୍ଦ୍ଧର୍ଷ ମସଲା ବେପାରୀଙ୍କ ସରକାର ତରଫରୁ । ପୁଣି ସତ୍ୟାଗ୍ରହ ତେଜି ଉଠିଲା । ଲବଣ ସତ୍ୟାଗ୍ରହ କାର୍ଯ୍ୟକ୍ରମର ଡାକରା ଦେଲେ ମହାତ୍ମାଜୀ, ଚାକିରୀରୁ ଦୃଢ଼ ମନରେ ଇସ୍ତଫା ଦେଇ ସେ ସତ୍ୟାଗ୍ରହରେ ବଳିଷ୍ଠ ନେତୃତ୍ୱ ନେଲେ । କୋରାପୁଟ ଠାରେ ସେ ବନ୍ଦୀ ହେଲେ । ତାଙ୍କୁ ପୁଣି ବିଶାଖାପାଟଣା କେନ୍ଦ୍ରୀୟ ଜେଲକୁ ନିଆଗଲା । ୧୯୩୨ରେ ସେ ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟିର ସମ୍ପାଦକ ହେଲେ । ପୁରୀ ଠାରେ ଆୟୋଜିତ କଂଗ୍ରେସ ସମ୍ମିଳନୀରେ କର୍ମୀ ଓ ସମର୍ଥକମାନଙ୍କ ସହିତ ଯୋଗଦେଇଥିଲେ ।

ଭାଗ୍ୟର ବିଡ଼ମ୍ବନା, ଜେଲ ଜୀବନର ନିର୍ଯ୍ୟାତନା ଏବଂ ଖାଦ୍ୟପେୟର ଅନିୟମିତତା ଭିତରେ ତାଙ୍କର ତେଜୋଦୀପ୍ତ ଶରୀର ରାଜଯକ୍ଷ୍ମାର ଶୀକାର ହେଲା ୧୯୩୩ ମସିହାରେ । ନବରଙ୍ଗପୁର ଠାରେ ସାଙ୍ଗଠନିକ କାର୍ଯ୍ୟ ଚାଲିଥାଏ । ସେହିଠାରୁ ତାଙ୍କୁ କିଙ୍ଗ ଜର୍ଜ ହସପିଟାଲ୍ (ବିଶାଖାପାଟଣା)କୁ

Digitized by PPRACHIN, SOA

ପଠାଗଲା । ୧୯୩୫ ମସିହାରେ ସଂପୂର୍ଣ୍ଣ ଆରୋଗ୍ୟ ହୋଇ ଦ୍ୱିଗୁଣ ତେଜରେ ସେ ଲାଗିପଡ଼ଲେ, ଜାତୀୟ କଂଗ୍ରେସର ସେବାରେ । ତାଙ୍କୁ ସେହିବର୍ଷ ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟିର ସଭପତି ରୂପେ ନିଯୁକ୍ତ କରଗଲା ।

ରୋଲଟେବୁଲ୍ ବୈଠକର କୌଶଳପୂର୍ଣ୍ଣ ନିଷ୍ପତ୍ତି ଅନୁକ୍ରମେ ପ୍ରାଦେଶିକ ମନ୍ତ୍ରିମଣ୍ଡଳ ଗଠନର ସମୟ ଆସିଲା । ଓଡ଼ଶା ପ୍ରଦେଶ କଂଗ୍ରେସ କମିଟିର ସଭପତି ହେଲେ ପଣ୍ଡିତ ନୀଳକଣ୍ଠ ଦାସ । ତାଙ୍କର ଘନିଷ୍ଠ ବନ୍ଧୁ ତଥା ବଳିଷ୍ଠ ସହକର୍ମୀ ଥିଲେ ଦିବାକର ବାବୁ । ପଣ୍ଡିତ ନୀଳକଣ୍ଠ ତାଙ୍କର ବେପରବାୟ ଚଳଣି ଦେଖି କହନ୍ତ—"ଦିବାକରଟା ଖାଣ୍ଟି ଗଞ୍ଜାମୀ ଗଲେ ଯାମି କିନ୍ତୁ ନ ଫେରମି ।" ଗଂଜାମ ଜିଲ୍ଲା ବୋର୍ଡର ପ୍ରଥମ ସଭପତି ହେଲେ ପ୍ରାତଃ ସ୍ମରଣୀୟ ଗଜପତି କୃଷ୍ଣଚନ୍ଦ୍ର ଗଜପତି ନାରୟଣ ଦେବ ଏବଂ ଉପ ସଭପତି ହେଲେ ଦିବାକର ବାବୁ । ଓଡ଼ଶା ମନ୍ତ୍ରିମଣ୍ଡଳର ପ୍ରଧାନମନ୍ତ୍ରୀ ରୂପେ କାର୍ଯ୍ୟଭର ଗ୍ରହଣ କଲେ ଗଜପତି ମହାରଜା । ଫଳରେ ୧୯୩୬ ଠାରୁ ୧୯୪୬ ପର୍ଯ୍ୟନ୍ତ ଦିବାକର ବାବୁ ଗଂଜାମ ଜିଲ୍ଲା ବୋର୍ଡର ସଭପତି ରୂପେ ଅଖଣ୍ଡ କ୍ଷମତାରେ ଅବସ୍ଥାପିତ ହେଲେ । ଗଂଜାମ ଜିଲ୍ଲାରେ ଶିକ୍ଷାର ଗୁଣାତ୍ମକ ବିକାଶ ସକାଶେ ଅନେକ ବିଦ୍ୟାଳୟ ପ୍ରତିଷ୍ଠା, କୃଷିର ଉନ୍ନତି ପାଇଁ ଜଳସେଚନ ବ୍ୟବସ୍ଥା, ଯାତାୟତ ସକାଶେ ରସ୍ତାଘାଟର ବନ୍ଦୋବସ୍ତ ପ୍ରଭୃତି ବହୁ ଜନହିତକର କାର୍ଯ୍ୟ ସେ କରିଥିଲେ । ସୁବାସ ବୋଷଙ୍କ ଅଧ୍ୟକ୍ଷତାରେ ଗଠିତ ଫରୱାର୍ଡ ବ୍ଲକ୍‌ରେ ସେ ଯୋଗ ଦେଲେ ୧୯୩୮ ମସିହାରେ । ଓଡ଼ଶା ଫରୱାର୍ଡ ବ୍ଲକ୍‌ର ସଭପତି ହେଲେ ପଣ୍ଡିତ ନୀଳକଣ୍ଠ । ଦିବାକର ବାବୁଙ୍କୁ ସୁବାସ ବୋଷ ଏତେ ଆଦର କରୁଥିଲେ ଯେ ତାଙ୍କୁ ଭରତର ଉପ-ସଭପତି ରୂପେ ମନୋନୀତ କଲେ । ଏବେ ମଧ୍ୟ ପାର୍ଲାମେଣ୍ଟ ଭବନରେ ନେତାଜୀଙ୍କ ପାର୍ଶ୍ୱରେ ଦଣ୍ଡାୟମାନ ଦିବାକର ବାବୁଙ୍କ ଫଟୋଚିତ୍ର ଦେଖିବାକୁ ମିଳେ । ଭରତ ସ୍ୱାଧୀନତା ହାସଲ କଲା । ୧୯୩୬ରେ ସେ ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀରୁ ବିଧାୟକ ରୂପେ ନିର୍ବାଚିତ ହୋଇଥିଲେ । ୧୯୫୮ରେ ସେ ସୋଶାଲିଷ୍ଟ ଦଳରୁ ରଜ୍ୟସଭକୁ ସଦସ୍ୟ ରୂପେ ଛଅ ବର୍ଷ ପାଇଁ ନିର୍ବାଚିତ ହେଲେ।୧୯୬୪ରେ ଫରୱାର୍ଡ ବ୍ଲକ୍, ପ୍ରଜାପାର୍ଟି ଏବଂ ସୋଶାଲିଷ୍ଟ ଦଳ କଂଗ୍ରେସ ସହିତ ସାମିଲ ହେଲେ ।

Digitized by PPRACHIN, SOA

ଦିବାକର ବାବୁ ୧୯୬୭ରେ କଂଗ୍ରେସ ଟିକଟରେ ଚିକିଟୀ ନିର୍ବାଚନ ମଣ୍ଡଳୀରୁ ବିପୁଳ ଭୋଟରେ ନିର୍ବାଚିତ ହୋଇଥିଲେ ବିଧାୟକ ରୂପେ ।

ତା ୧-୩-୧୯୭୬ ର ଏକ ବିଷାଦଭରା ଲଗ୍ନରେ ଚିକିଟୀରୁ ବ୍ରହ୍ମପୁରସ୍ଥିତ ସମବାୟ ଭୂ-ଉନ୍ନୟନ ବ୍ୟାଙ୍କକୁ ଯାତ୍ରା କରୁଥିବା ଅବସରରେ ଏକ ଆକସ୍ମିକ ବସ୍ ଦୁର୍ଘଟଣାର ସେ ଶିକାର ହେଲେ । ବହୁଜନ ହିତାୟ ବହୁଜନ ସୁଖାୟ ତାଙ୍କର ଜୀବନ ପ୍ରଦୀପ ନିର୍ବାପିତ ହେଲା ।

ବାହୁଦା କୂଳସ୍ଥିତ ବାରହୀ ତୀର୍ଥର ଉତ୍ତରବାଙ୍କ ସ୍ଥଳରେ ସେ କ୍ରୟ କରିଥିବା ଜମିରେ ତାଙ୍କର ଶେଷକୃତ୍ୟ ସମ୍ପାଦିତ ହେଲା ଅଗଣିତ ଜନତା ଜନାର୍ଦ୍ଦନଙ୍କ ଅଶ୍ରୁଳ ସମାବେଶରେ । କେବଳ ଚିକିଟୀ ଅଞ୍ଚଳ ନୁହେଁ ସାରା ଗଂଜାମର, କେବଳ ଗଂଜାମ ଜିଲ୍ଲା ନୁହେଁ ସାରା ଓଡ଼ଶାର ସେ ଥିଲେ ଜନୈକ ନିଷ୍ଠାପର, ମିଷ୍ଟଭାଷୀ, ପରୋପକାରପ୍ରବଣ ତଥା ଦରଦୀ ହୃଦୟବାନ୍ ସେବକ । ସେ ଏଭଳି ଜଣେ ଜନ ନେତା ଥିଲେ ଯାହାକୁ କିଏ ଡରନ୍ତ ନାହିଁ କିମ୍ବା ଯିଏ କାହାକୁ ଡରୁ ନଥିଲେ । ଜନ୍ମ ହେଲାବେଳେ ପିନା ଶ୍ରଦ୍ଧାଂଜଳୀ ଦେବୀଙ୍କ କୋଳରେ କାନ୍ଦଥିଲେ ଦିବାକର ବାବୁ, ହେଲେ ମରଣ କାଳରେ ତାଙ୍କର ହସ ହସ ମୁଖମଣ୍ଡଳ ଦେଖି ସମସ୍ତେ କାନ୍ଦଥିଲେ । ସେ ଭଳି ଖିଆଲୀ ପ୍ରକୃତିର ବ୍ୟକ୍ତି ଥିଲେ । ସବୁ-ବେଳେ କହନ୍ତ—"ଜୀବନରେ ମୋର ଶତ୍ରୁ କେହି ନାହାନ୍ତି, କେବଳ ଶତ୍ରୁ ହେଲା ମୋ ଶରୀରର ରୋଗ ।" କି ଗୀତା, କି ଭଗବତ, କି ରାମାୟଣ, କି ଅବା ମହାଭାରତ ପ୍ରତ୍ୟେକ ପ୍ରସଙ୍ଗରେ ତାଙ୍କର ଅଗାଧ ଜ୍ଞାନ ଥିଲା । ତାଙ୍କର ଆକର୍ଷଣୀୟ ବ୍ୟକ୍ତିତ୍ୱ ତଥା ଅମାୟିକ ବ୍ୟବହାର ସମସ୍ତଙ୍କୁ ଆପ୍ୟାୟିତ କରିଥିଲା । ସେ ଜୀବନବ୍ୟାପୀ ଅବିବାହିତ ଥିଲେ । ରାଜନୀତି ତାଙ୍କର ଜୀବନର ପେଶା, ଜନସେବା ତାଙ୍କର ପରମ ନିଶା । ଭାଷାର ଯାଦୁକାରୀ ଶକ୍ତିରେ ସେ ସଭ ସମିତିମାନଙ୍କରେ ଶ୍ରୋତାମଣ୍ଡଳୀଙ୍କୁ ମୁଗ୍ଧ କରିଦିଅନ୍ତି ।

କୃତଜ୍ଞ ଓଡ଼ିଆ ଜାତି ତାଙ୍କରି ନାମରେ ଦିବାକର ପଟ୍ଟନାୟକ ପ୍ରଶିକ୍ଷଣ ମହାବିଦ୍ୟାଳୟ ପ୍ରତିଷ୍ଠା କରିଛି । ବ୍ରହ୍ମପୁର ରାଜପଥରେ ତାଙ୍କରି ପ୍ରତିମୂର୍ତ୍ତି ସ୍ଥାପିତ ହୋଇଛି । ଚିକିଟୀ ପାତ୍ରପୁର ରାସ୍ତାରେ ବାହୁଦା

Digitized by PPRACHIN, SOA

ନଦୀ ବକ୍ଷରେ ତାଙ୍କ ନାମରେ ଦିବାକର ସେତୁ ସ୍ଥାପିତ ହୋଇଛି । ଚିକିଟୀ ଗଡଦାଣ୍ଡରେ ତାଙ୍କରି ପ୍ରତିମୂର୍ତ୍ତି ଅବସ୍ଥାପିତ । ତଥାପି ଆଜି ସ୍ୱର୍ଗଧାମରୁ ଭୀଷ୍ମ ପ୍ରତୀମ ରାଜନୀତିଜ୍ଞ ଜନନାୟକ ଦିବାକର ଅବଲୋକନ କରୁଛନ୍ତି ଆମଭଳି ଅକୃତଜ୍ଞ ଉତ୍ତରଦାୟାଦ ମାନଙ୍କର ଗତିବିଧି ।

"ଜୟ ଜଗନ୍ନାଥ – ଜୟ ଦିବାକର ।"

ଚେଟକରୁ ଚିକିଟୀ ନାମାନ୍ତର ଏକ ବୌଦ୍ଧିକ ବିଶ୍ଳେଷଣ

ସମ୍ଭବତଃ ଷୋଡଶରାଜା ନୃସିଂହ ରାଉତରାୟଙ୍କ ରାଜତ୍ୱକାଳୀନ ଅର୍ଥାତ୍ ୧୫୩୧ ଠାରୁ ୧୬୩୦ ଖ୍ରୀଷ୍ଟାବ୍ଦ ମଧ୍ୟର ଘଟଣା, ଚେଟକର ମୁଖ୍ୟ ସେନା ଛାଉଣୀ ବା ପାଇକପଡ଼ା ଥିଲା ଆଜିର ଚିକିଟୀ ପୂର୍ବ ପଶ୍ଚିମ ଏବଂ ଉତ୍ତର ଦିଗରେ ଭୂଧର କେରଣ୍ଡିମାଳ ପରିବେଷ୍ଟିତ ଏହି ସ୍ଥଳୀ • ରାଜାଶ୍ରୟ ପାଇଁ ପ୍ରକୃଷ୍ଟ କ୍ଷେତ୍ର ରୂପେ ବିବେଚିତ ହେଲା । ରାଜ ନିର୍ଦ୍ଦେଶନାରେ ଦକ୍ଷିଣ ପାର୍ଶ୍ୱରେ ଖୋଦିତ ହେଲା ଏକ ମସ୍ତବଡ଼ ଜଳାଶୟ, ନାମ ଯାହାର ଆଜି ତେନ୍ତୁଳିଆ ବନ୍ଧ । ଓଡ଼ିଶା ମୂଲକରେ ବହିଃଶତ୍ରୁ ଆକ୍ରମଣର ପ୍ରାବଲ୍ୟକୁ ପରାଭୂତ କରିବା ସମସ୍ତ ରାଜନ୍ୟ ମଣ୍ଡଳୀ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କଲେ । ଚେଟକ ପାଇଁ ଏହି ସ୍ଥାନ ପ୍ରକୃଷ୍ଟ ମନେ କଲେ ରାଜା ନୃସିଂହ । ରାଜ୍ୟର ରାଜଧାନୀ ହେଲା ଏହି ମୁଖ୍ୟ ପାଇକପଡ଼ା । ଏଠାକାର ଦୁଇଜଣ ଆଦିବାସୀ ତଥା ପ୍ରାଚୀନ ସଭ୍ୟତାର ଅଧିବାସୀ ସର୍ଦ୍ଦାର ରାଜାଙ୍କୁ ପ୍ରତିରୋଧ କଲେ । ଏହି ପରମ ଦୁର୍ଦ୍ଦାନ୍ତ ଆଦିବାସୀ ସର୍ଦ୍ଦାର ସଂଗ୍ରାମରେ ପରାସ୍ତ ହେଲେ, ତାଙ୍କରି ନାମ ହେଲା ଭେଙ୍କିଆ ଏବଂ ଝାଡଙ୍ଗା । ଏ ଦୁହିଁଙ୍କ ନାମରେ ଦୁଇଟି ସାହି ନାମିତ ହେଲା । ସେମାନଙ୍କ ଅନ୍ତିମ ଇଚ୍ଛା ଅନୁକ୍ରମେ ଏହି ମାଟିର ପ୍ରଧାନ ଫଳ ଆମ୍ବ ପ୍ରତିବର୍ଷ ସମର୍ପଣ କରାଯାଇଥାଏ । ଗ୍ରାମର ପୂର୍ବଦିଗସ୍ଥିତ ଭଲିଆ ବାଡର ଦୁଇଟି ଚକାଠୁରି ଆମ୍ବ ଗଛ ଏବେ ମଧ୍ୟ ସେମାନଙ୍କ ନାମରେ ସମର୍ପିତ । ଯେଉଁଠି ଠାକୁରମାନଙ୍କୁ ଭୋଗ ଲାଗି ପୂର୍ବରୁ ଆମ୍ବ ଫଳ ବାଦ୍ୟବାଜଣା ସହିତ ଆଣି ଏହି ଦୁଇ ପାଇକପଡ଼ା ସର୍ଦ୍ଦାରଙ୍କୁ ସମର୍ପଣ କରାଯାଏ ପ୍ରତିବର୍ଷ ।

ରାଜା ନୃସିଂହ ପାରିଧିପ୍ରିୟ ଥିଲେ । ଦିନେ ଏକାକୀ ଧନୁର୍ବାଣ ହସ୍ତରେ ଧରି ସେ ଶିକାର ପାଇଁ ବାହାରିଲେ । ଅଗତ୍ୟା ଏକ ମସ୍ତବଡ

Digitized by PPRACHIN, SOA

ଦନ୍ତା ବରାହ ତାଙ୍କର ନୟନ ପଥାରୂଢ଼ ହେଲା । ତାହାର ଶିକାର ପାଇଁ ରାଜା ଦ୍ରୁତବେଗରେ ଅନୁଧାବନ କଲେ । ହେଲେ ପ୍ରବଳ ପରାକ୍ରମୀ ବାରହା ରାଜାଙ୍କୁ ଓଲଟା ଆକ୍ରମଣ କଲା । ପ୍ରାଣ ଭୟରେ ରାଜା ଚଢ଼ିଗଲେ ଏକ ବୃକ୍ଷ ଉପରକୁ । ବରାହ ସ୍ୱ-ଦନ୍ତରେ ବୃକ୍ଷର ଗଣ୍ଡିକୁ ଆଘାତ କଲା । ତାହାର ଲକ୍ଷ୍ୟ ଥିଲା ଗଛ ଢାଳି ଶିକାରୀକୁ ମାରିବ । ବନ୍ୟ ପଶୁର ଏବଂବିଧ ବୁଦ୍ଧି ତୀକ୍ଷ୍ଣ ବୁଦ୍ଧିରେ ରାଜା ବିସ୍ମିତ ହେଲେ । ଇତ୍ୟବସରରେ ଜନରବ ଶୁଣି ବରାହ ଫେରିଗଲା । ରାଜା ଆସନ୍ନ ବିପତ୍ତିରୁ ରକ୍ଷା ପାଇଲେ । ଏହି ଭୂମିର ନାମ ହେଲା ଚିତ୍ + କିଟୀ = ଚିକିଟୀ । ଯାହାର ଆକ୍ଷରିକ ଅର୍ଥ ହେଲା—ଚିତ୍ ଅର୍ଥାତ୍ ଜ୍ଞାନୀ, କିଟୀର ଅର୍ଥ ହେଲା ବରାହ । ଚିକିଟୀ ଜ୍ଞାନୀ ବରାହର ମାଟି । ପ୍ରବାଦ ଅଛି—"ଚିକିଟୀ ଲାଲ ମାଟି, ହାବୁଡ଼େ ପଡ଼ଲେ ଦେବି ଚକଟି ।" ମହାନ୍ ଉପ ରାଜଧାନୀ ଚେଟକର ଅପଭ୍ରଂଶ ହୋଇ ଚିକିଟୀରେ ପରିଣତ ହେବା ମଧ୍ୟ ଅସମୀଚୀନ ନୁହେଁ ।

ସୁ-ରସିକ ସାହିତ୍ୟିକ ସ୍ୱର୍ଗତଃ ନରସିଂହ ଦେଓଙ୍କ ସଦୃଶ୍ୟ ରାଜ-ପରିବାର ସଂଭୂତ ଟୀକାକାରମାନେ ଏହି ଚିକିଟୀକୁ ଚିତ୍ତ କିରୀଟୀର ଅପଭ୍ରଂଶ ଶବ୍ଦ ରୂପେ ଚିତ୍ରଣ କରନ୍ତି । ଚିତ୍ତ ଅର୍ଥାତ୍ ଜ୍ଞାନ, ଜ୍ଞାନରେ ଏହି ଅଞ୍ଚଳ କିରୀଟୀ ଧାରଣ ପାଇଁ ଯୋଗ୍ୟ । କିରୀଟୀ ହେଲା ଶିରୋଭୂଷଣ ।

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପର୍ଯ୍ୟନ୍ତ ଏହି ଅଞ୍ଚଳ ମାନ୍ଦ୍ରାଜ ପ୍ରେସି-ଡେନ୍ସିରେ ଥିଲା । ତେଲୁଗୁ ଭଷାର ପ୍ରଭବ ଆମ ଅଞ୍ଚଳରେ ଅତିମାତ୍ରାରେ ପରିଲକ୍ଷିତ ହୁଏ । ଅବିଭକ୍ତ କୋରାପୁଟ ଏବଂ ଅବିଭକ୍ତ ଗଞ୍ଜାମରେ ତେଲୁଗୁ ପ୍ରଭବ ଲକ୍ଷ୍ୟ କରି ଉତ୍କଳ ସଂମିଳନୀରେ ପ୍ରବକ୍ତାମାନେ କହନ୍ତି—

"ଏପଟେ ତେଲେଙ୍ଗା ସେପଟେ ବଙ୍ଗାଳୀ
ଓଡ଼ିଆ ଭଷାକୁ କରିଲେ କାଙ୍ଗାଳୀ ।"

ଆମ ଦକ୍ଷିଣ ସୀମାନ୍ତବର୍ତ୍ତୀ ଆନ୍ଧ୍ରପ୍ରଦେଶର ଏକ ମାନ୍ୟତାପ୍ରାପ୍ତ ପ୍ରାଦେଶିକ ଭଷା ତେଲୁଗୁ ଯେଉଁଥିରେ ସିକାଟିର ଅର୍ଥ ହେଲା ଅନ୍ଧାର ଏବଂ କୋଟାର ଅର୍ଥ ଗଡ଼ । ତେଣୁ କୌତୂହଳୀ ବ୍ୟକ୍ତିମାନେ ଏହି ଅଞ୍ଚଳକୁ ସିକାଟି କୋଟା ବା ଅନ୍ଧାର ଗଡ ବୋଲି କହିଥାନ୍ତି ହାସ୍ୟରସର ଅବତାରଣା ପାଇଁ କେବଳ ।

Digitized by PPRACHIN, SOA

ସାତ ସମୁଦ୍ର ତେର ନଈ ପାର ହୋଇ ଆସିଥିବା ସେଇ ଦୁର୍ଦ୍ଧର୍ଷ ମସଲା ବେପାରୀ ଦଳ କାଳକ୍ରମେ ଆମର ଶାସକ ହୋଇ ପଡ଼ିଲେ । ଦପ୍ତର କାର୍ଯ୍ୟକ୍ରମରେ ଇଂରେଜରେ ମଂଜୁଷାକୁ ଲେଖିଲେ 'ମଣ୍ଡାଷା', ପାରଳାଖେମୁଣ୍ଡି ହେଲା 'ପାରଲାକିମିଡ଼', ବ୍ରହ୍ମପୁର ହେଲା 'ବେରେହେମପୁର', ଚିକିଟୀ ହେଲା 'ଚିକାଟି' । ଏମିତି ଅନେକ ପରିବର୍ତ୍ତନ ଘଟିଥିଲେ ମଧ୍ୟ ମୂଳ ନାମ ଚିକିଟୀ ସଦା ଗୌରବମଣ୍ଡିତ ।

ଚିକିଟୀ ଗଡର ଦକ୍ଷିଣ ଦିଗରେ ବିରାଜିତ ବାଗଦ୍ରୀ ମନ୍ଦର ଯାହା ପାର୍ଶ୍ୱରେ ଉତ୍ତରବାଙ୍ଗ ହୋଇ ପ୍ରବାହିତ ସ୍ୱଚ୍ଛ ସଲୀଳା ପୁରଣ ପ୍ରସିଦ୍ଧ ତଟିନୀ ବାହୁଦା ଏହି ପୀଠରେ ମହାବାରୁଣୀ ସ୍ନାନ ଅବସରରେ ଅନୁଷ୍ଠିତ ହୁଏ ବିରାଟ ଯାତ୍ରା । ହଜାର ହଜାର ଭକ୍ତଙ୍କ ସମାବେଶରେ କିଛିଦିନ ଧରି ଅନୁଷ୍ଠିତ ଏହି ଯାତ୍ରା ଖୁବ୍ ଉପଭୋଗ୍ୟ । ଭକ୍ତି ମୁକ୍ତି ପ୍ରଦାୟିନୀ ପରମ କୃପାମୟୀ ଜନନୀ ବାଗଦ୍ରୀ ଏହି ଅଞ୍ଚଳର ଅନ୍ୟତମ ଐତିହ୍ୟ ବିମଣ୍ଡିତ ଅଧିଷ୍ଠାତ୍ରୀ ଦେବୀ ।

ପ୍ରତି ସଂକ୍ରାନ୍ତି ତିଥିରେ ଏଠାରେ ପୂଜା, ଉପାସନା, ହୋମ, ଯଜ୍ଞ ସମେତ ନାନାଦି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ ।

ଅଞ୍ଚଳବାସୀ ଭକ୍ତିରସ ପିପାସୁ ତଥା ବଦାନ୍ୟତା ସମ୍ପନ୍ନ ବ୍ୟକ୍ତି-ମାନଙ୍କୁ ନେଇ ଗଠିତ ଏକ ସକ୍ରିୟ ପରିଚାଳନା ମଣ୍ଡଳୀ ଏଠାରେ ନିର୍ମାଣ କରିଅଛନ୍ତି ଏକ ଶାଶ୍ୱତ ମହାମନ୍ତ୍ର ନାମଯଜ୍ଞ ମଣ୍ଡପ । ଯାବତ୍ ଚନ୍ଦ୍ରାର୍କେ ମହାମନ୍ତ୍ର ନାମଯଜ୍ଞ ଏଠାରେ ବିଧିବଦ୍ଧଭାବେ ଅନୁଷ୍ଠିତ ହୁଏ । ଅଦୂର ଭବିଷ୍ୟତରେ ଏହା କେବଳ ଗଞ୍ଜାମ ନୁହେଁ ସମଗ୍ର ଓଡ଼ିଶା ପାଇଁ ଏକ ପୁଣ୍ୟ ତୀର୍ଥସ୍ଥଳ ତଥା ପ୍ରସିଦ୍ଧ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ ହୋଇପାରିବ ।

— ✽ —

Digitized by PPRACHIN, SOA

ଦ୍ୱିତୀୟ ପର୍ଯ୍ୟାୟ

ଶ୍ରୀମନ୍ଦିରରେ ବିମଳାଙ୍କ ବାଳକୁମାରୀ ବେଶ

"ମଧ୍ୟମଃ ପାତକୀ ନାସ୍ତି ପାପଘ୍ନୀ ଉତ୍ତମା ନହି ।
ଏବଂ ଜ୍ଞାତ୍ୱା ମହାଦେବୀ ଯଥା ଯୋଗ୍ୟଂ ତଥା କୁରୁ ।"

କମ୍ବୁ କଟକରେ ବିରାଜିତ ବ୍ରହ୍ମାଣ୍ଡନାଥ । ତା ମଧ୍ୟରେ କେତେ ଯେ ଦେବଦେବୀଙ୍କ ମନ୍ଦିର ଗଢ଼ାଯାଇଛି ତାହା କଳନା କରିବା ସମୟ ସାପେକ୍ଷ । ହେଲେ କଳିଆରଭୁଜଙ୍କ ମନ୍ଦିରର ନାମ କେବଳ ଶ୍ରୀମନ୍ଦିର । ଯାହାର ବିରାଟ ନୀଳଚକ୍ର ଏବଂ ତା' ଉପରେ ଉଡୁଛି ପତିତପାବନ ନେତ । ଆଉ ଯେତେ ମନ୍ଦିର ବେଢ଼ା ଭିତରେ ଥିଲେ ମଧ୍ୟ ସେମାନଙ୍କର କାହାରି ପତାକା ନାହିଁ । ଖାଲି ଏ ପଞ୍ଚଟି ଦେବତାଙ୍କ ଦେବୀଙ୍କ ମନ୍ଦିର ବେଢ଼ା ଦିଅଁମାନଙ୍କର କାହାରି ପତାକା ନାହିଁ । ଖାଲି ଏ ପଉଟି ଭୋଗ ଜଗନ୍ନାଥ ବଡ ଭାଇ ବଳଭଦ୍ର ଆଉ ଗେଲ୍ ଭଉଣୀ ସୁଭଦ୍ରାଙ୍କୁ ଧରି ଭୋଗ ମଣ୍ଡପରେ ଖାଇ ବସନ୍ତି । ଆଉ ଯେତେ ମନ୍ଦିର ସେ ବେଢ଼ା ମଧ୍ୟରେ କାହାକୁ ଧୂପ, କାହାକୁ ଦୀପ, କାହାକୁ ସିନ୍ଦୂର, କାହାକୁ ଚନ୍ଦନ, କାହାକୁ ହଳଦୀ ସେବା କେବଳ କରାଯାଏ । ଭୋଗର ବାସନା କେବଳ ଆଘ୍ରାଣ ବ୍ୟକ୍ତି ଏହି ଦେବଦେବୀମାନେ ।

କି ଆଚମ୍ବିତ ତା'ର ଆନନ୍ଦ ବଜାର । ହେଲେ ଯେତେ ବେଢ଼ା ମନ୍ଦିର ସେମାନଙ୍କ ମଧ୍ୟରେ ସବୁ ଠାରୁ ବେଶୀ ଭିଡ ହୁଏ ମା' ବିମଳାଙ୍କ ଶ୍ରୀକୋଠରୀରେ । ମୁଖରେ ବିମଳ ହାସ୍ୟରେଖା ଫୁଟାଇ ଅଭୟ ବରଦ ହସ୍ତରେ ବସିଛି ଜଗତ ଜନନୀ ବିପଦ ଭଞ୍ଜନୀ ବିମଳା ଠାକୁରାଣୀ । କମ୍ବୁ କଟକର ନୀତିକାନ୍ତରେ ମା' ବିମଳା କେଉଁ ଦିନ କି ବେଶ ପଡେ ତାହା ଜାଣନ୍ତି ସେବାୟତମାନେ । ହେଲେ ପ୍ରତିବର୍ଷ ଆଶ୍ୱିନ ମାସ ପୂର୍ଣ୍ଣିମା ତିଥିରେ କାର୍ତ୍ତିକ କୁମାରଙ୍କ ପବିତ୍ର ଜନ୍ମ ବାସରରେ ମା' ସଜ୍ଜିତ ହୁଏ ବାଳକୁମାରୀ ବେଶରେ । କୁମାରୀ ବେଶରେ ମଣ୍ଡିତ ହୋଇ ମା' ଦେଖାଯାଏ ସତେ ଯେମିତି ଏକ ଅଲିଅଳି କନ୍ୟା ।

Digitized by PPRACHIN, SOA

ବିମଳାଙ୍କ ପବିତ୍ର ପୀଠରୁ କାଚ ଆଣି ପିନ୍ଧନ୍ତି ସୀମନ୍ତିନୀ ନାରୀଗଣ । ବିମଳାଙ୍କ ମଥାଲଗି ସିନ୍ଦୂର ସୀମନ୍ତରେ, ଧାରଣ କରନ୍ତି ହିନ୍ଦୁ ଧର୍ମର ସଧବା ରମଣୀମାନେ । ସଜ୍ଜିତା ବିମଳା ଦେବୀଙ୍କ ଠାରୁ ହେଲେ ବାଳକୁମାରୀ ବେଶ କୁମାର ପୂର୍ଣ୍ଣିମା ରଜନୀର ପବିତ୍ର ଲଗ୍ନରେ ଆଜ୍ଞାପୁଷ୍ପ ଆଣି ରଜା କେଶବ ରଉତରାୟ ଗଡ ସ୍ଥାପନ କରିବା କଥା ଲୋକମୁଖରୁ ଶୁଣାଯାଏ । ତେଣୁ ୮୮୧ ଖ୍ରୀଷ୍ଟାବ୍ଦର ମା' ବାଳକୁମାରୀଙ୍କ ଆଦ୍ୟ ସ୍ଥାପନା ଯଦି ହୁଏ ତେବେ ତାଙ୍କରି ମୂଳ ପୀଠ ବିମଳା ମନ୍ଦିର ହେବା ଅସମୀଚୀନ ନୁହେଁ ।

ସେହି ମା' ବିମଳାଙ୍କ ଆଶିଷର ଅମୀୟ ବର୍ଷଣରୁ ଚେଦ୍ଦକ ରାଜ୍ୟ ପରିବ୍ୟାପ୍ତ ହୋଇଅଛି ।

— ❀ —

ବୋଦାଗିରି ପୀଠ ସୀନା ମା' ବାଳକୁମାରୀ

"ଅମ୍ବା ଶାମ୍ଭବୀ ଚନ୍ଦ୍ର ମୌଳୀରବଳାଽପର୍ଣ୍ଣା ଉମାପାର୍ବତୀ
କାଳୀ ହୈମବତୀ ଶିବା ତ୍ରିନୟନା କାତ୍ୟାୟନୀ ଭୈରବୀ ।
ସାବିତ୍ରୀ ନବ ଯୌବନା ଶୁଭଂକରୀ ସାମ୍ରାଜ୍ୟ ଲକ୍ଷ୍ମୀପ୍ରଦା
ଚିଦ୍ରୂପୀ ପରଦେବତା ଭଗବତୀ ଶ୍ରୀ ରାଜରାଜେଶ୍ୱରୀ ॥"

(ଭବାନ୍ୟଷ୍ଟକମ୍)

ସଂପ୍ରତି ଆନ୍ଧ୍ରପ୍ରଦେଶ ଅନ୍ତର୍ଗତ ଓଡ଼ିଆ ନିବାସୀ ବହୁଳ ଏକ ଉପାନ୍ତ ଗ୍ରାମ ଜଳନ୍ତର । ଏଠାରେ ପୁଣ୍ୟଶ୍ଳୋକ ରାଜା ରାମଚନ୍ଦ୍ର ଛୋଟରାୟ ନବରସରେ ସମୃଦ୍ଧ ପ୍ରସିଦ୍ଧ ଲୀଳା "ପ୍ରହଲ୍ଲାଦ ନାଟକ" ପ୍ରଣୟନ କରି ଅଛନ୍ତି । ଏହି ରାଜ ଦରବାରରେ କିଛି ଦିନ କବିସୂର୍ଯ୍ୟ ବଳଦେବ ରଥ ସଭା ପଣ୍ଡିତ ରୂପେ ଅବସ୍ଥାନ କରିଥିଲେ । ସମ୍ଭବତଃ ତାଙ୍କରି ସମାପିତ ଚନ୍ଦ୍ରକଳା କାବ୍ୟ ଏଠାରେ ରଚିତ ହୋଇଥିଲା । ତାଙ୍କରି ମୁଖରୁ ହିଁ ଏହି ଜଳାଭର କ୍ଷୁଦ୍ର ଗଡକୁ ବର୍ଣ୍ଣନା କରିବାକୁ ଯାଇ ସ୍ଫୁରିତ ହୋଇଥିଲା—

"ଜଳନ୍ତରେ ଜଳନାସ୍ତି ସ୍ଥଳଚ ପର୍ବତମାଳିନୀ ।"

Digitized by PPRACHIN, SOA

ଉକ୍ତ ପ୍ରାଚୀନ ପ୍ରସିଦ୍ଧ ଜଳନ୍ତର ଗଡ କେବଳ ନୁହେଁ ଟେକିଲୀ ଏବଂ ତରଳା ମଧ୍ୟ ଚେଟକ ରାଜ୍ୟର ଅନ୍ତର୍ଭୁକ୍ତ ଥିଲା । ଜଳନ୍ତର ନିକଟବର୍ତ୍ତୀ ଏବଂ ଜୟନ୍ତୀପୁର ଠାରୁ ଆନୁମାନିକ ୧୭ କିଲୋମିଟର ଦୂରବର୍ତ୍ତୀ ସ୍ଥାନ ବୋଦାଗିରି, କଣ୍ଢାବୋଦାର ଏକ ଉଙ୍ଗୀଳ ପାହାଡ ଯାହାର ପାଦଦେଶରେ ଆଜି ମଧ୍ୟ ବିରାଜିତ ସେହି ବାଳକୁମାରୀ ଦେବୀ । ଅତି ଆଚମ୍ବିତ ଏହି ବିଗ୍ରହର ଠାଣି । ମୁଗୁନି ପଥରର ସୁଗଠିତ ବିଗ୍ରହର ମୁଣ୍ଡରେ ଟୋପି ଶୋଭପାଏ । ଦୃପ୍ତ ଭଙ୍ଗୀରେ ଦଣ୍ଡାୟମାନ ଜନନୀଙ୍କ ଦକ୍ଷିଣ ହସ୍ତରେ ଶାଣିତ କରବାଳ ଏବଂ ବାମ ହସ୍ତରେ ଶୋଭପାଏ ଏକ ସୁଗଠିତ ଢାଲ । ମଥାରୁ ଲମ୍ବି ଯାଇଛି କେରି କେରି ବାଳ ସବୁ । ରକ୍ତବସ୍ତ୍ର ପରିହିତା ଜନନୀ ବୀରଦର୍ପପୂର୍ଣ୍ଣ ଠାଣିରେ ଦଣ୍ଡାୟମାନ । ବୀରବେଶିନୀ, ଋଦ୍ରହାସିନୀ, ଖଣ୍ଡା ଖର୍ପର ଧାରିଣୀ ମା' କାତ୍ୟାୟିନୀଙ୍କ ଏକନିଷ୍ଠ ବେଶ ଅନ୍ୟତ୍ର ବିରଳ । ରାଜା କେଶବ ରାଉତରାୟଙ୍କ ନବମ ଶତାବ୍ଦୀର ପ୍ରତିଷ୍ଠିତ ଏହି ବିଗ୍ରହ ଏବେ ମଧ୍ୟ ବହୁ ଭକ୍ତଙ୍କର ସମାଗମ ସ୍ଥଳୀ । ବାରଶହ ବର୍ଷର ପ୍ରାଚୀନ ଏହି ପୀଠର ମହିମା ଅନବଦ୍ୟ । କି ଆନ୍ଧ୍ର, କି ଓଡ଼ିଶା, କି ଓଡ଼ିଆ କି ତେଲୁଗୁ ସମସ୍ତଙ୍କ ପାଇଁ ଆଶିଷର ପରଭୟ ଯୋଗାଇ ଆସିଛନ୍ତି ଏହି ଚିନ୍ମୟୀ ଜନନୀ ।

ତନ୍ତ୍ର ସାଧକମାନଙ୍କ ମତରେ ରାଜା କେଶବ ରାଉତରାୟ ଥିଲେ ଜନୈକ ଏକନିଷ୍ଠ ତାନ୍ତ୍ରିକ । ଗଡ ସ୍ଥାପନ କଲେ ଚେଟକ ନାମରେ, ତେବେ ଏହି ଗଡକୁ ଶକ୍ତିଶାଳୀ ଏବଂ ଶତ୍ରୁ ଆକ୍ରମଣରୁ ବିମୁକ୍ତ ରଖିବା ସକାଶେ ସେ ଶରଣାପନ୍ନ ହେଲେ । ବୋଦାଗିରିରୁ ନିରନ୍ଧ୍ର ଅନ୍ଧକାରମୟ ନିର୍ଜନ ରଜନୀରେ ଆବିର୍ଭୂତ ହେଲେ ଦେବୀ କାତ୍ୟାୟନୀ, ତାଙ୍କର କେରୀ କେରୀ ବାଳ ଏବଂ ବୀରବାଳା ବେଶ ଦେଖି ରଜା କୃତାର୍ଥ ହେଲେ । ତେଣୁ ତାଙ୍କର ନାମ ଦେଲେ ବାଳକୁମାରୀ । ଯୋଡାପଦର ଠାରେ ଏବଂ ଟିକିଟୀଠାରେ ଉଆସ ପ୍ରତିଷ୍ଠିତ ହେବା ପର୍ଯ୍ୟନ୍ତ ଏହି ଶକ୍ତି-ଶାଳିନୀ ଠାକୁରାଣୀଙ୍କୁ ସେବା କରି ରାଜ ପରିବାର ଦୈନନ୍ଦନ ଜୀବନ ଅତିବାହିତ କରୁଥିଲେ ।

Digitized by PPRACHIN, SOA

ଆଉ କେତେକ ସିଦ୍ଧ ସାଧକ ମତଦାନ କରନ୍ତ ଯେ—ବିମଳାଙ୍କ ଅଙ୍ଗୁଷ୍ଠ କିମ୍ବା ପାଦ ପ୍ରତୀମାର ପ୍ରତୀକ ସ୍ୱରୂପ ବୋଦାଗିରିଠାରେ ରଜା ଏହି ଦୁର୍ଗ ଅଧିଶ୍ୱରୀ ବାଳକୁମାରୀଙ୍କୁ ପ୍ରତିଷ୍ଠା କରିଥିଲେ ।

— ✽ —

ଶିଖର ପୀଠବାସିନୀ ମାଁ ବାଳକୁମାରୀ

"ବିବାଦେ ବିଷାଦେ ପ୍ରମାଦେ ପ୍ରବାସେ
ଜଳେ ଚାନଲେ ପର୍ବତେ ଶତ୍ରୁ ମଧ୍ୟେ ।
ଅରଣ୍ୟେ ଶରଣ୍ୟେ ସଦା ମାଂ ପ୍ରପାହି
ଗତିସ୍ତ୍ୱଂ ଗତିସ୍ତ୍ୱଂ ତ୍ୱମେକା ଭବାନୀ ।।"

ଶ୍ରୀଦେବୀ ସ୍ତୋତ୍ରଂ : ଶଙ୍କରାଚାର୍ଯ୍ୟ

ମହେନ୍ଦ୍ରଗିରି ପାଦଦେଶ ଠାରୁ ବଙ୍ଗୋପସାଗର ପୁଳିନ ପର୍ଯ୍ୟନ୍ତ ବିସ୍ତୃତ ଏହି ବିଶାଳ 'ଚେଟକ' ଦକ୍ଷିଣ ଉପ-ରାଜଧାନୀ କାଳକ୍ରମେ ନାନା ଘାତ ପ୍ରତିଘାତ ମଧ୍ୟରେ ବିଭଜିତ ହେବା ପରେ ଦ୍ୱାଦଶ ରାଜା ରାମଚନ୍ଦ୍ର ରାଉତରାୟ (୧୪୧୮ ଖ୍ରୀଷ୍ଟାବ୍ଦ ଠାରୁ ୧୪୬୪ ଖ୍ରୀଷ୍ଟାବ୍ଦ) ପୋଡାପଦର ଠାରେ ଗଡ ନିର୍ମାଣ କରିବା ପ୍ରମାଣ ମିଳେ । ଏବେ ମଧ୍ୟ ନାକମୁଦିଆ ନାମକ ଆଦିବାସୀ ଅଧ୍ୟୁଷିତ ଗ୍ରାମର ଦକ୍ଷିଣ ଦିଗରେ ଏବଂ ଶିବ ମନ୍ଦିର ଉତ୍ତର ଭାଗରେ ଗଡ ଉଆସର ଭଗ୍ନାବଶେଷ ଦେଖିବାକୁ ମିଳେ । ତାଙ୍କରି ରାଜତ୍ୱ କାଳରେ ଶତ୍ରୁ ଆକ୍ରମଣର ଆଶଙ୍କା ମଧ୍ୟ ଲକ୍ଷ୍ୟ କରାଯାଏ ।

ପୁନଶ୍ଚ ଚତୁର୍ଦ୍ଦଶ ରାଜା ନୃସିଂହ ବିରବର ସେନା ଛାଉଣୀ ବା ପାଇକପଡା 'ଚିକିଟି'କୁ ରାଜଧାନୀ ସ୍ଥାନାନ୍ତରିତ କଲେ । ଏହି ରାଜା ୧୫୩୧ ଖ୍ରୀଷ୍ଟାବ୍ଦ ଠାରୁ ୧୫୮୩ ଖ୍ରୀଷ୍ଟାବ୍ଦ ମଧ୍ୟରେ ରାଜତ୍ୱ କରିବା ପ୍ରମାଣ ମିଳେ । ବୃଦ୍ଧ ରାଜାଙ୍କ ସମୟରେ ମାଁ ବାଳକୁମାରୀ ଦେବୀଙ୍କ ବୋଦାଗିରି ପୀଠକୁ ଦର୍ଶନ ସକାଶେ ପ୍ରତ୍ୟହ ଯାତ୍ରା କରିବା କଷ୍ଟକର ହୋଇ ପଡ଼ିଲା । ରାଜା ସ୍ୱପ୍ନାଦେଶ ଏବଂ ସପ୍ରମାଣ ସଙ୍କେତ ପାଇ କେଉଣ୍ଡିମାଳର ବୃହତ୍ତମ ପର୍ବତ ଉପରେ ଥିବା ପ୍ରସ୍ତର ବେଷ୍ଟିତ ଗହ୍ୱର ମଧ୍ୟରୁ ମାଁ ବାଳକୁମାରୀଙ୍କ

Digitized by PPRACHIN, SOA

ଉଗ୍ର ପ୍ରତିମା ପ୍ରାପ୍ତ ହେଲେ । ଏହିଠାରେ ଦେଖିବାକୁ ମିଳେ ବିସ୍ତୃତ ରାଜଅଡ଼ାର ମସୃଣସ୍ଥଳୀ । ପୁନଶ୍ଚ ସୁଡ଼ଙ୍ଗ ପଥରେ ଦେବୀଙ୍କ ଆବିର୍ଭାବ ସ୍ଥାନ ସଂଦର୍ଶନ କଲେ ଭକ୍ତର ନେତ୍ର ବିସ୍ମୟ ବିସ୍ଫାରିତ ହୋଇପଡ଼େ । ତନ୍ତ୍ର ସାଧକ ପ୍ରବଳ ପରାକ୍ରମୀ ରାଜା କେଶବ ରାଉତରାୟଙ୍କ ପ୍ରତିଷ୍ଠିତ ବାଳକୁମାରୀଙ୍କ ଅଭିନବ ଶିଖର ପୀଠ କାଳକ୍ରମେ ଭକ୍ତମାନଙ୍କର ତୀର୍ଥ-କ୍ଷେତ୍ରରେ ପରିଣତ ହେଲା । ଅଗନାଅଗନି ବନସ୍ତର ସକଳ ପ୍ରତିବନ୍ଧକ ସତ୍ତ୍ୱେ ଭକ୍ତମାନେ ପାଟଳ ହୋଇ ଉଠିଲେ ଶିଖର ପୀଠରେ ବିରାଜିତା ମା' ବରଭୟ ଦାୟିନୀଙ୍କ ଦର୍ଶନ ପାଇଁ । ରାଜ ପରିବାରର ରୀତି ଅନୁକ୍ରମେ ପ୍ରତ୍ୟହ ଜଗନ୍ନାଥଙ୍କ ମନ୍ଦିରରେ ବିଜେ ପ୍ରଭୁ ଅକ୍ରୂରନାଥଙ୍କୁ ଭୋଗ ଲାଗି ହେବା ପରେ ସେବକ ଅନ୍ନ ପ୍ରସାଦ ଧରି ଯାଏ ଶିଖର ପୀଠକୁ । ମା' ପରମ ବୈଷ୍ଣବୀଙ୍କୁ ନୈବେଦ୍ୟ କରି ଫେରି ଆସନ୍ତି ସେବକ ରାଜବାଟି ଅଭିମୁଖେ । ରାଜା ସେତେବେଳ ପର୍ଯ୍ୟନ୍ତ ଅପେକ୍ଷା କରି ଥାଆନ୍ତି । ଅମୃତ ମଣୋହିକୁ ବିଜେ କରନ୍ତି ରାଜା ମା' ବାଳକୁମାରୀଙ୍କ ପ୍ରସାଦ ପାଇବା ପରେ ଏବଂବିଧ ଚଳଣି ବହୁଦିନ ଧରି ରୀତିମତ ଚାଲୁ ରହିଲା ।

ବଡ଼ ବିଚିତ୍ର ସେହି ଶିଖର ପୀଠବାସିନୀ ମା' ବାଳକୁମାରୀଙ୍କ ବିଗ୍ରହର ବିନ୍ୟାସ । ଚତୁର୍ଭୁଜା ଦେବୀ ଭବାନୀ ଏଠାରେ ବୀର ଠାଣିରେ ବିରାଜିତ । ଦେବୀଙ୍କ ଦକ୍ଷିଣ ହସ୍ତରେ ଶୋଭପାଏ ଏକ କ୍ଷୁଦ୍ର ଜପାମାଳା । ବାମ ହସ୍ତରେ ପରିଶୋଭିତ ଏକ କ୍ଷୁଦ୍ର ପଞ୍ଜିକା । ପ୍ରସନ୍ନବଦନା ମା' ଅନ୍ନପୂର୍ଣ୍ଣେଶ୍ୱରୀ ଦକ୍ଷିଣ ନିମ୍ନ ଭାଗରେ ଦକ୍ଷିଣ ହସ୍ତକୁ ଭକ୍ତଙ୍କ ଆଡ଼କୁ ବିସ୍ତାର କରି ଅଛନ୍ତି । ପରମ ବୈଷ୍ଣବୀ ମାତାଙ୍କ ବାମହସ୍ତ ଶୁଭାଶିଷ ପ୍ରଦାନ କରେ । ମାତାଙ୍କ ପଶ୍ଚାତ୍ ଭାଗରୁ ପ୍ରଲମ୍ବିତ କେଶରାଶି କେଡ଼ି କେଡ଼ି ହୋଇଅଛି । ଦୁର୍ଗତିନାଶିନୀ, ପୂର୍ବଦିଗ ବାସିନୀ, ସ୍ମିତହାସିନୀ ଜନନୀ ସତେ ଯେମିତି ଭକ୍ତି, ଜ୍ଞାନ ଏବଂ କର୍ମର ତ୍ରିବେଣୀ ଧାରା ଗିରି ଶିଖରରୁ ଛୁଟାଇ ଅଛନ୍ତି ପାଦ ଆଶ୍ରିତ ଜନତା ଜନାର୍ଦ୍ଦନର ମଙ୍ଗଳ ପାଇଁ । ଭକ୍ତ ଭଗବତୀଙ୍କୁ ପ୍ରାପ୍ତ ହେବା ପାଇଁ ଏକାନ୍ତ ଆବଶ୍ୟକ ହେଲା ଭକ୍ତି ଯୋଗ । ହୃଦୟ କନ୍ଦରରେ ଐକାନ୍ତିକ ଭକ୍ତି ଜାଗ୍ରତ ନହେଲେ ଭଗବତୀଙ୍କ ଭବ ସଞ୍ଚାର ହୋଇପାରିବ ନାହିଁ । ଜପାମାଳା ହେଲା ଭକ୍ତିଯୋଗର ପ୍ରତୀକ । ବାମ ହସ୍ତ ପରିଶୋଭିତ ଗ୍ରନ୍ଥ ଜ୍ଞାନର ପରିଚାୟକ । ଜ୍ଞାନର ଉନ୍ମେଷ ନହେଲେ ଭଗବତୀଙ୍କ ଶକ୍ତିର

Digitized by PPRACHIN, SOA

ଗଭୀରତା ନିରୂପଣ ହୋଇପାରେ ନାହିଁ । ଏହି ଗ୍ରନ୍ଥ ବା ପୁସ୍ତକ ତେଣୁ ଜ୍ଞାନ ଯୋଗର ସଙ୍କେତ । ନିମ୍ନ ଭୁଜର କର ପଦ୍ମ ବିସ୍ତୃତ କରି ଦେବୀ ଶିକ୍ଷା ଦିଅନ୍ତ କର୍ମଯୋଗର ଉପଧାର, ଉତ୍ତମ କର୍ମ ସମ୍ପାଦନ ସଙ୍ଗେ ସଙ୍ଗେ ଜ୍ଞାନ ନେତ୍ରରେ ଭଗବତୀ ସତ୍ତା ହୃଦୟଙ୍ଗମ ପୂର୍ବକ ହୃଦୟ କନ୍ଦରରେ ଗଭୀର ଭକ୍ତି ଜାଗ୍ରତ ହେଲେ ଭଗବତୀଙ୍କ ବର ପ୍ରାପ୍ତି ପାଇଁ ଯୋଗ୍ୟ ହୁଅନ୍ତ ଭକ୍ତମଣ୍ଡଳୀ । ଜ୍ଞାନ ଯୋଗ, ଭକ୍ତି ଯୋଗ ଏବଂ କର୍ମ ଯୋଗର ଅଧିକାରୀ ହିଁ ଦେବୀଙ୍କ କୃପା ଦୃଷ୍ଟିର ଅଧିକାରୀ ହୋଇପାରେ । ପରମ ବୈଷ୍ଣବୀ ଭୁଜ ବିସ୍ତାର କରି ଢାଳିଦିଏ ଆଶିଷ ରୂପକ ଅମୀୟ ଧାର । ଭକ୍ତର ଜୀବନ ହୁଏ ଧନ୍ୟ । ସଂସାର ହୁଏ ସାର୍ଥକ । ପୁନଶ୍ଚ ତା'ର ଜୀବନ ସାଫଲ୍ୟ ବିମଣ୍ଡିତ ହୋଇ ଉଠେ ।

ସେଦିନ ୧୮୯୩ ମସିହା ସେପ୍ଟେମ୍ବର ମାସ ୧୧ ତାରିଖର ଏକ ପୁନୀତ ଲଗ୍ନ । ଚିକାଗୋ ମହାନଗରୀର ଧର୍ମ ସଂମିଳନୀରେ ଉଦାତ୍ତ କଣ୍ଠରେ ବକ୍ତବ୍ୟ ଉପସ୍ଥାପନା କଲେ ପରଂବ୍ରହ୍ମ ତତ୍ତ୍ୱବେତ୍ତା ଆର୍ଯ୍ୟ ମହର୍ଷି ସ୍ୱାମୀ ବିବେକାନନ୍ଦ । ସାମ୍ବାଦିକମାନେ ପ୍ରଶ୍ନ କଲେ, ହେ ଭାରତୀୟ ଦାର୍ଶନିକ ! ବର୍ତ୍ତମାନ ଭାରତ କ'ଣ ଆବଶ୍ୟକ କରେ ? (What does India require now ?) ଗଭୀର ତତ୍ତ୍ୱ ତଥା ଭାବବ୍ୟାପକ ଉତ୍ତର ଦେଲେ ସ୍ୱାମୀ ବିବେକାନନ୍ଦ । ଭାରତ ବର୍ତ୍ତମାନ ଆବଶ୍ୟକ କରେ ଶଙ୍କରଙ୍କ ପ୍ରଜ୍ଞାମାନସ, ବୁଦ୍ଧଦେବଙ୍କ ହୃଦୟବତ୍ତା ଏବଂ ଜନକଙ୍କ କର୍ମମୟ ହସ୍ତ । (India requires Head of Shankar, Heart of Buddha and Hands of Janaka) । ଏହି କ୍ଷୁଦ୍ର ଉତ୍ତର ମଧ୍ୟରେ ବିଶ୍ୱବିଜୟୀ ବିବେକାନନ୍ଦ ଶଙ୍କରଙ୍କ ପ୍ରଜ୍ଞାଶୀଳ ଜ୍ଞାନ ଯୋଗ, ବୁଦ୍ଧଦେବଙ୍କ ଭକ୍ତିମତ୍ତା ଏବଂ ରାଜର୍ଷି ଜନକଙ୍କର କର୍ମପ୍ରବଣତା ମାଧ୍ୟମରେ ଭାରତୀୟ ଦର୍ଶନକୁ ଉପସ୍ଥାପିତ କଲେ । ଏହି ମହାନ୍ ତଥ୍ୟ ଅତି ଭାବ ବ୍ୟାପକ । ଯାହାର ଏକାନ୍ତ ସଂମିଶ୍ରଣରେ ରୂପାୟିତ ହୋଇଛି ଭାରତୀୟ ଦର୍ଶନର ଧାର୍ମିକ ଉପଧାର । ଶିଖର ପୀଠ ବିରାଜିତା ମା' ବାଳକୁମାରୀ ଏହି ମହାମନ୍ତ୍ର ବୟାନ କରି ଆସିଛନ୍ତି ଷୋଡ଼ଶ ଶତାବ୍ଦୀରୁ । ଚତୁର୍ଭୁଜ ଋଷି ବେଦର ସ୍ୱରୂପକ ଋଷି ଧାମର ସଙ୍କେତ । ପୁନଶ୍ଚ ଅନ୍ତର୍ଦୃଷ୍ଟିରୁ ଅବଲୋକନ କଲେ ସକାମ ଭକ୍ତକୁ ଚତୁର୍ବର୍ଗର ଫଳ ପ୍ରଦାନ ପାଇଁ ଅଭିପ୍ରେତ । ସେଗୁଡ଼ିକ ହେଲା—ଧର୍ମ, ଅର୍ଥ, କାମ ଏବଂ

Digitized by PPRACHIN, SOA

ମୋକ୍ଷ । ପରମ ବୈଷ୍ଣବୀ ମା' ବାଳକୁମାରୀ ତ୍ରିନେତ୍ର ଧାରିଣୀ, ତ୍ରାଟକ ଯୋଗର ଅଧିକାରିଣୀ ମା' ଭବାନୀ ସେ । ତ୍ରିନେତ୍ରଧାରୀ ଭବଙ୍କ ପ୍ରାଣ-ବଲ୍ଲଭୀ ଜଗତଜନନୀ ଜ୍ଞାନନେତ୍ର ପ୍ରଦର୍ଶନ କରେ ଆହ୍ଲାଦିନୀ ରୂପ ମାଧ୍ୟମରେ । ସତ୍‌ପଥଗାମୀ ଭକ୍ତକୁ ପରମ ଆହ୍ଲାଦ କରିଥାଏ ମାତା, କିନ୍ତୁ ଅସତ୍ ପଥଗାମୀ ଭକ୍ତ ପାଇଁ ମାତାର ତୃତୀୟ ନେତ୍ରର କୋପାନଳ କାଳାନ୍ତକ ରୂପ ପ୍ରକଟିତ କରେ । ତଥାପି ଭବରଙ୍ଗ ଭୂମିରେ କୁପୁତ୍ର ସିନା ସମ୍ଭବ ହେଲେ କୁମାତା ବିରଳ । ତେଣୁ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ମତରେ —

"ପୃଥିବ୍ୟା ପୁତ୍ରାସ୍ତେ ଜନନୀ ବହବଃ ସନ୍ତି ସରଳାଃ
ପରଂ ତେଷାଂ ମଧ୍ୟେ ବିରଳତରଳୋଽହଂ ତବ ସୁତଃ ।
ମଦୀୟୋ ଯଂ ତ୍ୟାଗଃ ସୁଚିତମିଦଂ ନୋ ତବ ଶିବେ
କୁପୁତ୍ରୋ ଜାୟେତ କ୍ୱଚିଦପି କୁମାତା ନ ଭବତି ।।"

(ଦେବ୍ୟପରାଧ କ୍ଷମାପନ ସ୍ତୋତ୍ରମ୍)

□ ▱ □

ଚକୋଟୀ ଗଡ଼ ସୀମାରେ ମା' ବାଳକୁମାରୀଙ୍କ ପୀଠ ପ୍ରତିମା

(ସାନ ବାଳକୁମାରୀ)

"ନ ଜାନାମି ଦାନଂ ନ ଚ ଧ୍ୟାନ ଯୋଗଂ
ନ ଜାନାମି ତନ୍ତ୍ରଂ ନ ଚ ସ୍ତୋତ୍ର ମନ୍ତ୍ରମ୍ ।
ନ ଜାନାମି ପୂଜା ନ ଚ ନ୍ୟାସ ଯୋଗଂ
ଗତିସ୍ତ୍ୱଂ ଗତିସ୍ତ୍ୱଂ ତ୍ୱମେକା ଭବାନୀ ।"

କାଳର ଗତି ଅତି କୁଟିଳ । ସରଳ ସାବଲୀଳ ଜୀବନ ବେଳେ ବେଳେ ଜଟିଳତାର ଆବିଳତା ମଧ୍ୟକୁ ପ୍ରବେଶ କରେ । ଦିନ ଆସିଲା ଶ୍ରୀଜଗନ୍ନାଥ ମନ୍ଦିରରୁ ଅନ୍ନ ପ୍ରସାଦ ଧରି ବାଳକୁମାରୀ ସେବକ ଶିଖର ପୀଠରେ ପ୍ରତ୍ୟହ ମା'ଙ୍କୁ ଭୋଗ ସମର୍ପଣ କରିବା ପରମ୍ପରାରେ ସୃଷ୍ଟି

Digitized by PPRACHIN, SOA

ହେଲା ବ୍ୟାଘାତ, ପାଞ୍ଚ ଦିନ ବ୍ୟାପୀ ଲଗାଣ ଝଡତୋଫାନ ହେଲା । ଜଳଧାରର ପ୍ରାବଲ୍ୟ ଏବଂ ବିଜୁଳିର ବର୍ଣ୍ଣଛଟା ମଧ୍ୟରେ ଘଡଘଡ଼ର ମନ୍ଦ୍ରନିନାଦ ଆତଙ୍କିତ କଲା ସେହି ସେବକକୁ । ସେବକ ହେଲା ଅସମର୍ଥ ଶିଖର ପୀଠରେ ପହଞ୍ଚିବା ପାଇଁ । ଷୋଡଶ ରଜା ଯଦୁମଣିଙ୍କ ରାଜତ୍ୱ ସମୟ ଅର୍ଥାତ୍ ସପ୍ତଦଶ ଶତାବ୍ଦୀର ଶେଷ ପାଦର ଘଟଣା । ରଜା ବାଳକୁମାରୀଙ୍କ ପ୍ରସାଦ ଅଭାବରୁ ଭୋଜନ କରିପାରିଲେ ନାହିଁ । ଉପବାସରେ ରହିଲେ । ଅଗତ୍ୟା ରଜା ଶରଣାପନ୍ନ ହେଲେ ମାତାଙ୍କ ପାଦପଦ୍ମରେ । ସ୍ୱପ୍ନ ଦେଶ କଲେ ଚିନ୍ମୟୀ ଜନନୀ ଅମ୍ବିକା—"ହେ ଭକ୍ତପ୍ରବର ଯଦୁମଣି ! ତୁମେ ମୋର ପ୍ରତିରୂପ ବିଗ୍ରହ ଗ୍ରାମ ସୀମାରେ ପ୍ରତିଷ୍ଠା କର ଯାନିଯାତ୍ରା ବେଳେ ସେଠାରୁ ଆଜ୍ଞାପୁଷ୍ପ ନେଇ ମୋର ନୀତିକାନ୍ତି ସମ୍ପାଦନ କରିବ । ପୁନଶ୍ଚ ରାଜବାଟୀର ସିଂହଦ୍ୱାର ନିକଟରେ ମୋର ତ୍ରିଶୂଳ ପ୍ରତିଷ୍ଠା କର । ଯାହା ତୁମର ରାଜକାର୍ଯ୍ୟକୁ ନିର୍ବିଘ୍ନରେ ପରିଚାଳନା କରିବାରେ ସହାୟକ ହେବ । ମୋର ଚଳନ୍ତି ପ୍ରତିମା ସେବା କରି ତୁମେ ସମାନ ଫଳ ପାଇବ ।" ତଦନୁସାରେ ପ୍ରତିଷ୍ଠିତ ହେଲା ସାନ ବାଳକୁମାରୀ ମନ୍ଦିର । ଯେଉଁଠାରୁ ଷୋଳ ଦିନ ପୂଜାବେଳେ ଆଜ୍ଞାପୁଷ୍ପ ନିଆଯାଏ । ପୁଣି କୁମାର ପୂର୍ଣ୍ଣିମାର ଚନ୍ଦ୍ରନୀଚୁମ୍ବିତ ରଜନୀରେ ଶଙ୍ଖ ଏବଂ ବାଦ୍ୟର ନିନାଦ ମଧ୍ୟରେ ପାଲିଙ୍କିରେ ବସି ଏଠାକୁ ଆସନ୍ତି ପରମ ବରଭୟ ଦାୟିନୀ ମାତା । ଏହା ଏବେ ମଧ୍ୟ ଦେଖିବାକୁ ମିଳେ । ସିଂହଦ୍ୱାରର ପାର୍ଶ୍ୱରେ ଥିବା ବାଳକୁମାରୀ ରାଜନବର ବିକ୍ରୟ ପରେ ସ୍ଥାନାନ୍ତରିତ ହେଲେ । ଆଜି ଏହି ପ୍ରଖ୍ୟାତ ରାଜବାଟୀ ବିଖ୍ୟାତ ସରକାରୀ ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟରେ ପରିଣତ ହୋଇଅଛି ।

ପ୍ରତିବର୍ଷ ଚୈତ୍ରମାସ ମଙ୍ଗଳବାର ଦିନ ଗ୍ରାମବାସୀ ମା' ବାଳକୁମାରୀଙ୍କୁ ଏହି ପୀଠରେ ଭୋଗ ସମର୍ପଣ କରନ୍ତି ଭକ୍ତି ପରିପ୍ଲୁତ ଅନ୍ତରରେ । ଚିକିଟୀ ଗଡ ନିବାସୀ ଜନସାଧାରଣଙ୍କ ସଂମିଳିତ ସହଯୋଗରେ ଦୈନନ୍ଦିନ ପୂଜା ନିରଞ୍ଜନା ତଥା ଭୋଗ ହୁଏ ଏହି ପୀଠରେ ।

ଉକ୍ତ ପୀଠ ବାଳକୁମାରୀ ମନ୍ଦିରର ସର୍ବାଙ୍ଗୀନ ଉନ୍ନତିରେ ସ୍ଥାନୀୟ କୁମ୍ଭକାର ସାହି ନିବାସୀ ଜନସାଧାରଣଙ୍କ ଉଦ୍ୟମ ସଦା ପ୍ରଶଂସନୀୟ ।

— ❋ —

Digitized by PPRACHIN, SOA

ଚକାର୍ଟୀ ଗଡ଼ ଦୁର୍ଗା ମନ୍ଦିର ଦକ୍ଷିଣ ପାର୍ଶ୍ୱରେ ମା' ବାଳକୁମାରୀଙ୍କ ପୀଠ ପ୍ରତିମା

ଶରଣାଗତ ଦୀନାର୍ତ୍ତ ପରିତ୍ରାଣ ପରାୟଣେ ।
ସର୍ବସ୍ୟାର୍ତ୍ତି ହରେ ଦେବୀ ନାରାୟଣୀ ନମୋସ୍ତୁତେ ॥

ରାଜନବର ମଧ୍ୟରେ ଗୋପୀନାଥଙ୍କ ମନ୍ଦିର ଏବଂ ଦୁର୍ଗା ମନ୍ଦିର ବିଦ୍ୟମାନ । ଦୁର୍ଗା ମନ୍ଦିରର ଠିକ୍ ଦକ୍ଷିଣ ପାର୍ଶ୍ୱରେ ମା' ବାଳକୁମାରୀଙ୍କ ପୀଠ । ସେଇଁଠାରେ ନିତ୍ୟ ପୂଜା ଆରାଧନା କରାଯାଏ ଦେବୀଙ୍କୁ । ଦୁର୍ଗା ମନ୍ଦିର ସେବକ ପ୍ରତ୍ୟହ ଦେବୀଙ୍କ ମାଜଣା, ଧୂପ, ଦୀପ, ନୈବେଦ୍ୟ ରୀତିମତ କରନ୍ତି ।

— ✻ —

ଉତ୍ତର ସୀମାନ୍ତ ରାଜ୍ୟ ନେପାଳରେ ବାଳକୁମାରୀ ପୂଜା ପ୍ରସଙ୍ଗ

ଓଁ କାତ୍ୟାୟନାୟ ବିଦ୍ମହେ କନ୍ୟାକୁମାରୀ ଧୀମହି
ତନ୍ନୋ ଦୁର୍ଗିଃ ପ୍ରଚୋଦୟାତ୍ । (ଦୁର୍ଗା ସୂକ୍ତମ୍)

ଦେବଭୂମି ତଥା ବେଦଭୂମି ଏହି ପବିତ୍ର ଭାରତବର୍ଷର ମଥାରେ ବିରାଜିତ ନଗାଧିରାଜ ହିମାଳୟର ଉତ୍ତୁଙ୍ଗ ଭଙ୍ଗୀଳ ଭୂଧରମାଳା । ଏହି ଭୂଧରର ପାଦଦେଶରେ ଅବସ୍ଥିତ ଏକ ସୀମାନ୍ତବର୍ତ୍ତୀ ରାଜ୍ୟ, ଯାହାର ନାମ ନେପାଳ । ଏହି ଦେଶର ପଶୁପତିନାଥ ମନ୍ଦିର ଭାରତୀୟମାନଙ୍କର ପବିତ୍ର ତୀର୍ଥକ୍ଷେତ୍ର ରୂପେ ପରିଗଣିତ । ବଦ୍ରିନାଥ ଏବଂ କେଦାରନାଥଙ୍କ ଦର୍ଶନ ପରେ ତୀର୍ଥଯାତ୍ରୀବୃନ୍ଦ ପଶୁପତିନାଥଙ୍କ ପରମ ପୁନୀତ ପୀଠ ଦର୍ଶନ ନକଲେ ତୀର୍ଥାଟନ ଅସଂପୂର୍ଣ୍ଣ ହୋଇଯାଏ ବୋଲି ଏବେ ମଧ୍ୟ ଆମର ବଦ୍ଧମୂଳ ଧାରଣା ଅବ୍ୟାହତ । ପଶୁପତିନାଥଙ୍କ ପବିତ୍ର ପୀଠକୁ ଯିବା

Digitized by PPRACHIN, SOA

ରସ୍ତାରେ ଏକ ଅନବଦ୍ୟ ତୀର୍ଥ କ୍ଷେତ୍ର ପଡେ, ଯେଉଁଠାରେ ପରିପୂଜିତ ହୁଅନ୍ତି ଜୀବନ୍ତ ବାଳକୁମାରୀ ।

ଦେଶପ୍ରାଣ ଚିକିଟୀ ଦୁର୍ଗାଧିଶ୍ୱର ସ୍ୱର୍ଗତ ଗୌରଚନ୍ଦ୍ର ଦେବଙ୍କ ଜ୍ୟେଷ୍ଠା ନନ୍ଦନୀ ସଂପ୍ରତି ହଳଦିଆ ଗଡ ରାଣୀ । ସେ ତୀର୍ଥାଟନ ବେଳେ ନେପାଳରେ ଏହି ଜୀବନ୍ତ କନ୍ୟାକୁମାରୀଙ୍କ ଦର୍ଶନ ସଙ୍ଗେ ସଙ୍ଗେ ଚିତ୍ରପଟ ମଧ୍ୟ ସଙ୍ଗରେ ଧରି ଆସିଛନ୍ତି । ଏହି ନାନା ଅଳଙ୍କାର, ମଣିମୟ ମୁକୁଟ ଏବଂ ଆୟୁଧ ଧାରିଣୀ ବିଗ୍ରହର ରଙ୍ଗୀନ ଫୋଟଚିତ୍ର ଦେଖିଲେ ବିସ୍ମିତ ହୋଇ ପଡନ୍ତି ସମସ୍ତେ ।

ସେହି ସ୍ଥାନର ଚଳଣି ଅନୁକ୍ରମେ କେତେକ ଶିଶୁକନ୍ୟାଙ୍କୁ ଗୋଟିଏ ନିକାଞ୍ଚନ ଗୃହରେ ଛାଡ଼ି ଦିଆଯାଏ । ଏହି ମନ୍ଦର ସମୀପସ୍ଥ ଏକ ଗୃହ ମଧ୍ୟରେ ସେମାନେ ରହନ୍ତି । ବିଭିନ୍ନ ବାଳୁତ କନ୍ୟାମାନେ ବିଭିନ୍ନ ପ୍ରକୃତିର । କିଏ କ୍ରନ୍ଦନ କରେ, କିଏ ଭୀତତ୍ରସ୍ତ ହୋଇ ମୂର୍ଚ୍ଛିତ ହୁଏ । କିଏ ବା ପ୍ରାଣ ଭୟରେ ଚିତ୍କାର କରେ । କିନ୍ତୁ ଯେଉଁ ଶିଶୁସନ୍ତତି ନିର୍ବିକାର ଭବେ ସେଠାରେ ରହିବା ଲକ୍ଷ୍ୟ କରଯାଏ ତାଙ୍କୁ ହିଁ ବାଳକୁମାରୀ ବେଶରେ ସୁସଜ୍ଜିତ କରିଥାଆନ୍ତି ସେବକମଣ୍ଡଳୀ ।

ଏହି ଦେବୀ ହେଲେ ଅମାୟିକ, ନିଷ୍ପାପ ଏବଂ ବିଶୃଙ୍ଖଳତାର ଚଳନ୍ତି ପ୍ରତିମା । କିନ୍ତୁ ତାଙ୍କର ବାଳକୁମାରୀତ୍ୱ ରହେ ଗୃହଯୋଗ୍ୟ ହେବା ପର୍ଯ୍ୟନ୍ତ । ରଜୋବତୀ ହେବା ପରେ ତାଙ୍କୁ ସେଠାରୁ ସ୍ୱଗୃହକୁ ପ୍ରେରଣ କରଯାଏ । ପୂର୍ବ ପରମ୍ପରା ଅନୁକ୍ରମେ ମନୋନୀତ କରଯାଏ ଅନ୍ୟ ଜଣେ କନ୍ୟାରତ୍ନ । ସେ ପୂଜିତ ହୁଅନ୍ତି ।

ଓଡ଼ିଶାର ବିଭିନ୍ନ ସ୍ଥାନରେ ଏହି ନେପାଳୀ ବାଳକୁମାରୀଙ୍କ ଫୋଟଚିତ୍ର ଦେଖିବାକୁ ମିଳେ । ଚିକିଟୀ ରାଜବାଟୀରେ ଏହି ରଙ୍ଗୀନ ଫୋଟ ଏବେ ମଧ୍ୟ ସୁରକ୍ଷିତ, ଯାହା ଦେଖି ଆମର ସନ୍ଦେହ ମୋଚନ ହୋଇ ପାରିବ ।

ଏହାର ସବିଶେଷ ତଥ୍ୟ ନିରୂପଣ ସକାଶେ ନେପାଳ ରାଜ୍ୟକୁ ତୀର୍ଥାଟନ ପାଇଁ ଗମନ କରୁଥିବା ବନ୍ଧୁମାନେ ଉଦ୍ୟମ କରିବା ବାଞ୍ଛନୀୟ ।

— ❀ —

Digitized by PPRACHIN, SOA

ଉତ୍କଳୀୟ ଲବ୍ଧ ପୁରାଣ ପୃଷ୍ଠାରୁ ବାଳକୁମାରୀ ଓଷାର ପ୍ରବାଦ

ସର୍ବ ରୂପମୟୀ ଦେବୀ ସର୍ବ ଦେବୀମୟଂ ଜଗତ୍ ।
ଅତୋ଼ହଂ ବିଶ୍ୱରୂପାଂ ତ୍ୱାଂ ନମାମି ପରମେଶ୍ୱରୀମ୍ ।।

ଉତ୍କଳୀୟ ପ୍ରାଚୀନ ପରମ୍ପରା ଅନୁକ୍ରମେ ନାନାଦି ଓଷା ଏବଂ ବ୍ରତ ପରିପାଳିତ ହୁଏ । ଅଞ୍ଚଳ ଭେଦରେ ଏବଂ ଲୋକ ଚଳଣି ଅନୁକ୍ରମେ ଏହା ଭିନ୍ନ ଭିନ୍ନ ହେଲେ ମଧ୍ୟ ପ୍ରତ୍ୟେକ ଓଷା ବ୍ରତର ପୃଷ୍ଠପୀଠିକାରେ କୌଣସି ଏକ ବିଜ୍ଞାନ ସମ୍ମତ, ଶାରୀରିକ ଉପାଦେୟତା ସଂପନ୍ନ ଏବଂ ସାମାଜିକ କଲ୍ୟାଣ ଗର୍ଭକ ତତ୍ତ୍ୱ ନିହିତ ଥାଏ । ଅବଶ୍ୟ କାଳର କ୍ରମ ବିବର୍ତ୍ତିତ ପରିସ୍ଥିତି ମଧ୍ୟରେ କେତେକ କୁସଂସ୍କାରମୂଳକ ଏବଂ ଅତିରଞ୍ଜିତ ଭାବଧାରା ଏହି ପୂଜା ମଧ୍ୟକୁ ପ୍ରବେଶ କରିଛି । ସୁଖାଦ୍ୟ ଏବଂ ଉପାଦେୟ ପଦାର୍ଥରୁ ଯେମିତି କ୍ଷତିକାରକ ଉପାଦାନ ସବୁ ବାହାର କରି ବ୍ୟବହାର କରାଯାଏ, ଠିକ୍ ସେମିତି ଆଜିର ଭବ୍ୟ ଏବଂ ନବ୍ୟ ଶିକ୍ଷିତ ସମାଜ ଏଥିରେ ପ୍ରବେଶ କରିଥିବା ଅବାସ୍ତବତାର ସବୁ ବାହାର କରି ବିଶୁଦ୍ଧ ଭାବେ ପାଳନ କରିବା ବାଞ୍ଛନୀୟ ।

ଅନ୍ୟୁନ ଚଉରାଅଶୀ ପ୍ରକାର ଓଷା ବ୍ରତ ଆମ ଓଡ଼ିଶୀ ଚଳଣିରେ ପରିପାଳିତ ହୁଏ ପ୍ରତିବର୍ଷ । ସେହି ଓଷାମାନଙ୍କ ମଧ୍ୟରୁ 'ବାଳକୁମାରୀ ଓଷା' ଅନ୍ୟତମ । ଉପପୁରାଣ ମାନଙ୍କରେ ଏହାର ବର୍ଣ୍ଣନା କରାଯାଇଅଛି ।

ଶ୍ରୀକୃଷ୍ଣ ଦ୍ୱାରୀକାଧୀଶ । ତାଙ୍କର ଅଷ୍ଟ ପାଟ ମହିଷୀ ମଧ୍ୟରେ ଅନ୍ୟତମ ପ୍ରିୟତମା ହେଉଛନ୍ତି ମା' ରୁକ୍ମିଣୀ । ମହାନିତ୍ୟ ପୁରରେ ଉଭୟଙ୍କ ପରିଭ୍ରମଣ ବେଳେ ସାକ୍ଷାତ ହୁଏ ଦେବୀ ତ୍ରିପୁରାସୁନ୍ଦରୀଙ୍କ ସହିତ । ଏହି ବାଳକୁମାରୀ ଓଷା ପ୍ରସଙ୍ଗ ସେହି ଦେବୀ ତ୍ରିପୁରା ବଖାନ କରିଅଛନ୍ତି ।

ଏହି ଓଷା ପ୍ରତିମାସର ଶୁକ୍ଳ ଚତୁର୍ଥୀ ତିଥିରେ ପାଳିତ ହୁଏ । ଓଷା ପାଳନର ସ୍ଥାନ ହେଲା ଜମିର ଖଳା, ଘରର ବାଡ଼ି, ଗ୍ରାମ ଦାଣ୍ଡ, ମଝି ଅଗଣା ପ୍ରଭୃତି । ଅର୍ଥାତ୍ ଗୃହ କିମ୍ବା ମନ୍ଦିରମାନଙ୍କରେ ଏହି ପୂଜା ନିଷେଧ ।

Digitized by PPRACHIN, SOA

ସେଠାରେ ବାଳକୁମାରୀ ଓଷା କରାଯାଏ, ଯେଉଁଠାରେ ସମସ୍ତ ଦିଗ ଏବଂ କୋଣ ଉନ୍ମୁକ୍ତ ଥାଏ । ଅଲେଖ ପରଂବ୍ରହ୍ମଙ୍କୁ ଏହି ଓଷାରେ ଆହ୍ୱାନପୂର୍ବକ ନୈବେଦ୍ୟ କରାଯାଏ । ଏଥିରେ ବିଗ୍ରହ ପୂଜନର ଆବଶ୍ୟକତା ନଥାଏ ।

ଏବଂବିଧ ଓଷା ତ୍ରେତୟା ଯୁଗରେ କାକଭୃଶଣ୍ଡୀ ଏବଂ ସୀତା କରିଥିଲେ । ରାଜର୍ଷି ଜନକ, ସନକ କୁମାର, ବଶିଷ୍ଠ, ବିଶ୍ୱାମିତ୍ର ପ୍ରଭୃତି ଏହି ଓଷା କରି ସିଦ୍ଧି ଲାଭ କରିଥିଲେ । ସାବିତ୍ରୀ ମଧ୍ୟ ଏହି ଓଷା ପାଳନ କରିଥିଲେ । ଏତଦ୍‌ବ୍ୟତୀତ ମହାଲକ୍ଷ୍ମୀ ଏହି ଓଷା କରି ବିଷ୍ଣୁଙ୍କୁ ପତି ରୂପେ ଲାଭ କରିଥିଲେ । ଆହୁରି ମଧ୍ୟ ବର୍ଣ୍ଣିତ ହୋଇଅଛି, ବୃଦ୍ଧମାନେ ଏହି ଓଷାର ପ୍ରଭବରେ କୁମାରତ୍ୱ ଏବଂ ବୃଦ୍ଧାମାନେ କୁମାରୀତ୍ୱ ଲାଭ କରନ୍ତି ।

ଏବଂବିଧ ମହିମାମୟ ଓଷା କଥା ଶୁଣି ମା' ରୁକ୍ମିଣୀ ବାଳକୁମାରୀ ଓଷା କଲେ ।

"ଦେବଦେବୀ ଭେଗରାଗ ନଖାଇ
ଆନନ୍ଦେ ଭଜିବ ଶୂନ୍ୟ ଗୋସାଇଁ,
ପୂର୍ବ ପଶ୍ଚିମେ ଶୂନ୍ୟ ଦିଶୁଥିବ
ତୁଳସୀ ବେଲ ଗଛ ନ ରହିବ ।"

ଏହି ମହାନ୍ ପରମ୍ପରାରେ ନାନାଦି ଅତିରଞ୍ଜିତ ପ୍ରସଙ୍ଗ ଥିଲେ ମଧ୍ୟ ଅନେକ ନିଗୂଢ଼ ତତ୍ତ୍ୱ ଦେଖିବାକୁ ମିଳେ । ଆପ୍ତବାକ୍ୟ ଅନୁକ୍ରମେ—

"ଅଧମା ପୁତ୍ତଳିପୂଜା ମଧ୍ୟମା ଚ ଜପଯାଜକୌ
ଉତ୍ତମା ମାନସୀ ପୂଜା ସୋଽହଂ ଇତି ଚ ଉତ୍ତମୋତ୍ତମା ।"

ପୁତ୍ତଳିକା ପୂଜା ସର୍ବନିମ୍ନ ବା ତୃତୀୟ ସ୍ତରର ଭକ୍ତିମୂଳକ ସାଧନା । ତାହାଠାରୁ ଅଧିକା ବା ଦ୍ୱିତୀୟ ସ୍ତରର ସାଧନା ହେଲା ଜପ, ହୋମ ମାଧ୍ୟମରେ ପୂଜା କରିବା । ତାହାଠାରୁ ଅଧିକତର ହେଲା ମନରେ ପରମେଶ୍ୱରଙ୍କୁ ଧ୍ୟାନପୂର୍ବକ ପୂଜା କରିବା । କିନ୍ତୁ ସୋଽହଂ ଅର୍ଥାତ୍ ସେହି ପରମାତ୍ମା ଏବଂ ମୁଁ ଜୀବାତ୍ମା ଉଭୟେ ସମାନ ଏବଂ ଅଭିନ୍ନ । ଏହି ତତ୍ତ୍ୱ ହେଲା ସର୍ବୋତ୍ତମ ସ୍ତର । ସଗୁଣ ସାକାର ରୂପକୁ ପୂଜା କରିବା ପ୍ରାରମ୍ଭିକ

Digitized by PPRACHIN, SOA

ଅବସ୍ଥାରେ ଭକ୍ତର ଲକ୍ଷଣ, ଜପ ତପ ପ୍ରଭୃତି ଉନ୍ନତତର ଅବସ୍ଥାକୁ ଆସିଲେ ପୁତ୍ତଳିକା କିମ୍ବା ଚିତ୍ରପଟର ଆବଶ୍ୟକତା ରହେ ନାହିଁ । ମନ ମଧ୍ୟରେ ପୂଜା କରିବା ଭକ୍ତର ଉନ୍ନତତର ସ୍ତର । ପରାପର ଭେଦ ଜ୍ଞାନ ରହିତ ସାଯୁଜ୍ୟ କଳ୍ପନା ଭକ୍ତର ଅତି ମାନସ ସ୍ତର କହିଲେ ଅତ୍ୟୁକ୍ତି ହେବ ନାହିଁ । ଏଠାରେ ଅଲେଖବ୍ରହ୍ମ ହେଲେ ନିର୍ଗୁଣ ନିରାକାର (ଭଗବାନ) ପରମାତ୍ମା । ଗୃହ, ମନ୍ଦିର କିମ୍ବା ମଠର ଆବଶ୍ୟକତା ଏଠାରେ ନାହିଁ । ଶୂନ୍ୟବାଦର ପରିଚାୟକ ଏହି ପୂଜା । ପୁନଶ୍ଚ ଦ୍ୱିତୀୟ ତାତ୍ତ୍ୱିକ ଅବହେଳା ବାଳକ ଏବଂ ବାଳିକା ମାନଙ୍କୁ, ଏହାର ପ୍ରସାଦ ବଣ୍ଟନ ବାଳକ ଏବଂ ବାଳିକା ହେଲେ ଅମାୟିକ । ସେମାନେ ଶୁଦ୍ଧ ସୁବର୍ଣ୍ଣ । ପରମେଶ୍ୱରଙ୍କ ପ୍ରତିରୂପ ସେମାନେ । ବାଳକ ବାଳିକାମାନଙ୍କୁ ଅର୍ଥାତ୍ ବାଳକ ଏବଂ କୁମାରୀ ଗଣଙ୍କୁ ଆପ୍ୟାୟିତ କଲେ ପରମେଶ୍ୱର ସନ୍ତୁଷ୍ଟ ହୁଅନ୍ତି । ବାଳୁତ ହେଲେ ବାଳମୁକୁନ୍ଦ । ବାଳ ଏବଂ କୁମାରୀମାନଙ୍କୁ ପରିପାଳନ, ପରିବର୍ଦ୍ଧନ, ଆହ୍ଲାଦ ପ୍ରଦାନ, ବିଦ୍ୟାଦାନ ପ୍ରଭୃତି ଗୋଟିଏ ଗୋଟିଏ ମହାନ୍ ଦୈବୀ କାର୍ଯ୍ୟ । ଯେଉଁ ଠାରେ ସେମାନଙ୍କର ଯତ୍ନ ନିଆଯାଏ ସେହି ସମାଜ ସମୃଦ୍ଧ ହୁଏ । ଏହି ପୁରାଣ ବର୍ଣ୍ଣିତ ବାଳକୁମାରୀ ବ୍ରତ । ତେଣୁ ମହନୀୟ ସାମାଜିକ ପରମ୍ପରାର ଏକ ବଳିଷ୍ଠ ପ୍ରମାଣ । ଏହାକୁ ହୃଦୟଙ୍ଗମ କରିବା ପାଇଁ ଶ୍ରୀକୃଷ୍ଣ ରୁକ୍ମିଣୀଙ୍କ ମାଧ୍ୟମରେ ପୁରାଣ ପୃଷ୍ଠାରେ ରୂପକ ଆକାରରେ କୌଣସି ଦୂରଦ୍ରଷ୍ଟା ସାଧକ ବର୍ଣ୍ଣନା କରିଅଛନ୍ତି । ବାଳକ ଭଗବାନ ଏବଂ ବାଳିକା ଭଗବତୀଙ୍କ ସମ୍ମିଶ୍ରିତ ପରିଚର୍ଯ୍ୟା ହିଁ ବାଳକୁମାରୀ ଉପାସନା ।

— ❋ —

କେତେକ ମହିମା ମଣ୍ଡିତ କିମ୍ବଦନ୍ତୀ ଏବଂ ଅବିସ୍ମରଣୀୟ ଅନୁଭୂତି

"ଓଁ ସର୍ବମଙ୍ଗଳ ମାଙ୍ଗଲ୍ୟେ ଶିବେ ସର୍ବାର୍ଥ ସାଧିକେ
ଶରଣ୍ୟେ ତ୍ରୟମ୍ବକେ ଗୌରୀ ନାରାୟଣୀ ନମୋଽସ୍ତୁତେ ।"

ମା' ବାଳକୁମାରୀ ଜଗତଜନନୀ, କି ଶ୍ରୀମନ୍ଦିର, କି ବୋଦାଗିରି, କିଅବା ନେପାଳ କିମ୍ବା ରଜ ଉଆସ ସର୍ବତ୍ର ତାଙ୍କରି ଆରାଧନା । ପୁନଶ୍ଚ ପୁରାଣ

Digitized by PPRACHIN, SOA

ପୂର୍ବରୁ ଏହି ମହାଶକ୍ତିମୟୀଙ୍କ ଆରାଧନା ଦୃଷ୍ଟାନ୍ତ ଦେଖିଲେ ମନେହୁଏ ପରମ ବୈଷ୍ଣବୀ ମା' ବାଳକୁମାରୀ ସବୁ ଯୁଗରେ ପରିପୂଜିତା । ଗଭୀର ଅନ୍ତର୍ଦୃଷ୍ଟି ଏବଂ ବ୍ୟାପକ ଦୂରଦୃଷ୍ଟି ରଖି ଆମର ପୂର୍ବପୁରୁଷମାନେ ଏହି ଦେବୀଙ୍କ ସ୍ଥାପନ ଓ ପୂଜନ ବ୍ୟବସ୍ଥା କରିଅଛନ୍ତି ।

ଜନଶ୍ରୁତିରୁ ଜଣାଯାଏ ଅତୀତରେ ମା' ବାଳକୁମାରୀ ଟିକିଟୀ ଅଞ୍ଚଳରେ ପ୍ରଦକ୍ଷିଣ କରନ୍ତି ଗଭୀର ନିଶୀଥରେ ପାଟ ଘୋଡା ଉପରେ ଆରୋହଣ କରି । ରାଜବାଟୀରେ ବନ୍ଧା ଯାଇଥାଏ ଏକ ପାଟ ଘୋଡ଼ା । ଏହି ଘୋଟକ ରାଜା ବ୍ୟବହାର କରନ୍ତି ନାହିଁ । କାରଣ ତାହାଙ୍କୁ ବାଳକୁମାରୀଙ୍କ ବାହନ ରୂପେ ସ୍ଵତନ୍ତ୍ର ଯତ୍ନ ନେଇ ପାଳନ କରାଯାଏ । ଗରିଷ୍ଠ ଦାନା ଖାଇ ହୃଷ୍ଟପୁଷ୍ଟ ଏହି ଘୋଡ଼ା ରାଜବାଟୀର ଘୋଡ଼ା ଶାଳରେ ବନ୍ଧା ଯାଇଥାଏ । ସକାଳବେଳା ଲୋକେ ଆସି ଦେଖନ୍ତି । ଏହି ଘୋଡ଼ାର ନାଶାରୁ ଖର ଶ୍ଵାସ କ୍ରିୟାର ଆଭାସ ମିଳେ । ପୁନଶ୍ଚ ମୁଖରୁ ଫେନ ଏବଂ ଲାଳ ସ୍ରବଣ ହେଉଥାଏ । ମଧ୍ୟ ରାତ୍ରିରେ ଏହି ଘୋଟକ ଉପରେ ବସି ବରାଭୟ ଦାୟିନୀ ମା' ବାଳକୁମାରୀ ନଗର ପରିକ୍ରମା କରିବା ଦୃଶ୍ୟ ଅନେକେ ଅନୁଭବ କରନ୍ତି । ତେଣୁ ଘୋଟକର ସକାଳ ବେଳା ଏହି କ୍ଲାନ୍ତ ଅବସ୍ଥାର ସୂଚନା ମିଳେ । କଳାପାଟ ପରିହିତା ଲାଲ ଘୋଟକ ବାହିନୀ ମା' ଜଗତ ମଙ୍ଗଳ ପାଇଁ ଘୂରିବୁଲେ ଗ୍ରାମରୁ ଗ୍ରାମାନ୍ତର । ନୁପୁର ସୁବାସ ମହକିଯାଏ ଏବଂ ରୁଣୁଝୁଣୁ ନୂପୁର ଧ୍ଵନିରେ ମୁଖରିତ ହୁଏ ନିଃରବ୍ଧ ରଜନୀର ବିନିଦ୍ର ପ୍ରହରରେ ।

କାହାର ମାନସିକ ଯଦି ଥାଏ ସେ ବାଳକୁମାରୀଙ୍କୁ ଜଣା କରେ ପରିପୂରଣ ପାଇଁ । କାହାର ବିପତ୍ତି ଯଦି ପଡେ ସେ ମନେ ମନେ ସ୍ମରଣ କରେ ପରମ ଅଭୟ ଦାୟିନୀ ଦୁଃଖନାଶିନୀ ଏହି ଜନନୀଙ୍କୁ । ପ୍ରଭାତରେ ନିତ୍ୟକର୍ମରେ ଅଗ୍ରସର ବ୍ୟକ୍ତି ମା' ବାଳକୁମାରୀଙ୍କୁ ସ୍ମରଣ କରିଥାଏ । ଗୃହ ନାରୀମାନେ ବାରବ୍ରତ, ଶୁଭକାର୍ଯ୍ୟ କଲେ ମା' ବାଳକୁମାରୀଙ୍କ ପାଇଁ ଭୋଗ ବାଢ଼ନ୍ତି ସ୍ଵତନ୍ତ୍ର ଭାବେ । ବିପତ୍ତି ଆପତ୍ତିରେ ଏହି ଆମ ସମଗ୍ର ଅଞ୍ଚଳରେ ସହାୟିକା କେହି ଥାଏ ସେ ହେଲେ ଏହି ଅଦୃଶ୍ୟ ଶକ୍ତି ମା' ବାଳକୁମାରୀ ।

Digitized by PPRACHIN, SOA

ଦେବୀଙ୍କ ମହିମା ଅପାର । ପତିର ରୋଗଶଯ୍ୟା ନିକଟରେ ବସି ପତ୍ନୀ ଡାକେ ଆଶୁ ଆରୋଗ୍ୟ ପାଇଁ ମା' ବାଳକୁମାରୀଙ୍କୁ । ପରୀକ୍ଷା କେନ୍ଦ୍ରରେ ବସି ପରୀକ୍ଷାର୍ଥୀ ଉତ୍ତମ ନମ୍ବର ହାସଲ ପାଇଁ ସ୍ମରଣ କରେ ମେଧାମୟୀ ଜନନୀ ବାଳକୁମାରୀଙ୍କୁ । ବ୍ୟବସାୟର ଉତ୍ତରୋତ୍ତର ସମୁନ୍ନତି ସକାଶେ ବ୍ୟବସାୟୀ ଜଣାଣ କରେ ମା' ବାଳକୁମାରୀଙ୍କ ପାଦପଦ୍ମରେ । ମାଲି ମକଦ୍ଦମାର ଫଇସଲା ପାଇଁ କୋର୍ଟର କାଠ କଡାରେ ଦଣ୍ଡାୟମାନ ବ୍ୟକ୍ତି ଡାକେ ମା' ବାଳକୁମାରୀଙ୍କୁ । ଦୁର୍ଘଟଣାର ଆସନ୍ନ ଆଶଙ୍କା ହେଲେ ଯାତ୍ରୀ ଯାନବାହନରେ ବସି ଡାକନ୍ତି ସେହି ଏକା ମା' ବାଳକୁମାରୀଙ୍କୁ । ବାଳକୁମାରୀଙ୍କ ପ୍ରସାଦ ଏହି ଅଞ୍ଚଳବାସୀ ମହାପ୍ରସାଦ ପରି ମାନ୍ୟତା ସହକାରେ ସେବା କରନ୍ତି । ବାଦବିବାଦରେ ନିଃସହାୟ ମନେ କଲେ ବ୍ୟକ୍ତିବିଶେଷ ସାକ୍ଷ୍ୟ ରଖନ୍ତି ଏହି ଶିଖର ପୀଠବାସିନୀ ମା' ଭବାନୀଙ୍କୁ । ଆବାଳବୃଦ୍ଧବନିତାଙ୍କ ଜନନୀ ଏହି ଶାଶ୍ୱତୀ ଜନନୀ ବାଳକୁମାରୀ । ତେଣୁ ସର୍ବଲୋକ ସଂଗୃହୀତ ଏବଂ ସର୍ବସ୍ଥଳରେ ବିରାଜିତ । ମହିମା ତାହାର କଳନା କରିବା ସାଧାରଣ ମଣିଷ ପକ୍ଷେ ବାସ୍ତବରେ ଆୟାସାତୀତ । କବିଙ୍କ ଭାଷାରେ—

"ମୁଁ କାହୁଁ ଜାଣିବି ପ୍ରଭୁ ତୁମ୍ଭର ମମତା
ଭରୁମି କି ବାରିପାରେ ସିନ୍ଧୁ ଗଭୀରତା ।"

(ଫକୀରମୋହନ)

ନବମ ଶତାବ୍ଦୀ ଠାରୁ ଏ ଯାବତ୍ ବହୁ ଭକ୍ତ ଅନେକ ଅନୁଭୂତି ଏବଂ ଧନ ଏହି କରୁଣାମୟୀ ଜନନୀର ଲୀଳାଖେଳା ମଧ୍ୟରୁ ପାଇଛନ୍ତି । ଗୋଟି ଗୋଟି କରି ତାହାର ହିସାବ ଅବତାରଣା କଲେ ସେ ଏକ ବଡ ଗ୍ରନ୍ଥରେ ପରିଣତ ହେବ । ତଥାପି ଏଠାରେ ସଦ୍ୟ ଅନୁଭୂତ କେତେକ ଦୃଷ୍ଟାନ୍ତ ଅବତାରଣା ନକଲେ ଦେବୀ ମହିମା ଅପ୍ରକଟିତ ରହିଯିବ ।

— ❀ —

Digitized by PPRACHIN, SOA

ଅପରିଚିତ ଭଦ୍ରବ୍ୟକ୍ତି ବେଶରେ ମା' ବାଳକୁମାରୀ

୧୯୯୮ ମସିହା ଜାନୁଆରୀ ମାସର ଏକ ଜାଜ୍ୱଲ୍ୟମାନ ଘଟଣା ଏଠାରେ କ୍ଲୁପ୍ତଭବେ ଅବତାରଣା କରୁଅଛୁ । ଶିଖର ପୀଠରେ ଗୃହ ନିର୍ମାଣ କର୍ମ ଚାଲିଥାଏ । ବଡପଲଙ୍କ ଗ୍ରାମନିବାସୀ ଶ୍ରୀ ଗଦାଧର ମହାରଣା ମିସ୍ତ୍ରୀ ରୂପେ ନିୟୋଜିତ । ସେହି ମାଘ ମାସରେ ଅନ୍ୟତମ ପୂଜକ କେଦାରଗୌରୀ ଗଉଡଙ୍କ ଦଶଦିନିଆ ପୂଜା ପାଳି ଥାଏ । ପରିଚାଳନା କମିଟିର ଅନ୍ୟତମ ସଦସ୍ୟ ଶ୍ରୀ ସୁଧୀର କୁମାର ସାବତ ଏହି କାମ ତଦାରଖ କରୁଥାଆନ୍ତି । ପଞ୍ଚାବନ ବର୍ଷୀୟ ମିସ୍ତ୍ରୀ ଗଦାଧର ଏବଂ ଚବିଶି ବର୍ଷୀୟ ଦେବୀ ପୂଜକ କେଦାର ନିଜ ନିଜ ଗ୍ରାମକୁ ଆସିଲେ ବିଭିନ୍ନ ଜରୁରୀ କାର୍ଯ୍ୟବଶତଃ । ସଂଧ୍ୟା ପୂର୍ବରୁ ମିସ୍ତ୍ରୀ ଶ୍ରୀ ଗଦାଧର ପୀଠରେ ପହଂଚିଗଲେ । ହେଲେ ଟିକିଟୀ ପେଣ୍ଠରୁ ବଜାର ସୌଦା କରି ବାଳକୁମାରୀ ଶିଖରର ପାଦଦେଶରେ ପହଂଚିବା-ବେଳକୁ କେଦାରଗୌରୀ ଘଣ୍ଟା ଦେଖନ୍ତ ତ ଘଡି ଆଠଟା ହେଲଣି । ଗମଗୁଡା ଗ୍ରାମବାସୀ ଆଦିବାସୀମାନେ ବାରଣ କଲେ ପର୍ବତ ଚଢିବା ସକାଶେ । ସେତେବେଳେ ଏକ ପାର୍ଶ୍ୱରେ ପ୍ରବଳ ଶୀତ ଏବଂ ଅପର ପାର୍ଶ୍ୱରେ ମହାବଳ ବାଘର ଦୌରାତ୍ମ୍ୟ । ତଥାପି ଖାଦ୍ୟ ସାମଗ୍ରୀ ନନେଲେ ଉପରେ ଅନ୍ୟ ଦୁଇଜଣ ଭୋକରେ ରହିବେ ବୋଲି ମନରେ ଆଶଙ୍କା କରି କେଦାର ଚଢିଲେ ଗୋଟିକ ପରେ ଗୋଟିଏ ପାହାଚ । ଏହି ରୀତିରେ 'ମା ବାଳକୁମାରୀ' ନାମ ଉଚ୍ଚାରଣ କରି କରି ୩୦ ଗୋଟି ପାହାଚ ଅତିକ୍ରମ କଲା ବେଳକୁ ଅସ୍ପଷ୍ଟ ଅନ୍ଧକାର ମଧ୍ୟରେ କେଦାରଗୌରୀଙ୍କ ଦୃଷ୍ଟି ପଥାରୂଢ ହେଲେ ଜନୈକ ଅପରିଚିତ ଭଦ୍ରବ୍ୟକ୍ତି । ସେ ଅଟକିଗଲେ । ଭଦ୍ରବ୍ୟକ୍ତି ପ୍ରଶ୍ନ କଲେ—'ବାବୁ ଆପଣ ପୀଠକୁ ଯାଉଛନ୍ତି କି ?' କେଦାର କହିଲେ—'ହଁ' । କେଦାରର ପିଣ୍ଡକୁ ପ୍ରାଣ ଫେରି ଆସିଲା ସତେ ଯେମିତି । ସାଙ୍ଗ ମିଳିଗଲା ପରେ ଶତ ସିଂହର ବଳ ଖେଳିଗଲା ତାହାଙ୍କ ସର୍ବାଙ୍ଗରେ । ଉକ୍ତ ବ୍ୟକ୍ତି ପ୍ରଶ୍ନ କଲେ—'ତୁମେ ସର୍ବଦା ଭୋଗ କରିବାକୁ ଯାଉଛ, ନିଶ୍ଚୟ ଭରି କଷ୍ଟ ହେଉଥିବ ।' କେଦାର କହିଲେ—'ମା'ଙ୍କ କରୁଣାରୁ

Digitized by PPRACHIN, SOA

କଷ୍ଟ ଆମକୁ କିଛି ଜଣା ପଡୁନାହିଁ । ଏମିତି କଥାବାର୍ତ୍ତା ହୋଇ ହୋଇ ଆନୁମାନିକ ଦଶଟା ବେଳକୁ ସେ ଦୁହେଁ ଶିଖରର ନବନିର୍ମିତ ଧର୍ମଶାଳା ନିକଟରେ ପହଂଚିଲେ ।

ଭଦ୍ରବ୍ୟକ୍ତି କହିଲେ—ମୁଁ ଟିକିଏ ହାଲିଆ ହୋଇଗଲି, ଏଠାରେ ବସୁଛି; ତୁମେ ଯାଅ ଭୋଗରାଗ ପ୍ରସ୍ତୁତ କର । କିଛି ସମୟ ପରେ ମୁଁ ଆସିବି । କେଦାର ଚାଲିଗଲେ ସୁଧୀର ଏବଂ ରୂପଧର ପାଖକୁ । କ୍ରୟ ବିକ୍ରୟ କାମପତ୍ର ପ୍ରସଙ୍ଗରେ ଆଳାପ ଆଲୋଚନା ହେଲା । ସାଙ୍ଗରେ ଆସିଥିବା ଭଦ୍ରବ୍ୟକ୍ତିଙ୍କ କଥା ଶୁଣି ସମସ୍ତେ ବିସ୍ମିତ ହେଲେ । ଅପରିଚିତ ଭଦ୍ରବ୍ୟକ୍ତିଙ୍କୁ ଛାଡ଼ ଆସିବା ଅଶୋଭନୀୟତା ଯୋଗୁଁ ତିନିହେଁ ମିଶି ତାଙ୍କ ପାଖକୁ ଗଲେ । ହେଲେ ସେହି ଆଗନ୍ତୁକ ସେଠାରେ ନାହାନ୍ତି । ରାତି ସାଢ଼େ ବାରଟା ପର୍ଯ୍ୟନ୍ତ ଖୋଜା ଚାଲିଲା । ଦେବୀଙ୍କୁ ଜଣା କଲେ ପୂଜକ ଏବଂ ସେବକମାନେ । ହେଲେ ନାହାନ୍ତି ଆଗନ୍ତୁକ, କିନ୍ତୁ ବସିଛନ୍ତି ଦେବୀ ବରଭୟ ଦାୟିନୀ ବାଳକୁମାରୀ । ଏହି ଜୀବାତ୍ମା କ'ଣ ସେହି ଆଦିମାତା-ରୂପୀ ପରମାତ୍ମାଙ୍କ ପ୍ରତୀକ ପୁରୁଷ ନୁହନ୍ତି କି ? ଏହି ପରମାଣୁ ସଂତ୍ରସ୍ତ ବିଶ୍ୱରେ ମା' ପରମ ବୈଷ୍ଣବୀଙ୍କର ଅଭୟ ଲୀଳାର ଅନ୍ୟତମ ପ୍ରତ୍ୟକ୍ଷ ଦୃଷ୍ଟାନ୍ତ ନୁହେଁ କି ?

— ❀ —

ପାରସମ୍ପା ଗ୍ରାମବାସୀ ଦୈତାରୀ ପ୍ରଧାନଙ୍କ ଶରୀର ଆରୋଗ୍ୟରେ ବାଳକୁମାରୀଙ୍କ ଅବଦାନ

ଏଇ ଘଟଣା ବେଶୀ ଦିନର ନୁହେଁ । ଗତ ତା ୫।୧।୯୯ ରିଖର ଏକ ଅଦ୍ଭୁତ ଅନୁଭୂତି । ଧାନଘର ଛକଠାରୁ ମାତ୍ର ପାଞ୍ଚ କିଲୋମିଟର ଦୂରବର୍ତ୍ତୀ ଏକ ବାହୁଦା ନଦୀ ତୀରବର୍ତ୍ତୀ ଗ୍ରାମ ପାରସମ୍ପା । ଦୈତାରୀ ପ୍ରଧାନ ପଡ଼ିଲେ ବିଷମ ଶାରୀରିକ ଅସୁସ୍ଥତାରେ । ବହୁ ଔଷଧ ଏବଂ ଡାକ୍ତରୀ ପରାମର୍ଶରେ ସେ ଆରୋଗ୍ୟ ଲାଭ କଲେ । ତାହାର କିଛିଦିନ

Digitized by PPRACHIN, SOA

ପରେ ଦୀର୍ଘ ଦୁଇବର୍ଷ ଧରି ଲଗାତର ଭବେ ସେ ଅସୁସ୍ଥ ହୋଇ ପଡ଼ଲେ । ପୁତ୍ର ତାଙ୍କର ନିରଞ୍ଜନ । ବହୁ ଡାକ୍ତରଙ୍କ ଦ୍ୱାରସ୍ଥ ହେଲେ, ନାନାଦି ଔଷଧ ପ୍ରୟୋଗ ହେଲା । ଏଥର ଆସିଲା ଗୁରୁତର ସଙ୍କଟର ସମୟ । ଦେହ ତମାମ ଫୁଲିଗଲା, ପେଟ ମଧ୍ୟ ଅସମ୍ଭାଳ ଭବେ ଫୁଲିଲା । ହା ହତୋସ୍ମି ଅବସ୍ଥା । ସେଦିନ ତା ୨୧।୧।୯୯ ରିଖ ରିମ୍‌ଝିମ୍ ରାତ୍ରିର ନିସ୍ତବ୍ଧତା ମଧ୍ୟରେ ଉଭା ହେଲେ ମା' ବାଳକୁମାରୀ । 'ସକାଳୁ ମୋ ପୀଠକୁ ଆସି ଫୁଲ ସିଂଦୂର ଏବଂ ପାଦୁକା ପାଣି ଆଣି ବାପାଙ୍କୁ ଦେବୁ ।' ଏତିକି କଥା ନ ସରୁଣୁ ନିଦ୍ରାଭଙ୍ଗ ହେଲା ନିରଞ୍ଜନ ପ୍ରଧାନଙ୍କର । ଅତି ପ୍ରତ୍ୟୁଷରୁ ପାଗଳ ପ୍ରାୟ ଦୌଡ଼ିଲା ବାଳକୁମାରୀଙ୍କ ଶିଖର ପୀଠକୁ ।

ସେଦିନ ତା ୫।୧।୯୯ ରିଖ ପୌଷମାସ କୃଷ୍ଣପକ୍ଷ ଚତୁର୍ଥୀ ତିଥି ମଙ୍ଗଳ ବାସର । ଦେବୀଙ୍କ ସାପ୍ତାହିକ ପୂଜା ଆରାଧନା ଚାଲିଛି । ଅସଂଖ୍ୟ ଭକ୍ତଙ୍କ ସମାବେଶ । ପାଦୁକା ଜଳ, ସିଂଦୂର ଏବଂ ଫୁଲ ଧରି ଦ୍ରୁତ ବେଗରେ ଆସିଲେ ନିରଞ୍ଜନ, ପିତା ଦୈତାରୀ ତାହା ସେବନ କଲେ । ଐନ୍ଦ୍ରଜାଲିକର ମାୟାମନ୍ତ୍ର ଭଳି ଦୈତାରୀ ପ୍ରଧାନଙ୍କ ଶରୀର ଉପଶମ ହେଲା ।

ଏହି ଦୁଇଟି ପ୍ରତ୍ୟକ୍ଷ ଉଦାହରଣ ସଂପୂର୍ଣ୍ଣ ପ୍ରତ୍ୟକ୍ଷ ଏବଂ ସତ୍ୟତା ଉପରେ ଆଧାରିତ ସଦ୍ୟ ଅନୁଭୂତି । ଏମିତି ଅନେକ ଭବ ପାଇଛନ୍ତି ଭକ୍ତିଭବ ପ୍ରମତ୍ତ ଅଗଣିତ ନରନାରୀ ଆଜି ଚେଟକ ଉପ-ରାଜଧାନୀର ଏହି ଅଧିଷ୍ଠାତ୍ରୀ ମା' ବାଳକୁମାରୀ ସମଗ୍ର ଭରତରେ ବିଖ୍ୟାତ । ନାନା ପ୍ରଦେଶର ଭକ୍ତମଣ୍ଡଳୀ ଏଠାକୁ ଆସନ୍ତି । ପ୍ରତିଦିନ ଭକ୍ତମାନଙ୍କ ସୁଅ ଛୁଟିଥାଏ ପର୍ବତର ଅଗ୍ରଭଗ ସ୍ଥିତ ଏହି ଅଭୟ ବରଦାୟିନୀ ମା' ବାଳକୁମାରୀଙ୍କ ନିକଟକୁ ।

— ✻ —

Digitized by PPRACHIN, SOA

ଶିଖର ପୀଠରେ ନାନାଦ ଉନ୍ନୟନ-ମୂଳକ ଯୋଜନାର ରୂପାୟନ

ଶ୍ରୀମଦ୍ ଭଗବତ୍ ଗୀତାରେ ଯୋଗାଚାର୍ଯ୍ୟ ତଥା ବ୍ରହ୍ମାଣ୍ଡ ନାୟକ ଶ୍ରୀକୃଷ୍ଣ କହିଛନ୍ତି—

ଅନନ୍ୟା ଚିନ୍ତୟାମାଂସୋ ଯୋ ଜନ ମାଂ ପର୍ଯ୍ୟୁପାସତେ ।
ତେଷାଂ ନିତ୍ୟାଭିଯୁକ୍ତାନାଂ ଯୋଗ କ୍ଷେମଂ ବହାମ୍ୟହମ୍ ॥

ଅନ୍ୟ ଚିନ୍ତା ନକରି ଅର୍ଥାତ୍ ଏକନିଷ୍ଠ ଭାବେ ଯେଉଁ ବ୍ୟକ୍ତି ମୋତେ ପର୍ଯ୍ୟୁପାସନା କରେ ତାହାର ସମସ୍ତ ଦାୟିତ୍ୱ ମୁଁ ବହନ କରେ । ବରଭୟ-ଦାୟିନୀ ବ୍ରହ୍ମାଣ୍ଡ ଠାକୁରାଣୀ ମା' ବାଳକୁମାରୀ ଠିକ୍ ସେହି ମର୍ମରେ ଆଜି ଶିଖର ପୀଠରେ ଭାବ ପ୍ରକାଶ କରନ୍ତି । ଭକ୍ତମଣ୍ଡଳୀ ଭବବିନୋଦିନୀଙ୍କ ନିର୍ଦ୍ଦେଶନା ପାଇ ନାନାଦି କର୍ମ କରି ଚାଲିଛନ୍ତି । କ୍ରମଶଃ ସେହି ପୀଠର ଉନ୍ନତି ପରିବର୍ଦ୍ଧିତ ହେବାରେ ଲାଗିଛି ।

ନୈସର୍ଗିକ ସୁଷମାଶ୍ରୀ ବିମଣ୍ଡିତ ଏହି ବାଳକୁମାରୀଙ୍କ ଶିଖର ପୀଠରେ ତା ୨୪।୧୧।୧୯୬୬ ମସିହାରେ ନିର୍ମାଣ କାର୍ଯ୍ୟକ୍ରମର ଶୁଭାରମ୍ଭ । ଭକ୍ତମାନଙ୍କ ସହଯୋଗରେ ତଦାନିନ୍ତନ କୃଷି ବିଭାଗୀୟ ମନ୍ତ୍ରୀ ଶ୍ରୀଯୁକ୍ତ ରାମହରି ପଟ୍ଟନାୟକ ଦେବୀଙ୍କ ଆଦ୍ୟ ଗୁମ୍ଫା ନିକଟରେ ଏକ ବିଜୟ ମଣ୍ଡପ ନିର୍ମାଣ କଲେ (ଏହି ମଣ୍ଡପରେ ଆଜି ଦକ୍ଷିଣ କାଳୀଙ୍କ ମୂର୍ତ୍ତି ବିରାଜିତ) । ଅଧୁନାତନ ପୂଜା ମଣ୍ଡପକୁ ଆସିବା ପୂର୍ବରୁ ଦେବୀ ସେଠାରେ ବିରାଜିତ ଥିଲେ ।

ପୁନଶ୍ଚ ୧୯୫୭ ମସିହାରେ ପର୍ବତ ସ୍ଥଳୀର ମୃତ୍ତିକା ଅଂଶରେ ଦେବୀଙ୍କ ସ୍ୱପ୍ନାଦେଶ ଲାଭ କରି ଖନିତ ହେଲା ଏକ କୂପ ଯାହାର ପାଣି ନାରିକେଳ ଜଳଠାରୁ ବଳି ମଧୁର ।

ଭକ୍ତମଣ୍ଡଳୀ କ୍ରମଶଃ ରାମଗୁଡ଼ାଠାରୁ ଏକ ମୃତ୍ତିକାମୟ ଚଳପଥର ବ୍ୟବସ୍ଥା କଲେ ଶିଖର ପୀଠ ପର୍ଯ୍ୟନ୍ତ ।

Digitized by PPRACHIN, SOA

ଆଚମ୍ବିତ ଲାଗେ ଏତିକି ଯେ, ଉଚ୍ଚ ପର୍ବତରେ କ୍ରମଶଃ ଉପରକୁ ଉଠି ଗଲାବେଳେ କ୍ଳାନ୍ତ ଅନୁଭବ କରିବା ସ୍ୱାଭାବିକ । ତେବେ ପାଞ୍ଚ ମିନିଟ୍ ବସିଗଲେ ସତେ ଯେମିତି କୌଣସି ଏକ ଅଦେଖା ଶକ୍ତିର ପ୍ରେରଣାରେ ପୁଣି ଅଗ୍ରସର ହେବାକୁ ମନ ବଳେ । ଏହି ରୀତିରେ କି ବୃଦ୍ଧ, କି ବାଳକ ସମସ୍ତେ ଉଠି ଉଠି ଯାଆନ୍ତି ମା'ଙ୍କର ଅସୀମ ମହିମାମଣ୍ଡିତ ଶକ୍ତି ମିଳନରେ ଆକୃଷ୍ଟ ହୋଇ ।

୧୯୬୮ ଏବଂ ୧୯୬୯ ମସିହା ବାଳକୁମାରୀଙ୍କ ଶିଖର ପୀଠ ପାଇଁ ଏକ ସୁବର୍ଣ୍ଣମୟ ଯୁଗ ଆଣିଦେଲା । ତଦାନିନ୍ତନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ଦାମୋଦର ପାତ୍ର ଜଣେ ନିଷ୍ଠାପର ପ୍ରଗତିକାମୀ ତଥା ଜନପ୍ରିୟ କର୍ମକର୍ତ୍ତା ରୂପେ ସୁବିଦିତ । ଦେବୀଙ୍କ ପ୍ରେରଣା ପାଇ ସେ ସ୍ଥାନୀୟ ଜନ-ସାଧାରଣ ତଥା କର୍ମଚାରୀ ମଣ୍ଡଳୀଙ୍କୁ ନେଇ ବହୁ ଉନ୍ନୟନମୂଳକ କାର୍ଯ୍ୟ ବାଳକୁମାରୀ ପୀଠରେ କରିଥିଲେ । ପର୍ବତର ପାଦଦେଶ ଠାରୁ ଶିଖର ପୀଠ ପର୍ଯ୍ୟନ୍ତ ୧୨୭୨ ଗୋଟି ପାହାଚର ସୁବନ୍ଦୋବସ୍ତ ଏତିକିବେଳେ କରା ଯାଇ-ଥିଲା । ଅଞ୍ଚଳବାସୀ ଜନସାଧାରଣଙ୍କ ବ୍ୟକ୍ତିଗତ ଦାନରେ ମଧ୍ୟ ଏଥିରୁ ସହସ୍ରାଧିକ ପଥର ନିର୍ମିତ ପାହାଚ ପର୍ବତ ଯାତ୍ରାରେ ଅତୀବ ସହାୟକ ହେଲା ।

ଏତଦ୍‌ବ୍ୟତୀତ ଶିଖର ପୀଠରେ ଦେବୀଙ୍କ ପାଇଁ ସ୍ଥାୟୀ ପୂଜା ମନ୍ଦିର ତିଆରି ହେଲା । ରୋଷେଇ ଶାଳା, ଭଣ୍ଡାର ଘର ଏବଂ ବିଶ୍ରାମ କୋଠରୀ ମଧ୍ୟ ଏହି ସମୟରେ ନିର୍ମିତ ହୋଇଥିଲା । ମଣ୍ଡପ ପାର୍ଶ୍ୱରେ ସୁଦୃଶ୍ୟ ସିଂହ ବିଗ୍ରହ ଦୁଇଟି ସ୍ଥାପିତ କରଗଲା । ପର୍ବତ ଶିଖର ପୀଠ ସ୍ଥିତ ବିଶାଳ ଓ ମସୃଣ ଘଅଡାର ଚତୁର୍ଦ୍ଦିଗ ସୁଦୃଢ଼ ତଥା ସୁଦୃଶ୍ୟ ସିମେଣ୍ଟ ଜଡାଇନ୍‌ରେ ଘେର ତିଆରି ହୋଇପାରିଲା । ଦେବୀଙ୍କର ପ୍ରିୟତମ ବାହନ ପାଟ ଘୋଡା ବୋଲି ଜନଶ୍ରୁତି ଅଛି । ଅତଏବ ୧୯୮୦ ମସିହାରେ ନିର୍ମିତ ହେଲା ଏକ ବିଶାଳ ଧାବମାନ ଘୋଟକ ଦେବୀଙ୍କ ମଣ୍ଡପ ସମ୍ମୁଖରେ ।

ବହୁଦିନର ଆଶା ଏବଂ ଆକାଂକ୍ଷା ପରିପୂର୍ଣ୍ଣ କରି ତଦାନିନ୍ତନ ବିଧାୟକ ଶ୍ରୀଯୁକ୍ତ ଚିନ୍ତାମଣି ଦ୍ୟାନସାମନ୍ତରଙ୍କ ଅବିଶ୍ରାନ୍ତ ଉଦ୍ୟମରେ ୧୯୮୩

Digitized by PPRACHIN, SOA

ମସିହା ଜୁଲାଇ ମାସ ୯ ତାରିଖ ଦିନ ଶିଖର ପୀଠର ବିଦ୍ୟୁତ୍ ସଂଯୋଜନାକୁ ଉଦ୍‌ଘାଟନ କଲେ ଅର୍ଥମନ୍ତ୍ରୀ ମାନ୍ୟବର ଶ୍ରୀଯୁକ୍ତ ରଘୁନାଥ ପଟ୍ଟନାୟକ । ପର୍ବତ ପାଦଦେଶ ଠାରୁ ପୂଜା ମଣ୍ଡପ ପର୍ଯ୍ୟନ୍ତ କେବଳ ନୁହେଁ, ଆଜି ଶିଖର ପୀଠ ମଧ୍ୟ ଅନ୍ଧକାର ରଜନୀରେ ନିସ୍ତବ୍ଧତାକୁ ଭଙ୍ଗ କରି ଉଜ୍ଜ୍ୱଳ ଆଲୋକରେ ଉଦ୍‌ଭସିତ ।

ପୁନଶ୍ଚ ତା ୧୪।୩।୧୯୮୮ ମସିହାରେ ତଦାନିନ୍ତନ ଜନପ୍ରିୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ପ୍ରକାଶଚନ୍ଦ୍ର ଦାସ ଏବଂ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀ ସତ୍ୟନାରାୟଣ ପଣ୍ଡାଙ୍କ ଦ୍ୱାରା ଉଦ୍‌ଘାଟିତ ହେଲା ଏକ ସୁଦୃଶ୍ୟ ତଥା ସୁଦୃଢ଼ ଧର୍ମଶାଳା ଶିଖର ପୀଠରେ । ଶିଖର ପୀଠ ମନ୍ଦିର ପରିଚାଳନା ମଣ୍ଡଳୀଙ୍କ ଉଦ୍ୟମରେ ତିନୋଟି କୋଠରୀ ନିର୍ମିତ ହୋଇଛି ଯାହା ମଧ୍ୟରେ ଗୋଟିଏ ଦପ୍ତର ରୂପେ ଏବଂ ଅନ୍ୟ ଦୁଇଟି କୋଠରୀ ଭୋଗ ଭଣ୍ଡାର ରୂପେ ବିନିଯୋଗ ହେଉଅଛି । ମହାଦେବ ତ୍ରିଲୋକେଶଙ୍କ ସୁବିଶାଳ ଲିଙ୍ଗ ଏଠାରେ ପରିପୂଜିତ ହୁଅନ୍ତି ।

ତା ୧୬।୪।୯୯ ରିଖରେ ମନ୍ଦିରର ପାର୍ଶ୍ୱଦେବତା ଗଜାନନ ବିଗ୍ରହ ଏବଂ ନାନାଦି ଦେବୀ ମୂର୍ତ୍ତି ପ୍ରତିଷ୍ଠିତ ହେଲେ ବିଧିବଦ୍ଧ ଯଜ୍ଞାନୁଷ୍ଠାନ ସହିତ ।

ତା ୧୮।୪।୯୯ ରିଖର ପବିତ୍ର ବାସରରେ ବହୁ ଆକାଂକ୍ଷିତ ଜଳ-ଯୋଗାଣ ବ୍ୟବସ୍ଥାର ଶୁଭ ଉଦ୍‌ଘାଟନ କଲେ ପରମ ଉତ୍ସାହୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡକ୍ଟର ଶ୍ରୀ ଗୋପବନ୍ଧୁ ଦାସ ମହାଶୟ ।

ବିଭିନ୍ନ ସମୟରେ ସରକାରୀ ସୂତ୍ରରୁ ଏବଂ ସ୍ଥାନୀୟ ବଦାନ୍ୟ ବ୍ୟକ୍ତି ବିଶେଷଙ୍କ ଠାରୁ ଅନୁଦାନ ଲାଭ କରି ସମୃଦ୍ଧି ପଥରେ ଚାଲିଛି ଏହି ମହାନ୍ ଦେବୀ ତୀର୍ଥ ସ୍ଥଳୀ ।

— ✻ —

Digitized by PPRACHIN, SOA

ଶିଖର ପୀଠରେ ପର୍ବପାଳନ ଯାନଯାତ୍ରା ଏବଂ ପୂଜାପଦ୍ଧତି

"ବାଏଁ ଶୋହେ ଭବାନୀ ଔର ଡାହିଁକେ ଶୋହେ ଗଣେଶ ।
ପଞ୍ଚଦେବତା ପୂଜା କରେଁ ବ୍ରହ୍ମା ବିଷ୍ଣୁ ମହେଶ ।।"

ସାଂପ୍ରତିକ ସଭ୍ୟତାରେ ପଞ୍ଚଦେବତାଙ୍କ ପୂଜା ବିଶେଷ ଭବେ ପରିଲକ୍ଷିତ ହୁଏ । ସେମାନେ ହେଲେ ଭବଭୀତି ହାରୀ ମା' ଭବାନୀ, ସୃଷ୍ଟିକର୍ତ୍ତା ବ୍ରହ୍ମା, ପାଳନକର୍ତ୍ତା ବିଷ୍ଣୁ, ସଂହାର ଲୀଳାର ଅଧିକାରୀ ମହେଶ୍ୱର ଏବଂ ବିଘ୍ନ ବିନାଶକ ଦେବ ଗଣେଶ ।

ଶକ୍ତିମୟୀ ମାତା ବାଳକୁମାରୀ ସେହି ଭବାନୀଙ୍କ ଅନ୍ୟତମ ପ୍ରତିରୂପ । ଶାକ୍ତମାନେ କେବଳ ନୁହଁନ୍ତି ସମସ୍ତ ଭକ୍ତିରସାଣିତ ଭକ୍ତମଣ୍ଡଳୀ ଏହି ପୀଠକୁ ଯାତ୍ରା କରନ୍ତି ବର୍ଷର ବିଭିନ୍ନ ସମୟରେ । ଦେବୀଙ୍କ ପ୍ରତ୍ୟକ୍ଷିତା ଯେଉଁମାନେ ଅନୁଭବ କରିଛନ୍ତି ସେମାନଙ୍କର ପରମ ପ୍ରିୟ ତୀର୍ଥସ୍ଥଳୀ ଏହି ଶିଖର ପୀଠ ।

ଦୂରଦେଶରେ କର୍ମରତ ପୁତ୍ର ଏବଂ କନ୍ୟା ମାତାଙ୍କ ପାଖକୁ ଆସିଲେ ଯେମିତି ହଜି ଯାଇଥିବା ପରଶମଣି ପାଇଲା ଭଳି ମନେ କରନ୍ତି, ଠିକ୍ ସେହିଭଳି ଶିଖର ପୀଠରେ ପହଂଚି ଭକ୍ତମାନେ ଭବବିହ୍ୱଳ ହୋଇ ପଡନ୍ତି । ମା' ମା' ଡାକରେ ଗଗନ ପବନ ମୁଖରିତ ହୁଏ । ଧାର ଧାର ଅଶ୍ରୁ ନେତ୍ର କନ୍ଦରରୁ ଝରିପଡେ ।

ପୁନଶ୍ଚ ଏହି ତୀର୍ଥରେ ବର୍ଷର ବିଭିନ୍ନ ସମୟରେ ଅନୁଷ୍ଠିତ ହୁଏ ନାନା ପର୍ବପର୍ବାଣି । ପ୍ରତି ସପ୍ତାହର ମଙ୍ଗଳବାସରରେ ମାତାଙ୍କ ମାଜଣା ଏବଂ ଭୋଗରାଗ ସ୍ୱତନ୍ତ୍ର ରୀତିରେ ସମ୍ପାଦିତ ହୁଏ । ହେଲେ ଚୈତ୍ର ମାସର ମଙ୍ଗଳବାର ବେଳକୁ ବିଶେଷ ଭିଡ ଜମେ ଏହି ଶିଖର ପୀଠରେ ।

ପ୍ରତି ମାସର ସଂକ୍ରାନ୍ତି ତିଥି ଶିଖର ପୀଠର ମାସିକ ଯାତ୍ରାର ଅବସର । ଏହିଦିନ ରୁରିଆଡୁ ଭକ୍ତମଣ୍ଡଳୀ ଠୁଳ ହୁଅନ୍ତି ଦେବୀଙ୍କୁ ଧୂପ, ଦୀପ, ନୈବେଦ୍ୟ ଦେଇ ପରିପୂଜନ କରିବା ପାଇଁ ।

Digitized by PPRACHIN, SOA

ଏତଦ୍‌ବ୍ୟତୀତ ବାର୍ଷିକ ଯାତ୍ରା ରୂପେ ଦେବୀଙ୍କ ପୀଠରେ ନବରତ୍ର ପୂଜା ଉତ୍ସବ ପରିପାଳିତ ହୋଇ ଆସୁଅଛି ବିଗତ ୧୯୮୦ ଖ୍ରୀଷ୍ଟାବ୍ଦ ଠାରୁ । ମହାଳୟା ଠାରୁ ମହାନବମୀ ପର୍ଯ୍ୟନ୍ତ ହୋମ, ଜପ ଧ୍ୟାନ, ମହାମନ୍ତ୍ର, କୀର୍ତ୍ତନ ସମେତ ନାନାଦି ଭଜନ ସମାରୋହ ଅନୁଷ୍ଠିତ ହୁଏ ଦେବୀଙ୍କ ପାବନ ପୀଠରେ । ପ୍ରତ୍ୟହ ହଜାର ହଜାର ନରନାରୀ ଭକ୍ତିଭରା ଅନ୍ତରରେ ପାଗଳ ଭଳି ଛୁଟନ୍ତି ଏହି ଶିଖର ପୀଠକୁ । 'ଜୟମା ବାଳକୁମାରୀ' ଧ୍ୱନିରେ ନିନାଦିତ ହୁଏ ଗଗନ ପବନ । ନାନା ସ୍ଥାନରୁ ନାଟକ, ଲୀଳା ଏବଂ ଯାତ୍ରାଦଳ ଆସି ନାଟକାଭିନୟ କରନ୍ତି ଏହି ନବରତ୍ରରେ ମଧୁର ରଜନୀରେ ।

କି ନବରତ୍ର ପୂଜା, କି ସାପ୍ତାହିକ ମଙ୍ଗଳବାର, କି ସଂକ୍ରାନ୍ତି ଏହି ସମସ୍ତ ଉତ୍ସବ ଅବସରରେ ମା'ଙ୍କ ପୀଠରେ ସେବକମାନଙ୍କ ଅତ୍ୟୁକ୍ତ ସହଯୋଗରେ ପରିଚାଳନାମଣ୍ଡଳୀ ପ୍ରସ୍ତୁତ କରନ୍ତି ଦିବ୍ୟ ଖେଚୁଡ଼ି ପ୍ରସାଦ । ଶ୍ରୀମନ୍ଦିରର ଘୃତାନ୍ନ ମହାପ୍ରସାଦ ଭଳି ଏଠାକାର ଖେଚୁଡ଼ି ପ୍ରସାଦ ସେବନ କରିବାକୁ ଭକ୍ତମାନେ ପ୍ରତୀକ୍ଷା କରିଥାନ୍ତି । ସଂପ୍ରତି ପ୍ରତ୍ୟହ ଅନ୍ନଭୋଗର ସୁଚିନ୍ତିତ ବନ୍ଦୋବସ୍ତ କରା ଯାଇଅଛି ।

ମା' ବାଳକୁମାରୀଙ୍କ ଶିଖର ପୀଠ ଏକ ମନୋଜ୍ଞ ପର୍ଯ୍ୟଟନ କେନ୍ଦ୍ର

ଅଭୟ ବରଦ ହସ୍ତା ପରମ ବୈଷ୍ଣବୀ ଜଗତଜନନୀ ଦେବୀ ବାଳକୁମାରୀଙ୍କ ପୀଠ ଏକ ପାବନ ତୀର୍ଥସ୍ଥଳୀ ରୂପେ କେବଳ ସମଗ୍ର ଦକ୍ଷିଣ ଓଡ଼ଶାରେ ଯେ ବିଖ୍ୟାତ୍ ତାହା ନୁହେଁ, ଏହି ପୀଠକୁ ଏକ ମନୋଜ୍ଞ ପର୍ଯ୍ୟଟନ କେନ୍ଦ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଚିକିଟୀ ପୂର୍ବଦିକ୍ ବିଭଗ ବିରାଜିତ ଏହି ଉତ୍ତୁଙ୍ଗ ଶିଖରୀ ବହୁ ନୈସର୍ଗିକ ସୁଷମାଶ୍ରୀ ବିମଣ୍ଡିତ । ଶୋଭା ସମ୍ପଦ ଏହାର ଅତୀବ ମନୋଲୋଭା ମଧ୍ୟ । ପୀଠର ସୁପ୍ରସାରିତ ପଥରସ୍ଥଳୀ ଉପରେ କ୍ଷଣେ ଉପବେଶନ କଲେ ସ୍ୱର୍ଗୀୟ ଆନନ୍ଦ (Divine Pleasure) ମିଳିଥାଏ । ଏଠାରେ ରତ୍ରି ଯାପନ କରିବା ବିଶେଷ ଶାନ୍ତିପ୍ରଦ । ବାଳକୁମାରୀ ଶିଖର ପୀଠରୁ ପୂର୍ବ ଦିଗକୁ ଅବଲୋକନ କଲେ ପର୍ଯ୍ୟଟକ ଦୂରଦିଗନ୍ତ ଦିଗ୍‌ବଳୟ ତଳେ ବଙ୍ଗୋପସାଗରର ମନମୁଗ୍ଧକର ଭୀମକାନ୍ତ ଦୃଶ୍ୟ ଦେଖି ଆତ୍ମବିଭୋର

Digitized by PPRACHIN, SOA

ହୋଇପଡେ । ଏଠାରୁ-ବାଳସୂର୍ଯ୍ୟଙ୍କ 'ପ୍ରଭାତକାଳୀନ ମନୋଜ୍ଞ ଦୃଶ୍ୟ ଭକ୍ତକୁ ଭାବବିହ୍ୱଳ କରେ । ପୁନଶ୍ଚ ଉତ୍ତର ଦିଗରେ କ୍ରମବିବର୍ଦ୍ଧିତ ବୃକ୍ଷମୟ ବ୍ରହ୍ମପୁର ନଗରୀର ଆଲୋକମାଳା ତରଙ୍ଗାୟିତ ଦୃଶ୍ୟ ଅତ୍ୟନ୍ତ ଚିତ୍ତାକର୍ଷକ । ରେଶମ ସହର ଏହି ବ୍ରହ୍ମପୁର ସତେ ଯେମିତି କର୍ମମୟ ଜୀବନଯାପନ ପାଇଁ ହାତଠାରି ଡାକୁଅଛି ଏହି ପର୍ଯ୍ୟଟକ କେନ୍ଦ୍ରର ପାବନ ତୀର୍ଥଯାତ୍ରୀମାନଙ୍କୁ । ଦକ୍ଷିଣ ସୀମାରେ ପ୍ରାଚୀନ ଚେଟକ ଗଡ଼ର ଉଦ୍ୟାନଖଣ୍ଡ ପରିଶୋଭିତ, ଆମ୍ବ, ପଣସ, ନଡ଼ିଆର ଉପବନମାଳା ନୀଳାଭ ଗଗନ ତଳେ ସବୁଜ ପାଟଶାଢ଼ୀର ବିଭ୍ରମ ସଂଚାର କରେ ।

ପଶ୍ଚିମ ଦିଗରେ ପରିଶୋଭିତ ପ୍ରାଚୀନ କଳା ଏବଂ ସଂସ୍କୃତିର ପୀଠ ଲଲମାଟିର ଐତିହାସିକ ଭୂମି ଟିକିଟୀ । ଆଲୁକାୟିତ କୁନ୍ତଳା ଏହି ଟିକି ସହରର ଏବଂ ଚତୁଃପାର୍ଶ୍ୱସ୍ଥିତ ସମସ୍ତ ଗୃହ, ମନ୍ଦିର, ତଡ଼ାଗ, ତଟିନୀ, କାର୍ଯ୍ୟାଳୟ, ବିଦ୍ୟାଳୟଗୁଡ଼ିକ ଟିକି ଟିକି ଖେଳନା ଆକାରରେ ଦୃଷ୍ଟିଗୋଚର ହୁଅନ୍ତି । ପରମ କୌତୂହଳି ଭକ୍ତମଣ୍ଡଳୀ ନିର୍ଦ୍ଦିଷ୍ଟ ଚିତ୍ତରେ ଦେଖନ୍ତି ଏହି କ୍ଷୁଦ୍ରାକୃତି ପ୍ରାକୃତିକ ଏବଂ କୃତ୍ରିମ ଉପାଦାନ ସବୁ ।

ପର୍ଯ୍ୟାୟକ୍ରମେ ସରକାରୀ ଅନୁଦାନ ଅବଲମ୍ବନରେ ଏଠାକୁ ସଡ଼କ ପଥର ବନ୍ଦୋବସ୍ତ ଚାଲିଅଛି । ପୁନଶ୍ଚ ଏକ ଜଳାଶୟର ଯୋଜନା କରାଗଲେ ନିମ୍ନ ଦେଶର ଭୂଭାଗକୁ ଜଳସେଚନ ସଙ୍ଗେ ସଙ୍ଗେ ତୀର୍ଥଯାତ୍ରୀମାନଙ୍କର ସାମୟିକ ଜଳକଷ୍ଟ ଦୂରୀଭୂତ ହୋଇ ପାରିବ ।

ଅସୀମ ମହିମାମଣ୍ଡିତା ଜଗତଜନନୀ ବାଳକୁମାରୀ ଏବଂ ତାଙ୍କର ପୀଠର ପରିବ୍ୟାପ୍ତି ସମ୍ପର୍କରେ ଲେଖି ବସିଲେ ହୁଏତ ଏକ ମସ୍ତବଡ଼ ଗ୍ରନ୍ଥ ହୋଇ ପଡ଼ିବ । ପ୍ରକାଶନର ସୁବିଧା ଏବଂ ପାଠକଙ୍କ ଅଭିରୁଚିକୁ ଦୃଷ୍ଟି ସମକ୍ଷରେ ରଖି ଯଥାସାଧ୍ୟ ସଂକ୍ଷିପ୍ତ କରିବାକୁ ବାଧ୍ୟ ହେଉଅଛୁ ଆମେ ।

ନ ତାତୋ ନ ମାତା ନ ବନ୍ଧୁର୍ନଦାତା
ନ ପୁତ୍ର ନ ପୁତ୍ରୀ ନ ଭୃତ୍ୟୋ ନ ଭର୍ତ୍ତା;
ନ ଜାୟା ନ ବିଦ୍ୟା ନ ବୃତ୍ତିର୍ମମୈବ
ଗତିସ୍ତ୍ୱଂ ଗତିସ୍ତ୍ୱଂ ତ୍ୱମେକା ଭବାନୀ ।

(ଭବାନ୍ୟଷ୍ଟକମ୍ : ଶଙ୍କରାଚାର୍ଯ୍ୟ)

— ଜୟ ମା' ବାଳକୁମାରୀ —

Digitized by PPRACHIN, SOA